ବର୍ଷ-୨୬, ସଂଖ୍ୟା-୧୮୦
ଭୁବନେଶ୍ୱର
୦୬, ଜୁଲାଇ ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 180
Bhubaneswar
06 July, 2026, Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ଏସଆଇଆର ପ୍ରକ୍ରିୟାରେ କଟିଲା ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ

ଭୁବନେଶ୍ୱର, ୫।୭(ମହାଭାରତ): ଚିଠା ଭୋଟର ତାଲିକା ପ୍ରକାଶ ପାଇଛି । ରାଜ୍ୟରେ ପୂର୍ବରୁ ମୋଟ୍ ୩,୩୩,୯୯,୫୯୧ ନିର୍ବାଚନ ଥିବା ବେଳେ ଚିଠା ଭୋଟର ତାଲିକାରେ ୩,୧୩,୮୭,୦୩୪ ଭୋଟର ରହିଛନ୍ତି । ଏନେଇ ସୂଚନା ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆଁ.ଏସ୍ ଗୋପାଳନ । ରାଜ୍ୟରେ ବର୍ତ୍ତମାନ ରହିଛନ୍ତି ୩ କୋଟି ୧୩ ଲକ୍ଷ ଭୋଟର । ଏସଆଇଆର ପ୍ରକ୍ରିୟାରେ କଟିଛି ୨୦ ଲକ୍ଷ ୧୪ ହଜାର ଭୋଟରଙ୍କ ନାଁ । ଅଯୋଗ୍ୟ ବ୍ୟକ୍ତିଙ୍କୁ ଚିଠା ତାଲିକାରୁ ବାଦ ଦେବା ପ୍ରାଥମିକତା ବୋଲି ସିଇଓ କହିଛନ୍ତି । ତେବେ ଭୁଲରେ କାହାର ନାଁ କଟିଥିଲେ ଏନେଇ ଆବେଦନ କରିପାରିବେ । ବିଏଲଓଙ୍କୁ କଲ୍ କରି ଅଥବା ୱେବସାଇଟରେ ନାଁ ଅଛି କି ନାହିଁ ଚେକ୍ କରିହେବ । ନାଁ ନଥିଲେ ଫର୍ମ-୬ର ଆନେକ୍ସର-୪ ଅନୁଯାୟୀ ଆବେଦନ କରିହେବ । ୧୮ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତେ ଆବେଦନ କରି ପାରିବା ନେଇ ସୂଚନା ମିଳିଛି ।

## ଅଷ୍ଟ୍ରେଲିଆ ବିଶ୍ୱବିଜେତା



ଲଣ୍ଡନ,୫।୭: ଘରୋଇ ଗ୍ରାଉଣ୍ଡରେ ବିଶ୍ୱବିଜେତା ହେବାର ସ୍ୱପ୍ନ ଇଂଲଣ୍ଡ ପାଇଁ ମଉଳିଗଲା । ଆଜି ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ର ଫାଇନାଲରେ ଦଳ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଛି । ଅଷ୍ଟ୍ରେଲିଆ ୭ମ ଥର ପାଇଁ ବିଶ୍ୱବିଜେତା ହୋଇଛି । ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୪ ୱିକେଟ ହରାଇ ୧୫୦ ରନ୍ କରିଥିଲା । ଜବାବରେ ମୁନିଙ୍କ (୬୨) ଓ ଲିଚଫିଲ୍ଡଙ୍କ (୪୪) ରନ୍ ବଳରେ ଅଷ୍ଟ୍ରେଲିଆ ୧୭.୧ ଓଭରରେ ୩ ୱିକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା ।

# ଜାରି ରହିବ ବର୍ଷା

ଭୁବନେଶ୍ୱର,୫।୭(ମହାଭାରତ):ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହା ସଂଲଗ୍ନ ଉତ୍ତର ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳବର୍ତ୍ତୀ ଅଂଚଳରେ ସକ୍ରିୟ ଥିବା ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ଘନୀଭୂତ ହୋଇ ଅବପାତର ରୂପ ନେଇଛି । ଚଳିତ ମୌସୁମୀ ଋତୁରେ ରାଜ୍ୟରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ ଅଧିକ ରହିଛି । ଜୁନ୍ ୧ ତାରିଖରୁ ଏଯାବତ୍ ଓଡ଼ିଶାରେ ମୋଟ ୨୬୫.୫ ମିଲିମିଟର ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷାଠାରୁ ୪ ପ୍ରତିଶତ ଅଧିକ । ଏ ନେଇ ସୂଚନା ଦେଇଛନ୍ତି ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି ।

ଚଳିତ ବର୍ଷା ପ୍ରକୋପ ଶେଷ ନହେଉଣୁ ପାଣିପାଗ ବିଭାଗ ପକ୍ଷରୁ ଆଉ ଏକ ସତର୍କ ସୂଚନା ମିଳିଛି । ଜୁଲାଇ ୧୧ କିମ୍ବା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ନୂଆ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ରାଜ୍ୟରେ ବଡ଼ ଧରଣର ବନ୍ୟା ବା ପ୍ରଳୟଙ୍କରୀ ବର୍ଷାର ଆଶଙ୍କା ନଥିଲେ ମଧ୍ୟ, ବର୍ଷାର ପରିମାଣ ସାମାନ୍ୟ ବୃଦ୍ଧି ପାଇବ । ଲଗାଣ ବର୍ଷା ଯୋଗୁଁ ବିଭିନ୍ନ ତଳିଆ ଅଞ୍ଚଳରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହୋଇଥିବାରୁ ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ଏବଂ ସମସ୍ତ ଜିଲ୍ଲାର ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି ।

ସୂଚନା ଅନୁଯାୟୀ, ବୌଦ୍ଧ ଓ କନ୍ଧମାଳ ଜିଲ୍ଲାରେ ଅତ୍ୟଧିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ସ୍ୱାଭାବିକଠାରୁ ଅଧିକ ଏବଂ ଆଉ ୧୧ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି । ଅନ୍ୟପକ୍ଷରେ, ୬ଟି ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକଠାରୁ କମ୍ ରହିଛି । ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ସମ୍ବଲପୁର, କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ସେ କହିଛନ୍ତି ।

ଏହା ଆଗାମୀ ୨୪ ଘଂଟା ମଧ୍ୟରେ ପଶ୍ଚିମ- ଉତ୍ତରପଶ୍ଚିମ ଦିଗକୁ ଗତି କରି ବାଲେଶ୍ୱର ନିକଟବର୍ତ୍ତୀ ଚାନ୍ଦବାଲି ଏବଂ ଦୀଘା ମଧ୍ୟରେ ଉତ୍ତର ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହା ପରବର୍ତ୍ତୀ ୨୪ ଘଂଟା ମଧ୍ୟରେ ଆହୁରି ପଶ୍ଚିମ- ଉତରପଶ୍ଚିମ ଦିଗକୁ ଗତି କରି ଉତ୍ତର ଓଡ଼ିଶା ଏବଂ ଉତ୍ତର ଛତିଶଗଡ଼ ଅତିକ୍ରମ କରିବା ନେଇ ସମ୍ଭାବନା ଅଧିକ ରହିଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି । ଆସନ୍ତା ୭ ତାରିଖ ପର୍ଯ୍ୟନ୍ତ ପାଗ ଖରାପ ରହିବା ସହିତ ସମୁଦ୍ର ଅଶାନ୍ତ ରହିବାର ସମ୍ଭାବନା ରହିଛି । ତେଣୁ ମତ୍ସ୍ୟଜିବୀ ମାନଙ୍କୁ ଓଡ଼ିଶା ଉପକୂଳ ଏବଂ ବାହାର ସମୁଦ୍ରକୁ ମଧ୍ୟକୁ ମାଛ ଧରିବାକୁ ଯିବାକୁ ବାରଣ କରାଯାଇଛି । ଏହି ସମୟରେ ଓଡ଼ିଶା ଉପକୂଳ ସମୁଦ୍ର ଏବଂ ବାହାରେ ପବନର ବେଗ ଘଂଟା ପ୍ରତି ୪୫ରୁ ୫୫ କି.ମି. ତଥା ଏହାର ଝଟକା ୬୫ କି.ମି. ଛୁଇଁପାରେ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

ସେହିପରି ୬ ତାରିଖ ସକାଳ ଠାରୁ ୭ ତାରିଖ ସକାଳ ସୁଦ୍ଧା ୭ ଜିଲ୍ଲା(ସମ୍ବଲପୁର, ବରଗଡ଼, ସୋନପୁର, ବଲାଙ୍ଗିର, ନୂଆପଡା, ଅନୁଗୁଳ, ବୌଦ୍ଧ)କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୦ ଜିଲ୍ଲା(ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, କେନ୍ଦୁଝର, ଢ଼େଙ୍କାନାଳ, କଟକ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅନୁରୂପ ଭାବେ ୭ ତାରିଖ ସକାଳ ଠାରୁ ୮ ତାରିଖ ସକାଳ ସୁଦ୍ଧା ୩ ଜିଲ୍ଲା(ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ୮ ତାରିଖ ସକାଳ ଠାରୁ ୯ ତାରିଖ ସକାଳ ସୁଦ୍ଧା ୩ ଜିଲ୍ଲା(ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ)କୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ପରବର୍ତ୍ତୀ ୩ ଦିନ ପାଇଁ କୌଣସି ଚେତାବନୀ ନାହିଁ । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରବିବାର ଜାରି ହୋଇଥିବା ଟ୍ୱିଟ୍ ରୁ ଏହି ସୂଚନା ମିଳିଛି ।

## ଆଜିଠୁ ପୁରୀ-କୋରାପୁଟ ଏକ୍ସପ୍ରେସ ଏବଂ ବ୍ରହ୍ମପୁର-ଉଧନା ଅମୃତ ଭାରତ ଏକ୍ସପ୍ରେସର ନିୟମିତ ସେବା

ଭୁବନେଶ୍ୱର, ୫।୭(ମହାଭାରତ): ଓଡ଼ିଶାରେ ରେଳ ସଂଯୋଗୀକରଣକୁ ସୁଦୃଢ଼ କରିବା ଏବଂ ଯାତ୍ରୀ ସେବାରେ ଉନ୍ନତି ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ମୋହନ ଚରଣ ମାଝୀ, ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ଅଶ୍ୱିନୀ ବୈଷ୍ଣବ, ରେଳ, ସୂଚନା ଏବଂ ପ୍ରସାରଣ ତଥା ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ୬ ଜୁଲାଇ ୨୦୨୬ରେ ପୁରୀ ରେଳଷ୍ଟେସନରୁ 'ପୁରୀ-କୋରାପୁଟ ଉଦ୍‌ଘାଟନୀ ସ୍ପେଶାଲ' ଏବଂ ବ୍ରହ୍ମପୁର ରେଳଷ୍ଟେସନରୁ 'ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଉଦ୍‌ଘାଟନୀ ସ୍ପେଶାଲ' (ଯାହା ସପ୍ତାହକୁ ୩ ଦିନ ପରିବର୍ତ୍ତେ ଏଣିକି ଦୈନିକ ସେବାରେ ପରିଣତ ହେଉଛି) ର ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିବେ ।



ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ଯାତ୍ରୀବାହୀ ସେବା ଓଡ଼ିଶା ଭିତରେ ଏବଂ ଓଡ଼ିଶା ସହିତ ପଶ୍ଚିମ ଭାରତର ସଂଯୋଗୀକରଣକୁ ଯଥେଷ୍ଟ ଉନ୍ନତ କରିବ, ଏଥିସହିତ ପର୍ଯ୍ୟଟନ, ବାଣିଜ୍ୟ, ନିଯୁକ୍ତି ସୁଯୋଗ ଏବଂ ଆଞ୍ଚଳିକ ସାମାଜିକ-ଅର୍ଥନୈତିକ ବିକାଶକୁ ପ୍ରୋତ୍ସାହିତ କରିବ । ପୁରୀ-କୋରାପୁଟ ଏକ୍ସପ୍ରେସର ନିୟମିତ ସମୟସୂଚୀ ପୃଥକ ଭାବେ ଜଣାଇ ଦିଆଯିବ ।

ପୁରୀ-କୋରାପୁଟ ଏକ୍ସପ୍ରେସର ପ୍ରଚଳନ ଦ୍ୱାରା ପବିତ୍ର ସହର ପୁରୀ ଏବଂ ଆଦିବାସୀ ବହୁଳ ଅଞ୍ଚଳ କୋରାପୁଟ ମଧ୍ୟରେ ସିଧାସଳଖ ରେଳ ସଂଯୋଗ ପ୍ରଦାନ କରି ଜନସାଧାରଣଙ୍କ ଏକ ଦୀର୍ଘଦିନର ଆଶାକୁ ପୂରଣ କରିବ । ଏହି ଟ୍ରେନ୍ ରାଜ୍ୟର ବିଭିନ୍ନ ଧାର୍ମିକ ସ୍ଥଳ, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟ ସେବା କେନ୍ଦ୍ର ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ଯାତାୟାତ ସହଜ କରି ଶ୍ରଦ୍ଧାଳୁ, ପର୍ଯ୍ୟଟକ, ଛାତ୍ରଛାତ୍ରୀ, ରୋଗୀ, ବ୍ୟବସାୟୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ବହୁ ପରିମାଣରେ ଉପକୃତ କରିବ ।

ଏହି ଉଦ୍‌ଘାଟନୀ ସ୍ପେଶାଲ୍ ନିୟମିତ ଟ୍ରେନ୍ ନମ୍ବର ୧୮୪୦୭/୧୮୪୦୮ ପୁରୀ-କୋରାପୁଟ-ପୁରୀ ଏକ୍ସପ୍ରେସର ପ୍ରାରମ୍ଭକୁ ସୂଚିତ କରେ, ଏହି ଟ୍ରେନର ବିସ୍ତୃତ ସମୟସୂଚୀ ପୃଥକ ଭାବରେ ଘୋଷଣା କରାଯିବ । ଏହି ଟ୍ରେନଟି ଖୋର୍ଦ୍ଧା ରୋଡ୍, ଭୁବନେଶ୍ୱର, ଅନୁଗୁଳ, ସମ୍ବଲପୁର, ବରଗଡ଼ ରୋଡ୍, ବଲାଙ୍ଗୀର, ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟଗଡ଼ା, କାକିରିଗୁମା ଏବଂ ଦାମନଯୋଡ଼ି ଦେଇ ଚଳାଚଳ କରିବ, ଯାହାଫଳରେ ଉପକୂଳ, ପଶ୍ଚିମ ଏବଂ ଦକ୍ଷିଣ ଓଡ଼ିଶା ମଧ୍ୟରେ ରେଳ ସଂଯୋଗୀକରଣ ଅଧିକ ସୁଦୃଢ଼ ହେବ । ଏହି ଟ୍ରେନ୍ ପୁରୀରୁ ସୋମବାର, ଗୁରୁବାର ଓ ଶନିବାର ଏବଂ କୋରାପୁଟରୁ ମଙ୍ଗଳବାର, ଶୁକ୍ରବାର ଓ ରବିବାର ଦିନ ଚାଲିବ, ଯାହା ସମଗ୍ର ଅଞ୍ଚଳର ଯାତ୍ରୀମାନଙ୍କୁ ସୁବିଧାଜନକ ଯାତ୍ରା ବିକଳ୍ପ ପ୍ରଦାନ କରିବ ।

ବ୍ରହ୍ମପୁର-ଉଧନା (ସୁରଟ) ଅମୃତ ଭାରତ ଏକ୍ସପ୍ରେସ, ଯାହା ବର୍ତ୍ତମାନ ସପ୍ତାହରେ ତିନି ଦିନ ଚଳାଚଳ କରୁଛି, ଏହା ଓଡ଼ିଶାକୁ ଗୁଜରାଟ ସହିତ ସଂଯୋଗ କରୁଥିବା ଏକ ଗୁରୁତ୍ୱପୂର୍ଣ୍ଣ ରେଳ ସଂଯୋଗ ଭାବରେ ଉଭା ହୋଇଛି ଏବଂ ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ମହାରାଷ୍ଟ୍ର ଏବଂ ଗୁଜରାଟର ଗୁରୁତ୍ୱପୂର୍ଣ୍ଣ ଗନ୍ତବ୍ୟସ୍ଥଳଗୁଡ଼ିକୁ ସେବା ଯୋଗାଇଛି । ଏହାକୁ ଦୈନନ୍ଦିନ ସେବାରେ ପରିଣତ କରିବା ଦ୍ୱାରା ଯାତ୍ରୀଙ୍କ ସୁବିଧା ଯଥେଷ୍ଟ ବୃଦ୍ଧି ପାଇବ ଏବଂ ଅଧିକ ଯାତ୍ରା ସୁବିଧା ପ୍ରଦାନ କରିବ । ଏହି ବର୍ଦ୍ଧିତ ସେବା ଶ୍ରମିକ, ଛାତ୍ରଛାତ୍ରୀ, ବ୍ୟବସାୟୀ ଏବଂ ଅନ୍ୟାନ୍ୟ ଯାତ୍ରୀମାନଙ୍କର ସୁଗମ ଗତିବିଧିକୁ ସହଜ କରିବ, ଏଥିସହ ପ୍ରମୁଖ ଶିଳ୍ପ, ବାଣିଜ୍ୟ ଏବଂ ନିଯୁକ୍ତି କେନ୍ଦ୍ରଗୁଡ଼ିକ ମଧ୍ୟରେ ସଂଯୋଗୀକରଣକୁ ସୁଦୃଢ଼ କରିବ । ଏହି ଟ୍ରେନ୍ ଦ୍ୱାରା ସେବା ପାଉଥିବା ରାଜ୍ୟଗୁଡ଼ିକ ମଧ୍ୟରେ ବାଣିଜ୍ୟ, ବ୍ୟବସାୟିକ କାର୍ଯ୍ୟକଳାପ ଏବଂ କର୍ମଚାରୀଙ୍କ ଗତିଶୀଳତାକୁ ମଧ୍ୟ ସମର୍ଥନ କରିବ । ଏହି ନୂତନ ରେଳ ସେବାଗୁଡ଼ିକ ରେଳ ସଂଯୋଗୀକରଣର ସମ୍ପ୍ରସାରଣ, ଯାତ୍ରୀ ସୁବିଧାରେ ଉନ୍ନତି ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ସମର୍ଥନ କରିବା ପାଇଁ ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ପୁନର୍ବାର ପ୍ରମାଣିତ କରୁଛି । ଏହି ପଦକ୍ଷେପଗୁଡ଼ିକ ପର୍ଯ୍ୟଟନ, ବାଣିଜ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଅର୍ଥନୈତିକ ଅଭିବୃଦ୍ଧିକୁ ବହୁଳ ଭାବେ ପ୍ରୋତ୍ସାହିତ କରିବ ବୋଲି ଆଶା କରାଯାଉଛି, ଯାହା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସଂକଳ୍ପକୁ ସାକାର କରିବାରେ ପ୍ରମୁଖ ଯୋଗଦାନ ଦେବ ।

## ଇସ୍କନର ଅଦିନିଆ ସ୍ନାନଯାତ୍ରା, ରଥଯାତ୍ରା ପାଳନକୁ ଗଜପତିଙ୍କ ବିରୋଧ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି

ଭୁବନେଶ୍ୱର, ୫।୭(ମହାଭାରତ): ଇସ୍କନର ଅଦିନିଆ ସ୍ନାନଯାତ୍ରା, ରଥଯାତ୍ରା ପାଳନକୁ ଗଜପତି ମହାରାଜ ବିରୋଧ କରିଛନ୍ତି । ଏନେଇ ସେ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖି ଅସନ୍ତୋଷ ଜାହିର କରିଛନ୍ତି । ଇସ୍କନର ଗଭର୍ଣ୍ଣିଂ ବଡି କମିଶନକୁ ପୁଣିଥରେ ଚିଠି ଲେଖିଛନ୍ତି ଗଜପତି ମହାରାଜା । ଚିଠିରେ ଗଜପତି କହିଛନ୍ତି ଯେ, ଇସ୍କନ ପକ୍ଷରୁ ସ୍ନାନ ଯାତ୍ରା ଓ ରଥଯାତ୍ରା ଭିନ୍ନ ଭିନ୍ନ ସମୟରେ ହେଉଛି । ତିଥି ଅନୁସାରେ ପାଳନ କରିବା ସହ ଗୋଟିଏ ସମୟରେ କରିବାକୁ ଚିଠିରେ ଲେଖିଛନ୍ତି । ଗଜପତି କହିଛନ୍ତି ଯେ,



ଶ୍ରୀଜଗନ୍ନାଥ ସଂସ୍କୃତି ଅନୁଯାୟୀ ସମଗ୍ର ବିଶ୍ୱରେ ଗୋଟିଏ ତିଥିରେ ପାଳନ ହେଉ । ତିଥି ବ୍ୟତୀତ ଅନ୍ୟ କୌଣସି ସମୟରେ ଯାତ୍ରା ପାଳନ ଗ୍ରହଣୀୟ ନୁହେଁ । ଜ୍ୟେଷ୍ଠ ପୂର୍ଣ୍ଣିମାରେ ହିଁ ସାରା ବିଶ୍ୱର ଇସ୍କନ ମନ୍ଦିର ସ୍ନାନ ଯାତ୍ରା କରନ୍ତୁ । ନବଦିନାତ୍ମକ ଯାତ୍ରା ସମୟରେ ରଥଯାତ୍ରା କରିବାକୁ ଗଜପତି ଅନୁରୋଧ କରିଛନ୍ତି । ଆଷାଢ଼ ଶୁକ୍ଳ ପକ୍ଷ ଦ୍ୱିତୀୟା ଠାରୁ ଆରମ୍ଭ ହୁଏ ନବଦିନାତ୍ମକ ଯାତ୍ରା । ୨୦୨୫ରେ ଜିବିସି ନେଇଥିବା ନିଷ୍ପତ୍ତିର ପୁନର୍ବିଚାର କରିବାକୁ ଅନୁରୋଧ କରିଛନ୍ତି ଗଜପତି ।

## ସୁସ୍ଥ ହେଉଛନ୍ତି ମହାପ୍ରଭୁ

ପୁରୀ,୫।୭(ମହାଭାରତ): ସ୍ନାନପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପୀଡ଼ିତ ହୋଇ ଅଣସର ଗୃହରେ ରହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରା । ଏବେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ଉପଚାର ଚାଲିଥିବା ବେଳେ ଆଜି ପବିତ୍ର ଅଣସର ଷଷ୍ଠୀ ତିଥିରେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ 'ଓଷ' ବା ବିଶେଷ ଆୟୁର୍ବେଦିକ ଔଷଧ ଲାଗି ଆରମ୍ଭ କରାଯାଇଛି ।



ଏହି ପ୍ରକ୍ରିୟା ଆସନ୍ତା ୩ ଦିନ ଧରି ଚାଲିବ ବୋଲି ସୂଚନା ମିଳିଛି । ଶ୍ରୀମନ୍ଦିରର ପରମ୍ପରା ଅନୁଯାୟୀ, ଗତକାଲି (ଶନିବାର) ପଞ୍ଚମୀ ତିଥିରେ ଶ୍ରୀବିଗ୍ରହମାନଙ୍କୁ ଦଇତାପତି ସେବକମାନେ ପ୍ରସିଦ୍ଧ 'ଫୁଲୁରି ତେଲ' ଲାଗି କରିଥିଲେ । ଏହାପରେ ଆଜି ଠାରୁ ଶ୍ରୀମନ୍ଦିର ରାଜବୈଦ୍ୟଙ୍କ ପରାମର୍ଶ କ୍ରମେ ଆୟୁର୍ବେଦିକ ପଦ୍ଧତିରେ ଏହି ଓଷ ଲାଗି ନୀତି ସମ୍ପନ୍ନ ହେବ । ଘନ ଅନ୍ଧକାର ଗୃହ ମଧ୍ୟରେ ମହାପ୍ରଭୁଙ୍କର ଏହି ଗୁପ୍ତ ଉପଚାର କରାଯାଇଥାଏ । ବିଶ୍ୱାସ ରହିଛି ଯେ, ଫୁଲୁରି ତେଲ ଏବଂ ଓଷ ଲାଗି ପରେ ଜ୍ୱରରେ କମ୍ପୁଥିବା ମହାପ୍ରଭୁ ଧୀରେ ଧୀରେ ସୁସ୍ଥ ହୋଇଥାନ୍ତି ଏବଂ ନବଯୌବନ ରୂପରେ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ସେପଟେ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଆଉ ମାତ୍ର କେଇଟା ଦିନ ବାକି ଥିବାରୁ ଶ୍ରୀକ୍ଷେତ୍ର ରଥଖଳାରେ ତିନି ରଥର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି । ଭୋଇ ଏବଂ ମହାରଣା ସେବକମାନେ ତିନି ରଥର ଚାରିପାଖରେ କଣି ଫାଉଡି ସଂଯୋଗ କରିବା ସହ ମଣ୍ଡଣି ବତା କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାରେ ଲାଗିଛନ୍ତି । ଚିତ୍ରକର ସେବକମାନେ ରଥର ସାରଥୀ, ଘୋଡ଼ା ଏବଂ ପ୍ରଭାରେ ଆକର୍ଷଣୀୟ ରଙ୍ଗ ଦେଉଛନ୍ତି । ଏହା ସହିତ ରଥଗୁଡ଼ିକର ବାହ୍ୟ ଅଂଶରେ ପାରମ୍ପରିକ ଚିତ୍ରକଳା ଓ ରଙ୍ଗ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଅଣସର ଗୃହରେ ମହାପ୍ରଭୁଙ୍କ ଗୁପ୍ତ ନୀତି ଚାଲିଥିବା ବେଳେ ବାହାରେ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଦେଖି ଭକ୍ତମାନେ ଭାବବିହ୍ୱଳ ହେଉଛନ୍ତି । ସମସ୍ତେ ଚାତକ ଭଳି ଚକାନୟନଙ୍କ ନବଯୌବନ ଦର୍ଶନ ଓ ରଥଯାତ୍ରାକୁ ଅପେକ୍ଷା କରି ରହିଛନ୍ତି ।

## 'ଶ୍ୟାମାପ୍ରସାଦଙ୍କ ବଳିଦାନ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇରହିଛି'

ଭୁବନେଶ୍ୱର, ୫।୭(ମହାଭାରତ): ଡା.ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଜୀବନ ଏହି ଦେଶ ପାଇଁ ଏମିତି ଏକ ଅମୂଲ୍ୟ ଉପହାର, ଯାହା ପ୍ରତିଟି ଭାରତବାସୀଙ୍କୁ ରାଷ୍ଟ୍ରଭକ୍ତି ଓ ସେବାର ଅନନ୍ତ ପ୍ରେରଣା ଦେଇଥାଏ । ଭାରତୀୟ ଶିକ୍ଷା, ସଂସ୍କୃତି, ପରମ୍ପରା ଓ ରାଷ୍ଟ୍ରବୋଧର ଉତ୍‌ଥାନ ପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ । ସେ କେବଳ ଜଣେ ଅନନ୍ୟ ଶିକ୍ଷାବିତ୍ ନ ଥିଲେ, ବରଂ ଏକ ସମର୍ପିତ ରାଷ୍ଟ୍ରନେତା ଓ ଦୂରଦୃଷ୍ଟି ସମ୍ପନ୍ନ ଚିନ୍ତକ ଥିଲେ । ଆସନ୍ତା କାଲି ହେଉଛି ତାଙ୍କ ଜନ୍ମଦିନ । ଜୟନ୍ତୀର ଅବ୍ୟବହିତ ପୂର୍ବରୁ ଆମ ଦଳର ମହାନ୍ ଆଦର୍ଶ ତଥା ଦେଶର ଏହି ମହାନ୍ ଜନନାୟକଙ୍କ ଚରଣ କମଳରେ ମୁଁ ମୋର କୋଟି କୋଟି ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି ।

ମହିଳା ମୋର୍ଚ୍ଚା ତରଫରୁ ଆୟୋଜିତ ଡା.ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୧୨୫ ତମ ଜୟନ୍ତୀ କାର୍ଯ୍ୟକ୍ରମ ଅବସରରେ ଛାତ୍ରୀ ସମ୍ମିଳନୀରେ ଯୋଗ ଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ୧୯୦୧ ମସିହା ଜୁଲାଇ ୬ ତାରିଖରେ ଜନ୍ମ ଗ୍ରହଣ କରିଥିବା ଡା.ମୁଖାର୍ଜୀ ତାଙ୍କ ପିତା ତଥା ବଙ୍ଗଳାର ପ୍ରସିଦ୍ଧ ଶିକ୍ଷାବିତ୍ ସାର୍ ଆଶୁତୋଷ ମୁଖାର୍ଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ନିଜର ଶିକ୍ଷାଗତ ଯୋଗ୍ୟତାରେ ସର୍ବୋଚ୍ଚ ସଫଳତା ହାସଲ କରିଥିଲେ । ମାତ୍ର ୩୩ ବର୍ଷ ବୟସରେ ସେ କଲିକତା ବିଶ୍ୱବିଦ୍ୟାଳୟର ସର୍ବକନିଷ୍ଠ କୁଳପତି ଭାବେ ଦାୟିତ୍ୱ ନେଇ ଶିକ୍ଷା କ୍ଷେତ୍ରରେ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିଥିଲେ । ଭାରତୀୟ ଭାଷା, ବିଶେଷ କରି ବଙ୍ଗଳା, ହିନ୍ଦୀ ଓ ଉର୍ଦ୍ଦୁର ବିକାଶ ପାଇଁ ତାଙ୍କର ପଦକ୍ଷେପ ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ସେହିପରି ସ୍ୱାଧୀନତା ଆନ୍ଦୋଳନ ଏବଂ ସ୍ୱାଧୀନ ଭାରତର ପ୍ରଥମ ଅନ୍ତରୀଣ ମନ୍ତ୍ରିମଣ୍ଡଳରେ ଶିଳ୍ପ ଓ ଯୋଗାଣ ମନ୍ତ୍ରୀ ଭାବେ ତାଙ୍କର ଯୋଗଦାନ ଅତୁଳନୀୟ ଥିଲା । ସମ୍ବିଧାନ ପ୍ରଣୟନ ସଭାର ସଦସ୍ୟ ଭାବେ ସେ ଦେଶର ଭବିଷ୍ୟତ ନିର୍ମାଣରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ।

ଶ୍ୟାମାପ୍ରସାଦ ହିନ୍ଦୁମାନଙ୍କ ସ୍ୱାର୍ଥରକ୍ଷା ପାଇଁ ହିନ୍ଦୁବହୁଳ ବଙ୍ଗପ୍ରଦେଶର ପଶ୍ଚିମଭାଗକୁ ଭାରତରେ ମିଶ୍ରଣ କରିବା ପାଇଁ ପ୍ରବଳ ଜନମତ ପ୍ରସ୍ତୁତ କରି ଏ ଦିଗରେ ସଫଳ ହୋଇଥିଲେ । ବଙ୍ଗପ୍ରଦେଶରେ ବିଶିଷ୍ଟ ଲୋକମାନଙ୍କୁ ନେଇ ଏକ ହିନ୍ଦୁ ସମ୍ମିଳନୀ କରାଯାଇ ଏହି ପ୍ରସ୍ତାବକୁ ପାରିତ କରାଯାଇଥିଲା । କଲିକତା ସହର ସହିତ ଅର୍ଦ୍ଧେକ ବଙ୍ଗ ପ୍ରଦେଶ ଭାରତରେ ରହିଥିଲା । ଏହାପଛରେ ଶ୍ୟାମାପ୍ରସାଦଙ୍କ ଅଖଣ୍ଡ ଉଦ୍ୟମ ହିଁ ରହିଥିଲା । କିଛି ଲୋକ ସ୍ୱତନ୍ତ୍ର ବଙ୍ଗ ରାଜ୍ୟ ପାଇଁ ଯୁକ୍ତି ବାଢିଥିଲେ, ମାତ୍ର ତାହା ପଣ୍ଡ ହୋଇଯାଇଥିଲା । ଶ୍ୟାମାପ୍ରସାଦଙ୍କ ସଂସଦୀୟ କାର୍ଯ୍ୟପ୍ରଣାଳୀ ଏବଂ ସଂସଦୀୟ ବିତର୍କ ତାଙ୍କୁ ଜଣେ ମହାନ ସାଂସଦ ଭାବେ ପ୍ରସିଦ୍ଧି ଲାଭ କରାଇଥିଲା । ଦେଶର ଜଣେ ନିର୍ବିବାଦୀୟ ନେତା ଭାବରେ ହିନ୍ଦୁ ମହାସଭା ଦଳରେ ଥିଲେ ସୁଦ୍ଧା ତାଙ୍କୁ ସ୍ୱାଧୀନ ଭାରତର ପ୍ରଥମ ମନ୍ତ୍ରୀମଣ୍ଡଳରେ ସ୍ଥାନ ମିଳିଥିଲା । ଶ୍ୟାମାପ୍ରସାଦଙ୍କ ଭଳି ଦୃଢ଼ ନେତୃତ୍ୱର ସମର୍ଥନ ପାଇ ସର୍ଦ୍ଦାର ପଟେଲ ଭାରତରେ ମିଶିବାକୁ ଚାହୁଁନଥିବା ହାଇଦ୍ରାବାଦ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ କରିଥିଲେ ଏବଂ ଶେଷରେ ହାଇଦ୍ରାବାଦ ଭାରତରେ ମିଶିଥିଲା । ଦୁଇବର୍ଷରୁ କମ୍ କାର୍ଯ୍ୟକାଳ ଭିତରେ ଉଦ୍ୟୋଗ ଓ ଯୋଗାଣ ମନ୍ତ୍ରୀ ଭାବେ ଶ୍ୟାମାପ୍ରସାଦ ଦେଶର ନୂତନ ଶିଳ୍ପନୀତି ପ୍ରସ୍ତୁତ କରିବା ସହିତ ଦେଶର ଆର୍ଥିକ ନୀତି ଓ ଉଦ୍ୟୋଗ ନୀତିର ଢାଂଚା ପ୍ରସ୍ତୁତ କରିଥିଲେ ।




ଦେଶ ବିଭାଜନ ପରେ ପାକିସ୍ତାନରେ ହିନ୍ଦୁମାନଙ୍କ ଉପରେ ଭୀଷଣ ଅତ୍ୟାଚାର ହେବା କାରଣରୁ ହଜାର ହଜାର ହିନ୍ଦୁ ପାକିସ୍ତାନ ଛାଡି ଜୀବନ ବିକଳରେ ଭାରତକୁ ଆସି ଶରଣାର୍ଥୀ ଜୀବନ ଯାପନ କରୁଥିଲେ । ପଣ୍ଡିତ ନେହେରୁ ଏହାର ସମାଧାନ ପାଇଁ ପାକିସ୍ତାନର ପ୍ରଧାନମନ୍ତ୍ରୀ ଲିଆକତ ଅଲିଙ୍କ ସହିତ ସନ୍ଧିଚୁକ୍ତି କରିବାପାଇଁ ସ୍ଥିର କରିଥିଲେ । ପାକିସ୍ତାନରେ ହେଉଥିବା ସମସ୍ତ ହିଂସାକାଣ୍ଡ ସୂତ୍ରଧର ଲିଆକତ ଅଲ୍ଲୀ ହୋଇଥିବାରୁ ଏହି ସନ୍ଧିକୁ ବିରୋଧ କରି ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଦେଲେ । ସଂଘର ମୁଖ୍ୟ ଶ୍ରୀ ଗୋଲ୍‌ୱାଲକରଙ୍କୁ ଭେଟି ଦେଶରେ ଏକ ବିକଳ୍ପ ରାଜନୈତିକ ଦଳ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ନୂତନ ଦଳରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ, ବଳରାଜ ମାଧୋକ, ଅଟଳ ବିହାରୀ ବାଜପେୟୀ, କୁଶାଭାଉ ଠାକ୍‌ରେ, ନାନାଜୀ ଦେଶମୁଖ, ସୁନ୍ଦର ସିଂ ଭଣ୍ଡାରୀ ଆଦି ବଛାବଛା କାର୍ଯ୍ୟକର୍ତ୍ତାଙ୍କୁ ସାମିଲ କରାଯାଇଥିଲା । ସାରା ଦେଶରୁ ଆସିଥିବା ନେତାମାନଙ୍କ ସହିତ ବିଚାର ବିମର୍ଷ କରି ୧୯୫୧ ମସିହା ଅକ୍ଟୋବର ମାସ ୨୧ ତାରିଖରେ ଦିଲ୍ଲୀର ରାଧେମାଲ କନ୍ୟାଶ୍ରମ ଠାରେ "ଭାରତୀୟ ଜନସଂଘ" ଦଳର ସ୍ଥାପନା କରାଗଲା । ଦିଲ୍ଲୀ ସ୍ଥିତ ଗୁରୁଦ୍ୱାରା ଶିଶଗଞ୍ଜ ଠାରେ ଶ୍ୟାମାପ୍ରସାଦ ନିଜର ପ୍ରଥମ ଅଧକ୍ଷୀୟ ଭାଷଣରେ ଭାରତର ପୁନଃନିର୍ମାଣ, ବିକଶିତ ଓ ସମୃଦ୍ଧଶାଳୀ ଦେଶ ଗଠନର ଲକ୍ଷ୍ୟକୁ ଘୋଷଣା କରିଥିଲେ । ଭାରତର ସଂସ୍କୃତି ଓ ଐତିହ୍ୟର ଉଚିତ୍ ମୂଲ୍ୟାଙ୍କନ ଓ ସଦୁପଯୋଗ କରିବା ପାଇଁ ଜୋର ଦିଆଗଲା ।

## ଆଜି କଟକ ଜିଲ୍ଲାର ସବୁ ଶିକ୍ଷାନୁଷ୍ଠାନ ଛୁଟି

କଟକ,୫।୭(ମହାଭାରତ): ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତାକାଲି ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଏଥିରେ କୁହାଯାଇଛି ଯେ, ରାଜ୍ୟର କିଛି ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ, ଯେଉଁଥିରେ କଟକ ଜିଲ୍ଲା ମଧ୍ୟ ସାମିଲ ରହିଛି । ପାଣିପାଗ ବିଭାଗର ସତର୍କ ସୂଚନା ପରେ କଟକ ଜିଲ୍ଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଜିଲ୍ଲାପାଳ ଆଜି ନିର୍ଦ୍ଦେଶନାମା ଜାରି କରିବା ସହିତ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଆସନ୍ତାକାଲି (ଜୁଲାଇ ୬) ତାରିଖ ପାଇଁ ଛୁଟି ଘୋଷଣା କରିଛନ୍ତି । ଏହି ହିସାବରେ କଟକ ଜିଲ୍ଲାରେ ଆସନ୍ତାକାଲି ସମସ୍ତ ସରକାରୀ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ଏଥିରେ ଅଙ୍ଗନବାଡ଼ି, ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ସାମିଲ ରହିଛି । ସେହିପରି ମହାନଦୀରେ ଗାଧୋଇବା, ପହଁରିବା ଉପରେ କଟକଣା ଜାରି ହୋଇଛି । ଶିକ୍ଷାନୁଷ୍ଠାନ ଛୁଟି ନେଇ କଟକ ମହାନଗର ନିଗମ ଏବଂ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶନାମା ଜାରି ହୋଇଛି । ନଦୀଘାଟରେ ସତର୍କମୂଳକ ପଦକ୍ଷେପ ନେବା ପାଇଁ ଏଥିରେ ପରାମର୍ଶ ଦିଆଯାଇଛି । ସେହିପରି ସମସ୍ତ ଥାନାର ଆଇଆଇସିଙ୍କୁ ମଧ୍ୟ ପ୍ରସ୍ତୁତ ରହିବାକୁ କୁହାଯାଇଛି । ଘରୋଇ ଏବଂ ସରକାରୀ ସଂସ୍ଥା ଦ୍ୱାରା ପରିଚାଳିତ ସମସ୍ତ ନିର୍ମାଣ କାମ ଆସନ୍ତାକାଲି ବନ୍ଦ ରହିବ ।

## ଚିକେନ ଗୁପଚୁପ

ଆବଶ୍ୟକ ସାମଗ୍ରୀ : ଚିକେନ୍, ଲୁଣ, ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ପିଆଜ, ପିଆଜ, ଅଦା, ରସୁଣ ପେଷ୍ଟ, କଲର ପାଉଡର, ସୋରିଷ ତେଲ, ଚିକେନ ପାଉଡର, ଗରମ ମସଲା ଓ ବଜାରରେ ମିଳୁଥିବା ଶୁଖା ଗୁପଚୁପ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ବଜାରରେ ମିଳୁଥିବା ଶୁଖା ଗୁପଚୁପକୁ ଆ ।ଣି ତାକୁ ଛାଣି ଏକ ପାତ୍ରରେ ରଖି ଦିଅନ୍ତୁ। ପରେ ଛୋଟ ଛୋଟ ପିସ୍ ହୋଇଥିବା ଚିକେନକୁ ଭଲ ଭାବେ ଧୋଇ ଦିଅନ୍ତୁ। ଏହା ପରେ କରେଇରେ ସୋରିଷ ତେଲ ଗରମ କରନ୍ତୁ। ସେଥିରେ କଟା ପିଆଜ ପକାଇ ଭାଜନ୍ତୁ। ପିଆଜ ଲାଲ ହୋଇଯିବା ପରେ ସେଥିରେ ପିଆଜ, ଅଦା ଓ ରସୁଣ ପେଷ୍ଟ ପକାନ୍ତୁ। ତାକୁ ଭଲ ଭାବରେ କଷନ୍ତୁ। ଏହା ପରେ ସେଥିରେ ଲଙ୍କା ଗୁଣ୍ଡ, ଜିରା ଗୁଣ୍ଡ ଓ ଧନିଆ ଗୁଣ୍ଡ, ଚିକେନ କରି ପାଉଡର ପକାନ୍ତୁ। ଏହା ସହ କିଛି କଲର ପାଉଡର ପକାଇ ଭଲ ଭାବରେ କଷନ୍ତୁ ଯ ଏବେ ସେଥିରେ ସ୍ୱାଦ ଅନୁଯାୟୀ ଲୁଣ ଓ ହଳଦୀ ପକାନ୍ତୁଯ ମସଲା ଭଲ ଭାବେ କଷି ହୋଇଯିବା ପରେ ପ୍ଲେଟରେ ଥିବା ଚିକେନ୍ ପକାଇ କଷନ୍ତୁ। ଗ୍ୟସକୁ ସିମ୍ କରି ସିଝିବା ପାଇଁ କିଛି ସମୟ ଛାଡି ଦିଅନ୍ତୁ। ଏହା ସିଝିବା ପରେ ସେଥିରେ ଗରମ ମସଲା ପକାଇ ଓହ୍ଲାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ଗୁପଚୁପ ପାଇଁ ଚିକେନ୍ ମସଲା। ଏହାପରେ ପୁଦିନା ପତ୍ର,ରେ ଲୁଣ ମିଶାଇ ତାକୁ ଗ୍ରାଇଣ୍ଡିଂ କରି ଚଟଣୀ ପ୍ରସ୍ତୁତ କରନ୍ତି। ଏହା ପରେ ଛଣା ଗୁପଚୁପରେ ଚିକେନ ମସଲା ପୂରକୁ ପୁରାନ୍ତୁ। ସେଥିରେ ଟିକିଏ ପୁଦିନା ଚଟଣି ପକାଇ ଦିଅନ୍ତୁଯ ପ୍ରସ୍ତୁତ ହୋଇଗଲା ଚିକେନ ଗୁପଚୁପ।



**ଖବର**

## ଚର୍ଚ୍ଚାରେ ବଲିଉଡ ନାୟିକା ଶ୍ରଦ୍ଧା କପୁରଙ୍କ ପାରିଶ୍ରମିକ



ସ୍ତ୍ରୀ ଏବଂ ସ୍ତ୍ରୀ ୨ ଭଳି ଫିଲ୍ମର ସଫଳତା ପରେ, ଶ୍ରଦ୍ଧା କପୁର ତାଙ୍କର ପ୍ରାଇସ୍ ବୃଦ୍ଧି କରିଛନ୍ତି। 'ଇଠା'ରେ ବିଠାବାଇ ନାରାୟଣଗାଓଁକର ଭୂମିକା ପାଇଁ ସେ କୋଟି କୋଟି ଟଙ୍କା ନେଇଥିବା ଚର୍ଚ୍ଚା ହେଉଛି। ଶ୍ରଦ୍ଧା କପୁର ତାଙ୍କର ଆଗାମୀ ଫିଲ୍ମ 'ଇଠା' ପାଇଁ ତାଙ୍କର ଫିସ୍ ୧୫ କୋଟିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ, ସେ ସ୍ତ୍ରୀ ୨ ପାଇଁ ୫ କୋଟି ଏବଂ ତୁ ଝୁଠି ମୈଁ ମକ୍କର ପାଇଁ ୭ କୋଟି ପାଇଥିଲେ। ଫିଲ୍ମର ପ୍ରଯୋଜକ ଦିନେଶ ବିଜନ ବି ଏକଥାକୁ ସ୍ୱୀକାର କରିବା ସହ କହିଛନ୍ତି ଯେ ଏହି ଫିଲ୍ମ ଶ୍ରଦ୍ଧାଙ୍କ କ୍ୟାରିଅର ପାଇଁ ଗୁରୁତ୍ୱପୂର୍ଣ୍ଣ।'ଇଠା' ଆସନ୍ତା ଅଗଷ୍ଟ ୨୮ ତାରିଖରେ ମୁକ୍ତିଲାଭ କରିବ। ଏଥିରେ ଶ୍ରଦ୍ଧାଙ୍କ ସମେତ ରଣଦୀପ ହୁଡ୍ଡା ଓ ମହମ୍ମଦ ଜୀଶାନ ଆୟୁବ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ। ଶ୍ରଦ୍ଧା କପୁରଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ଇଠା'କୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ନିକଟରେ ଏହାର ଟିଜର୍ ଆସିଥିଲା, ଯେଉଁଥିରେ ଶ୍ରଦ୍ଧାଙ୍କ ଅବତାର ଓ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ତେବେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ବିବାଦୀୟ ହୋଇଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ନୃତ୍ୟଶିଳ୍ପୀ ବିଠାବାଈ ନାରାୟଣଗାଓଁକରଙ୍କ ପରିବାର ଲୋକଙ୍କ ସମେତ ଏନ୍ସିପି ଦଳର ନେତାମାନେ ଏହି ଚଳଚ୍ଚିତ୍ରର ଶୀର୍ଷକକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ସେମାନଙ୍କର ଅଭିଯୋଗ ହେଲା ଏହି ଚଳଚ୍ଚିତ୍ରଟିକୁ ବିଠାବାଈଙ୍କ ବାୟୋପିକ୍ ଭାବେ ନିର୍ମାଣ କରାଯାଇଥିବା ବେଳେ ଏହାର ଶୀର୍ଷକ 'ବିଠା' ଅଥବା 'ବିଠାବାଈ' ରଖିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ବିଠାବାଈ ଥିଲେ ଲାବଣୀ ନାମକ ମରାଠୀ ଲୋକନୃତ୍ୟର କିଂବଦନ୍ତୀୟ ନର୍ତ୍ତକୀୟ ଲାବଣୀ ସମେତ ତମାସା ଲୋକକଳାକୁ ତାଙ୍କର ଯଥେଷ୍ଟ ଅବଦାନ ରହିଛ। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ବୋଲି ତାଙ୍କ ଦୁଇ ପୁଅ ଓ ନାତି ଦାବି କରିଛନ୍ତି।

## ଅଦାର ଉପକାରୀ ଗୁଣ



ଆପଣମାନେ ସମସ୍ତେ ଜାଣନ୍ତି ଯେ ଅଦା ଏକ ଏପରି ମସଲା ଯାହା କେବଳ ତରକାରୀକୁ ସୁଆଦିଆ କରେ ନାହିଁ, ବରଂ ଏଥିରେ ବହୁ ଉପକାରୀ ଗୁଣ ମଧ ରହିଛି। ଅଦାରୁ ଶରୀରକୁ ପୋଷଣ ମିଳିଥାଏ। ଏହା ଶରୀର ପାଇଁ ଖୁବ ଭଲ। ବିଶେଷକରି ମସ୍ତିଷ୍କ ପାଇଁ ଅଦା ଅତି ଭଲ ହୋଇଥାଏ। ଏହାକୁ ଅନେକ ପ୍ରକାର ମସଲାରେ ବ୍ୟବହାର କରି ହେବ। ପ୍ରତିଦିନ ଅଦା ଖାଇବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ବୋଲି ଡାକ୍ତରମାନେ ପରାମର୍ଶ ଦେଇଛନ୍ତି। ଅଦା ଖାଇବା ଦ୍ୱାରା ଶରୀରରୁ ଝାଳ ବୋହିବା କମ୍ ହୋଇଥାଏ। ଏହା ବ୍ୟକ୍ତିକୁ ଯୁବା ଦିଶେଇବାରେ ସହାୟ ହୁଏ। ରୀତିମତ ଅଦା ଖାଉଥିବା ବ୍ୟକ୍ତିଙ୍କୁ ସକାଳୁଆ ଆଳସ୍ୟ ଲାଗେ ନାହିଁ। ବିଶେଷ କରି ମହିଳାମାନଙ୍କୁ ଗର୍ଭବତୀ ଥିବା ସମୟରେ ଯେଉଁଭଳି ମାନ୍ଦା ଅନୁଭୂତ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ହୋଇଥାଏ। ଗଣ୍ଠିମୁଣ୍ଡରେ ଯେଉଁ ଯନ୍ତ୍ରଣା ଅନୁଭବ ହୋଇଥାଏ ଅଦା ଖାଇବା ଦ୍ୱାରା ତାହା କମ୍ ଜଣାଯାଏ। ଏହା ହୁଏତ ତୁରନ୍ତ ଅନୁଭୂତ ନ ହୋଇପାରେ ମାତ୍ର ସବୁଦିନ ପାଇଁ ଯନ୍ତ୍ରଣାକୁ ଦୂରେଇ ଦେଇପାରେ ଅଦା। ହୃଦ୍‌ରୋଗୀଙ୍କ ପାଇଁ ମଧ ଅଦା ଖୁବ୍ ଭଲ ହୋଇଥାଏ। ଗବେଷକମାନଙ୍କ କହିବା ଅନୁଯାୟୀ ଦିନକୁ ୨ ଗ୍ରାମ୍ ଅଦା ଖାଇବା ଦ୍ୱାରା ରକ୍ତରୁ ସର୍କରା ସ୍ତର ୧୦ ପ୍ରତିଶତ କମ୍ ହୋଇଥାଏ। ମହିଳାମାନଙ୍କ ମାସିକଧର୍ମ ସମୟର ଯନ୍ତ୍ରଣା ମଧ ଅଦା ଖାଇବା ଦ୍ୱାରା କମ୍ ହୋଇଥାଏ। ଏହାର କୌଣସି ପାର୍ଶ୍ୱ ପ୍ରଭାବ ମଧ ନାହିଁ। ଶରୀରରୁ ଚର୍ବି ଖସାଇବାରେ ଅଦାର ଭୂମିକା ଅତୁଳନୀୟ। ରୀତିମତ ଅଦା ଖାଇବା ଅଭ୍ୟାସ କଲେ ଶରୀରରେ ଥିବା ଅତିରିକ୍ତ ଚର୍ବି ହ୍ରାସ୍ ପାଇଥାଏ।

## କେଉଁ ତେଲ ରୋଷେଇ ପାଇଁ ଭଲ ?



ରୋଷେଇ ଘରେ ଖାଇବା ତେଲ ବା କୁକିଙ୍ଗ୍ ଅଏଲ୍ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଡାଲି ହେଉ କିମ୍ବା ତାରକାରୀ ସବୁଥି ପାଇଁ ତେଲ ଜରୁରୀ । ନହେଲେ ଖାଦ୍ୟ ପ୍ରସ୍ତୁତି ହୋଇପାରିବ ନାହିଁ । ତେବେ କେଉଁ ତେଲ ଶରୀର ପାଇଁ ଭଲ ?ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ରୋଷେଇ ପାଇଁ ଅଲିଭ ଓ ଆବାକଡୁ ତେଲ ସବୁଠୁ ଭଲ । କିନ୍ତୁ ଅଧିକାଂଶ ଲୋକେ ରିଫାଇଣ୍ଡ ଅଏଲ୍ ବ୍ୟବହାର କରିଥାନ୍ତି । ରିଫାଇଣ୍ଡ ଅଏଲ୍ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ ନୁହେଁ । ଏହି ତେଲକୁ ଉଚ୍ଚ ତାପମାତ୍ରାରେ ତିଆରି କରାଯାଏ । ତେଣୁ ଏଥିରେ ନ୍ୟୁଟ୍ରିସନ୍ସ କମ୍ ରହିଥାଏ । ତେଣୁ ରିଫାଇଣ୍ଡ ତେଲରେ ଟ୍ରାନ୍ସ ଫ୍ୟାଟ ଅଧିକ ରହିଛି,ଯାହା ଶରୀରକୁ କ୍ଷତି ପହଞ୍ଚାଇଥାଏ । ଯଦି ପାରୁଛନ୍ତି ରୋଷେଇରେ ସୋରିଷ ତେଲ ବ୍ୟବହାର କରନ୍ତୁ। ଏଥିରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି,ଯାହା ରୋଗ ପ୍ରତିରେରାଧକ ଶକ୍ତି ବଢାଇଥାଏ । ସୋରିଷ ତେଲକୁ ଆପଣ ତରକାରୀ,ଡାଲି ଓ ଭଜା କରିବା ପାଇଁ ବ୍ୟବହାର କରିପାରିବେ ।

ସେହିପରି ପାରମ୍ପାରିକ ଶୈଳୀରେ ପ୍ରସ୍ତୁତ ହେଉଥିବା ବା ପେଡା ହେଉଥିବା ଯେକୌଣସି ଖାଇବା ତେଲ ଉଭୟ ରୋଷେଇ ଓ ସ୍ୱାସ୍ଥ୍ୟ ପାଇଁ ଭଲ । ତେବେ ଯେକୌଣସି ଖାଇବା ତେଲକୁ କମ୍ ବ୍ୟବହାର କଲେ ଭଲ । ମାତ୍ରାଧିକ ମସଲା ଭଳି ମାତ୍ରାଧିକ ତେଲ ବି ଶରୀର ପାଇଁ ଭଲ ନୁହେଁ।

## ଶାଶୁ-ବୋହୂ ସମ୍ପର୍କର ଚାବିକାଠ



ଭାରତୀୟ ସମାଜରେ ବିବାହ ଦୁଇଟି ମଣିଷ ଭିତରେ ନୁହେଁ ବରଂ ଦୁଇ ପରିବାର ଭିତରେ ହିଁ ହୋଇଥାଏ। ଜଣେ ଝିଅ ସାମ୍ନାରେ ନିଜ ସ୍ୱାମୀଙ୍କ ପରିବାର ଲୋକଙ୍କ ସହ ସାମଞ୍ଜସ୍ୟ ରଖି ଚଳିବାକୁ ହୋଇଥାଏ। ଏହି ପ୍ରଚେଷ୍ଟାରେ ସବୁଠୁ କଠିନ କାମ ହେଉଛି ବୋହୂ ଶାଶୁ ସହ ତାଳମେଳ ରଖି ଚଳିବା। ଯଦି ଆପଣ ବୁଝାମଣା ଓ ଆଦରରେ ଏହାକୁ ଆପଣେଇନେବେ ତେବେ କାଠିକର କାମ ସହଜ ହୋଇଯାଇପାରିବ।

ଯଦି ଆପଣଙ୍କ ଶାଶୁ ପ୍ରତ୍ୟେକ କାମରେ ସନ୍ତୁଷ୍ଟ ହେଉନାହାନ୍ତି ଏବଂ ତାଙ୍କର ଏହି ଅଭ୍ୟାସ ଆପଣଙ୍କୁ ବାରମ୍ବାର ବ୍ୟତିବ୍ୟସ୍ତ କରିଦେଉଛି ତେବେ ନିଜର ମାନସିକତା ବଦଳାଇବାକୁ ଚେଷ୍ଟା କରନ୍ତୁ। କାରଣ ପ୍ରତ୍ୟେକ କାମରେ କୈଫିୟତ୍ ଦେବା ବଦଳରେ ଚୁପ୍ ରହିଯିବା ଭଲ। ଅକାରଣରେ ଅଶାନ୍ତି ଓ ଝଗଡ଼ାକୁ ଦୂରେଇ ହେବ। ପ୍ରତି କଥାରେ ଜବାବ୍ ନଦେଲେ ହିଁ ଶାଶୁଙ୍କର ବ୍ୟବହାର ବଦଳିଯିବ।

ଯଦି ଆପଣଙ୍କର ଶାଶୁ ନିଜର ପ୍ରଶଂସା କରିବାରେ କୌଣସି ସୁଯୋଗ ହାତଛଡ଼ା କରୁନାହାନ୍ତି କିମ୍ବା ସ୍ୱାମୀ ମାଆଙ୍କ ହାତ ତିଆରି ଖାଇବାର ପ୍ରଶଂସା କରୁଥାଆନ୍ତି ତେବେ ମନଦୁଃଖ କିମ୍ବା ରାଗନ୍ତୁ ନାହିଁ। ଯେତେ ହେଲେ ବି ସେ ହେଉଛନ୍ତି ଆପଣଙ୍କ ସ୍ୱାମୀଙ୍କ ମାଆ। ଆଉ ମାଆ ହାତ ତିଆରି କିଛି ବି ଖାଇବା ସବୁଠୁ ନିଆରା। ଏକଥା ଯେପରି ଆପଣ ଭୁଲି ନଯାଆନ୍ତି।

ଯଦି ଆପଣଙ୍କୁ ଲାଗୁଛି ଯେ, ଅଧିକ କଥାବାର୍ତ୍ତା କଲେ ଶାଶୁଙ୍କ ସହ ଝଗଡ଼ା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ ତେବେ ଟିକିଏ ସଜାଗ ହୋଇଯିବା ଉଚିତ୍। ଆପଣଙ୍କ ନିରବତା ଶାଶୁଙ୍କୁ ଚିନ୍ତିତ କରିବ ସତ କିନ୍ତୁ ଯୁକ୍ତି କରିବା ପାଇଁ ସୁଯୋଗ ଦେବନାହିଁ। ଏମିତିରେ ବି ଅଧିକ କଥାବାର୍ତ୍ତା କଲେ କିଛି ନା କିଛି ଖରାପ କଥା ହେବାର ଆଶଙ୍କା ଦେଖାଦେଇପାରେ।

ଆପଣଙ୍କ ପିଲା ଓ ଶାଶୁଙ୍କ ସମ୍ପର୍କ ଭିତରେ ନପଶିବା ଭଲ। କାରଣ ଜେଜେମାଆ ନାତି-ନାତୁଣୀଙ୍କ ସମ୍ପର୍କ ଖୁବ୍ ନିବିଡ଼। ଆପଣଙ୍କ ଠାରୁ ଅଧିକ ସେ ପିଲାଙ୍କୁ ଭଲ ପାଆନ୍ତି। ଏହାକୁ ନେଇ ଆପଣ ଖୁସି ହେବା ଉଚିତ୍। ଜେଜେବାପା-ମାଆଙ୍କ ଠାରୁ ପିଲା ଅନେକ କଥା ଶିଖିଥାଆନ୍ତି।

ଆପଣ ଘରର ବୋହୂ। କୌଣସି ମେସିନ୍ ନୁହଁନ୍ତି ଯେ, କିଛି କାମକୁ ଏକାବେଳେ କରିଦେଇପାରିବେ। ଏକକାଳୀନ ଯେତିକି କାମ କରିପାରିବେ ସେତିକି ହିଁ କରିବାକୁ ଚେଷ୍ଟା କରନ୍ତୁ। ଆବଶ୍ୟକତା ଠାରୁ ଅଧିକ କାମ କରିବା ଦ୍ୱାରା ଦୁର୍ବଳତା, ଥକାପଣ ଓ ଚିଡ୍‌ଚିଡ୍ ହୋଇଉଠିବେ। ତେଣୁ ନିଜ ସାଧ ମୁତାବକ କାମ କରିବାକୁ ଚେଷ୍ଟା କରନ୍ତୁ।

## ନନ୍‌ଷ୍ଟିକ୍ ବାସନ ପ୍ରତି ସାବଧାନ

ଆଜିର ଆଧୁନିକ ରୋଷେଇ ଘରେ ପ୍ରାୟ ନନ୍‌ଷ୍ଟିକ୍ ବାସନକୁସନ ମିଳିଯିବ। କାହିଁକି ନା ଲୋକଙ୍କୁ ଲାଗେ ଯେ, ଯଦି ରୋଷେଇ ଘରର ଡିଜାଇନ୍ ଆଧୁନିକ ହୋଇଯିବ ତେବେ



ବାସନ ବି ନୂଆ ଜମାନାର ଦରକାର। କିନ୍ତୁ ଏହି ବାସନ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ବାହାରକୁ ପରିଷ୍କାର ତଥା ଚିକ୍କଣ ଓ ସୁନ୍ଦର ଦେଖାଯାଉଥିଲେ ମଧ୍ୟ ଏଥିରେ ପରଷାଯାଉଥିବା ଖାଦ୍ୟ ଶରୀରକୁ କ୍ଷତି ପହଞ୍ଚାଇଥାଏ।

ନନ୍-ଷ୍ଟିକ୍ ବାସନର କୋଟିଙ୍ଗ୍‌ରେ ଟେଫ୍‌ଲୋନ୍ ନାମକ ଏକ ରାସାୟନିକ ପଦାର୍ଥ ବ୍ୟବହାର କରାଯାଇଥାଏ। ଏହି ଟେଫ୍‌ଲୋନ୍ ବ୍ୟବହାର ବିଷାକ୍ତ ପ୍ରଦୂଷକ ଭଳି। ଏହା ଥାଇରଏଡ୍ ଡିସ୍‌ଅର୍ଡର୍, କ୍ରୋନିକ୍ କିଡ୍‌ନୀ ଡିଜିଜ୍, ରୋଗ ପ୍ରତିରୋଧକ ଶକ୍ତି କମିବା, ହାର୍ଟ ଆଟାକ୍, ଲିଭର୍ ଡିଜିଜ୍ ଭଳି ରୋଗକୁ ଆମନ୍ତ୍ରଣ କରେ। ବିଷେଷଜ୍ଞଙ୍କ ମତରେ ନନ୍‌ଷ୍ଟିକ୍ ବାସନର ବ୍ୟବହାର କରିବା ହିଁ ଆବଶ୍ୟକ ନୁହେଁ। ନନ୍-ଷ୍ଟିକ୍ ବାସନରେ ଦାଗ ବା ଗାର ଗାର ପଡ଼ିଗଲେ ଏହାକୁ ଆଦୌ ବ୍ୟବହାର କରିବା ଅନୁଚିତ୍।

ତେଣୁ ଯଦି ବି ନନ୍‌ଷ୍ଟିକ୍ ବାସନରେ ଖାଦ୍ୟ ପ୍ରସ୍ତୁତ କରୁଥାଆନ୍ତି ତେବେ କମ୍ ତାପମାତ୍ରାରେ ଖାଦ୍ୟ ପ୍ରସ୍ତୁତ କରନ୍ତୁ। ପ୍ରଥମେ ନନ୍‌ଷ୍ଟିକ୍ ପ୍ୟାନ୍‌କୁ ଗରମ କରନ୍ତୁ ନାହିଁ। ଏଥିରେ ଭଜାଭଜି କରିବା ଅନୁଚିତ୍। ଧୋଇବା ସମୟରେ ଏହି ବାସନକୁ ରଗଡ଼ନ୍ତୁ ନାହିଁ।

# ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସମୀକ୍ଷା ବୈଠକ

ଭୁବନେଶ୍ୱର, ୫।୭ (ମହାଭାରତ): ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ ଓ ପ୍ରଭାବଶାଳୀ କରିବା ଲକ୍ଷ୍ୟରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବିପର୍ଯ୍ୟୟ ପରିଚାଳନା ଭିତିଭୂମି ସୁଦୃଢ଼ କରିବା ଦିଗରେ ଗୁରୁତ୍ୱାରୋପ କରି ଏଥିନିମନ୍ତେ ପାଣ୍ଠି ଏବଂ ଆନୁସଙ୍ଗିକ ସୁବିଧାସୁଯୋଗ ପ୍ରଦାନ ଦିଗରେ ରାଜ୍ୟସରକାରଙ୍କ ପକ୍ଷରୁ କୌଣସି ପ୍ରତିବନ୍ଧକ ରହିବ ନାହିଁ ବୋଲି ମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି ।



ବୈଠକରେ ରାଜ୍ୟ ବିପର୍ଯ୍ୟୟ ପ୍ରତିକ୍ରିୟା ପାଣ୍ଠି ଅଧୀନରେ ବଜେଟ୍ ବ୍ୟୟର କାର୍ଯ୍ୟଯୋଜନା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ବିଭିନ୍ନ ବିଭାଗକୁ ଦିଆଯାଇଥିବା ପାଣ୍ଠି ଏବଂ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ବିଶଦ ଭାବରେ ସମୀକ୍ଷା ହୋଇଥିଲା । ଏସଡିଏମଏଫ୍/ ଏନଡିଏମଏଫ୍ ଅଧୀନରେ ପାଣ୍ଠିର ଉପଯୋଗ ସମ୍ପର୍କିତ ବିଭିନ୍ନ କାର୍ଯ୍ୟଯୋଜନା ତ୍ୱରିତ ଭାବରେ ଆରମ୍ଭ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସାରିବାକୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହିତ ବହୁମୁଖୀ ବନ୍ୟା ଓ ବାତ୍ୟା ଆଶ୍ରୟ କେନ୍ଦ୍ର ନିର୍ମାଣର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରି ଯଥାଶୀଘ୍ର ବିଭିନ୍ନ ଜିଲ୍ଲାରେ ପ୍ରସ୍ତାବିତ ସ୍ଥାନ ଚିହ୍ନଟ କରି ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିର୍ମାଣ କାର୍ଯ୍ୟ ସାରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି ।

ସେହିପରି ଇତିମଧ୍ୟରେ ସମ୍ବଲପୁରରେ ଡପ୍ଲର ରାଡାର ସ୍ଥାପନ ପ୍ରାୟତଃ ସମାପ୍ତ ହୋଇଥିବା ବେଳେ ଖୁବ୍ ଶୀଘ୍ର ଏହାର ଉଦଘାଟନ କରାଯିବ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର, ଭୁବନେଶ୍ୱର ଏବଂ ପୁରୀଠାରେ ମଧ୍ୟ ପ୍ରସ୍ତାବିତ ଡପ୍ଲର ରାଡାର ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରି ଏହାକୁ ଚଳିତ ବର୍ଷ ସୁଦ୍ଧା ସମାପ୍ତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଏଲନିନୋ ପ୍ରଭାବ ସମ୍ପର୍କରେ ତୀକ୍ଷଣ ନଜର ରଖାଯାଇଥିବା ବେଳେ ଜଳସମ୍ପଦ ବିଭାଗ ସହ ସମନ୍ୱୟ ରଖି କୃଷି କ୍ଷେତ୍ରରେ ଜଳସେଚନ ନିମନ୍ତେ ବିଭିନ୍ନ ଜଳାଶୟ, ଜଳସେଚନ ପ୍ରକଳ୍ପ ତଥା ଜଳଭଣ୍ଡାରର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଛି । ଏହା ସହିତ ଆଗାମୀ ଗ୍ରୀଷ୍ମରତୁ ପୂର୍ବରୁ ବିଭିନ୍ନ ପ୍ରଭାବିତ ଜିଲ୍ଲାମାନଙ୍କରେ ପ୍ରସ୍ତାବିତ ହିଟ୍ ୱେଭ୍ ସେଣ୍ଟର୍ ନିର୍ମାଣ କାର୍ଯ୍ୟ ସାରି ସେଗୁଡ଼ିକୁ ପ୍ରସ୍ତୁତ କରି ରଖିବାକୁ ମଧ୍ୟ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ, ସ୍ୱତନ୍ତ୍ର ସହାୟତା ଆୟୁକ୍ତ ରାଜେଶ ପ୍ରଭାକର ପାଟିଲ, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଶୁଭା ଶର୍ମା, ଗ୍ରାମ୍ୟ ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀମତୀ ଯାମିନୀ ଷଡଙ୍ଗୀ, ଆଇଏମଡି ଭୁବନେଶ୍ୱର କେନ୍ଦ୍ର ନିର୍ଦ୍ଦେଶକ ଡ. ମନୋରମା ମହାନ୍ତି, ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

# ନୀତିନିଷ୍ଠ ମଣିଷ ଥିଲେ ସଂଗ୍ରାମୀ ଦୋଳଗୋବିନ୍ଦ

ଭୁବନେଶ୍ୱର, ୫।୭ (ମହାଭାରତ): ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସଂରକ୍ଷକ, ସାରସ୍ୱତ ସାଧକ, ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କ ଜନ୍ମ ଶତବାର୍ଷିକ ମହୋତ୍ସବ ରବିବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନ ସଭାଗୃହରେ ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ବିଶିଷ୍ଟ ସନ୍ଥ ଶ୍ରୀଜଗନ୍ନାଥ ସଂସ୍କୃତିର ଅନ୍ୟତମ ସଂରକ୍ଷକ ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ କହିଲେ ଯେ, ଗାନ୍ଧୀ ମଣିଷ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନ ଥିଲେ ଜଣେ ନୀତିନିଷ୍ଠ ମଣିଷ । ତାଙ୍କର ସମ୍ପୂର୍ଣ୍ଣ ଦୈନିକ ଜୀବନଧାରା ଥିଲା ଶୃଙ୍ଖଳିତ । ଶଯ୍ୟାତ୍ୟାଗ ଠାରୁ ରାତ୍ରିବିଶ୍ରାମ ପର୍ଯ୍ୟନ୍ତ ସେ ନିଜକୁ ସୁସ୍ଥ ରଖିବାର କଳାଟି ବ୍ରହ୍ମପୁର ଜେଲରେ ଥିବା ସମୟରେ ଶିକ୍ଷା କରିଥିଲେ । ଭାରତବର୍ଷ ସ୍ୱାଧୀନ ହେବା ପରେ ଜେଲ୍ ଜୀବନର ଅଭିଜ୍ଞତାକୁ ନିଜ ଜୀବନଶୈଳୀରେ ପ୍ରୟୋଗ କରି ଜଣେ ସଫଳ ମଣିଷ ହୋଇଥିଲେ । ଏହିଭଳି ମଣିଷ ମାନଙ୍କର ଜୀବନଚର୍ଯ୍ୟାକୁ ଆଜିର ଛାତ୍ର ଓ ଯୁବକମାନେ ଅନୁକରଣ କରିବାକୁ ସ୍ୱାମିଜୀ ଆହ୍ୱାନ ଦେଇଥିଲେ । ଏହି ଅବସରରେ ତାଙ୍କ ସ୍ମୃତିରେ ପ୍ରତିବର୍ଷ ଦିଆଯାଉଥିବା "ଗାନ୍ଧୀ ଗୌରବ ସମ୍ମାନ" ଚଳିତବର୍ଷ ପାଇଁ ବିଶିଷ୍ଟ ସମାଜସେବୀ ମହାତ୍ମା ଗାନ୍ଧୀଙ୍କ ପ୍ରତି ସମର୍ପିତ ମଣିଷ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ବରିଷ୍ଠ ସାମ୍ବାଦିକ ତଥା ଛାତ୍ର ଜୀବନରୁ ମହାତ୍ମାଗାନ୍ଧୀଙ୍କ ବିଚାରଧାରାକୁ ଲୋକଙ୍କ ନିକଟରେ ପହ□ାଇବାର ସଂକଳ୍ପ ନେଇଥିବା ଦେବେନ୍ଦ୍ର ସୁଆର ଓ ଦୀର୍ଘ ୪୦ ବର୍ଷ ଧରି କଳାହାଣ୍ଡିର ଅନୁନ୍ନତ ଅ□ଳରେ ତଳେ ପଡ଼ିଥିବା ମଣିଷ ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ଶ୍ରୀ ରାମକୃଷ୍ଣ ଆଶ୍ରମ ମ.ରାମପୁର, କଳାହାଣ୍ଡିକୁ ସ୍ୱାମିଜୀ ଉ□ରୀୟ ଓ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

ବିଶିଷ୍ଟ ଅତିଥି ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସ୍ୱର୍ଗତ ପ୍ରଧାନଙ୍କୁ ଜଣେ ସାର୍ଥକ ମଣିଷ ବୋଲି କହିଥିଲେ । ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ, ହୁଏତ ଆମେ ସ୍ୱର୍ଗତ ଦୋଳଗୋବିନ୍ଦ ପ୍ରଧାନଙ୍କୁ ଭୁଲି ଯାଇପାରୁ କିନ୍ତୁ ତାଙ୍କ ରଚିତ ଗାନ୍ଧୀ ମଣିଷ ବହି ତାଙ୍କୁ ଚିର ଅମର କରି ରଖିବ । ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ମୁଁ ଗର୍ବିତ ତାଙ୍କ ନିର୍ବାଚନ ମଣ୍ଡଳୀରୁ ଆଜି ବିଧାନସଭାରେ ପ୍ରତିନିଧିତ୍ୱ କରି ତାଙ୍କର ସ୍ମୃତି ରକ୍ଷା କରିବା ମୋ ପାଇଁ ସର୍ବଶ୍ରେଷ୍ଠ କ□ବ୍ୟ ହେବ । କଟକ ମହାନଗର ନିଗମର ମେୟର ସୁବାସ ସିଂ ଶ୍ରଦ୍ଧାଞ୍ଜଳି ଜଣାଇ କହିଲେ ଯେ, ମୁଁ ଛାତ୍ର ଜୀବନରୁ ସ୍ୱର୍ଗତ ଦୋଳଗାବିନ୍ଦ ପ୍ରଧାନଙ୍କୁ ଜାଣେ । ଗାନ୍ଧି ଜୟନ୍ତୀ, ସ୍ୱାଧୀନତା ଦିବସରେ ସ୍ୱରାଜ୍ୟ ଆଶ୍ରମରେ ତାଙ୍କ ସଙ୍ଗୀତ ସମସ୍ତଙ୍କୁ ସ୍ତମ୍ଭିଭୂତ କରିଦେଇଥାଏ । ଖୁବ୍ ଶୀଘ୍ର ତାଙ୍କ ସ୍ମୃତି ରକ୍ଷା ପାଇଁ କଟକ ମହାନଗର ନିଗମ କଟକ ସହରରେ ତାଙ୍କର ଏକ ପ୍ରତିମୂ□ି ନିର୍ମାଣ କରି ତାଙ୍କ ପ୍ରତି, କଟକ ସହରବାସୀ ଶ୍ରଦ୍ଧାଞ୍ଜଳି ଜଣାଇବେ ।

# ବୀମାକ୍ଷେତ୍ରରେ ଘରୋଇକରଣ ଉଦ୍ୟମକୁ ବନ୍ଦ ପାଇଁ ଆହ୍ୱାନ

ଭୁବନେଶ୍ୱର, ୫।୭ (ମହାଭାରତ): ଦେଶର ପ୍ରମୁଖ ଚାରିଗୋଟି ସାଧାରଣ ବୀମା କର୍ମଚାରୀଙ୍କୁ ନେଇ ଗଠିତ ଜେନେରାଲ୍ ଇନ୍ସ୍ୟୁରାନ୍ସ ଏମ୍ପ୍ଲୟିଜ୍ ଅଲ୍ ଇଣ୍ଡିଆ ଆସୋସିଏସନ୍ (ଜିଆଇଇଏଆଇଏ) ପକ୍ଷରୁ କେନ୍ଦ୍ର ସରକାରଙ୍କ ସାଧାରଣ ବୀମାର ଅତିରିକ୍ତ ୫% ଅଂଶଧନକୁ ଅଫର ଫର ସେଲ୍ (ଓଏଫ୍ଏସ୍) ମାଧ୍ୟମରେ ବିକ୍ରୟ କରିବା ନିଷ୍ପତ୍ତିକୁ ଦୃଢ଼ ବିରୋଧ କରୁଅଛୁ । ୨୦୧୭ ମସିହାରେ ୧୪.୯୯% ଅଂଶଧନ ବିକ୍ରୟ, ୨୦୨୪ରେ ପୁଣି ୩୪% ଅଂଶଧନ ବିକ୍ରୟ ପରେ ଏହ ପ୍ରସ୍ତାବିତ ପଦକ୍ଷେପ ଫଳରେ ସରକାରଙ୍କ ଅଂଶଧନ ୭୪.୪କୁ ହ୍ରାସ ପାଇଯିବ ।

ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଚାଳିତ ବୀମା କମ୍ପାନୀ ଦେଶର ସାମାଜିକ ସୁରକ୍ଷା, ଅର୍ଥନୈତିକ ବିକାଶ ଏବଂ ଜନକଲ୍ୟାଣର ଲକ୍ଷ ପୂରଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ସରକାରଙ୍କ ତରଫରୁ ସମସ୍ତ ବୀମା କମ୍ପାନୀକୁ ନେଇ ଏକ ସାଧାରଣ ବୀମା ନିଗମ ଗଠନ କରାଯାଉ । ଫଳରେ କାର୍ଯ୍ୟଦକ୍ଷତା ବୃଦ୍ଧି, ଆର୍ଥିକ ସ୍ଥିରତା, ସୁଦୃଢ଼ ନିଯୁକ୍ତିର ସୁରକ୍ଷା ଏବଂ ସାମାଜିକ ବୀମା ସେବାର ବିସ୍ତାର କରିବାରେ ପ୍ରମୁଖ ଭୂମିକା ନିର୍ବ୍ବୟ କରିବ । ତେଣୁ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଚାଳିତ ସାଧାରଣ ବୀମା କମ୍ପାନୀ ଏବଂ ସାଧାରଣ ବୀମା ନିଗମ ପରି ଜାତୀୟ ବୀମା କମ୍ପାନୀ ଗୁଡ଼ିକୁ ନେଇ ଏକ ସାଧାରଣ ବୀମା ନିଗମ ଗଠନ କରାଯିବା ସହ ଏହାର ଅଂଶଧନ ବିକ୍ରୟକୁ ବନ୍ଦ କରିବା, ଶତ ପ୍ରତିଶତ ବିଦେଶୀ ପୁଞ୍ଜି ନିବେଶର ପ୍ରତ୍ୟାହାର, ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋର୍ଡ ପ୍ରତ୍ୟାହାର, ମାନବ ସମ୍ବଳ ଅଭାବ ଦୂର କରିବା ପାଇଁ ସମସ୍ତ ପଦବୀରେ ନୂତନ ନିଯୁକ୍ତି, ଦୀର୍ଘଦିନ ଧରି କାର୍ଯ୍ୟରତ ଚୁକ୍ତି ଭିତ୍ତିକ କର୍ମଚାରୀଙ୍କ ସ୍ଥାୟୀ ନିଯୁକ୍ତି ପ୍ରଦାନ ଓ ହସ୍ପିଟାଲ୍ ଚାର୍ଜ, ତୃତୀୟ ପକ୍ଷ ପ୍ରଶାସନ ଏବଂ ସ୍ୱାସ୍ଥ୍ୟବୀମା କାର୍ଯ୍ୟପ୍ରଣାଳୀ ଉପରେ ବୈଧାନିକ ନିୟାମକ ସଂସ୍ଥା ଗଠନ କରିବା ଦାବିରେ ଆଗାମୀ ଦିନରେ ବ୍ୟାପକ ସଂଗ୍ରାମ ପାଇଁ ଆଜି ଜେନେରାଲ୍ ଇନ୍ସ୍ୟୁରାନ୍ସ ଏମ୍ପ୍ଲୟିଜ୍ ଅଲ୍ ଇଣ୍ଡିଆ ଆସୋସିଏସନ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ, ଶ୍ରୀ ତ୍ରୈଲୋକ୍ୟ ସିଂ ଓଡ଼ିଶା ଗସ୍ତ ଅବସରରେ ବିଭିନ୍ନ ବୀମା କାର୍ଯ୍ୟାଳୟ ଗସ୍ତ କରି ଆଜି ଏଆଇଟିୟୁସି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଆହ୍ୱାନ ଦେଇଛନ୍ତି । ଏହି ଖବରଦାତା ସମ୍ମିଳନୀରେ ପୂର୍ବାଞ୍ଚଳ ସାଧାରଣ ବୀମା କର୍ମଚାରୀ ସଂଘର ସଭାପତି ଡିଏନ୍ ଉପାଧ୍ୟାୟ, ସମ୍ପାଦକ ତ୍ରିଦେବ ମୁଖାର୍ଜୀ, ପ୍ରଥମ ଶ୍ରେଣୀ କର୍ମଚାରୀ ସଂଘର ସମ୍ପାଦକ ମନୀଷ ମିଶ୍ର, ରାଜ୍ୟ ସାଧାରଣ ସମ୍ପାଦକ ଅକ୍ଷୟ ବେହେରା ଓ ବୀମା କର୍ମଚାରୀ ନେତା ମନୋଜ ରଥ, ପ୍ରମୁଖ ଉପସ୍ଥିତ ଥିଲେ ।

# ଆଇଟିଇଆରରେ ମ୍ୟାଥ୍‌ମାଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ କର୍ମଶାଳା

ଭୁବନେଶ୍ୱର, ୫।୭ (ମହାଭାରତ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଗଣିତ ବିଭାଗ ପକ୍ଷରୁ ମଙ୍ଗଳବାର "ମ୍ୟାଥ୍‌ମାଟିକ୍ସ ଇନ୍ ମେସିନ୍ ଲର୍ଣ୍ଣିଂ" (ଡବ୍ଲ୍ୟୁଏମ୍ଏମ୍ଏଲ୍-୨୦୨୬) ସମ୍ପର୍କିତ ଏକ ୫ ଦିବସୀୟ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏନ୍ଆଇଟି ରାଉରକେଲାର ଗଣିତ ବିଭାଗର ବରିଷ୍ଠ ପ୍ରଫେସର (ଡକ୍ଟର) ସ୍ନେହାଶିଷ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଗଣିତର ବିନା ସହାୟତାରେ ମେସିନ ଶିକ୍ଷଣ ସହିତ ପ୍ରଯୁକ୍ତିବିଦ୍ୟାର ଉନ୍ନତି ଘଟିବା ଅସମ୍ଭବ । ସେ ଅଭିନବ ଚିନ୍ତାଧାରା, ବିଭିନ୍ନ ପ୍ରକାର ଜ୍ଞାନ କୌଶଳ ପ୍ରୟୋଗ କରି ସମସ୍ୟାର ସମାଧାନ କରିବା ସହିତ ମେସିନ୍ ଲର୍ଣ୍ଣିଂରେ ଗଣିତର ପ୍ରୟୋଗ ଉପରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ ।



ବର୍ତ୍ତମାନ କୃତ୍ରିମ ବୁଦ୍ଧିମତା (ଏଆଇ)କୁ ବୁଝିବା ଏବଂ ଏହାକୁ ବ୍ୟବହାର କରିବାରେ ଗଣିତର ଭୂମିକା ବେଶ୍ ଗୁରୁତ୍ୱ ରହିଛି ବୋଲି ସେ କହିଥିଲେ । ଏହି କାର୍ଯ୍ୟକ୍ରମରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରି ବହୁବିଧ ଗବେଷଣା ଓ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ଗଣିତର ଗୁରୁତ୍ୱ ଉପରେ ଆଲୋକପାତ କରି ଗଣିତରେ ପାରଙ୍ଗମ ହେବା ଆବଶ୍ୟକ ବୋଲି କହିଥିଲେ । ଏହି ପ୍ରଶିକ୍ଷଣ ଅଧିବେଶନରୁ ଲାଭବାନ ହେବା ପାଇଁ ଶିକ୍ଷାର୍ଥୀମାନଙ୍କୁ ସେ ଉତ୍ସାହିତ କରିବା ସହ କର୍ମଶାଳାର ବିଷୟବସ୍ତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ସୋଆର କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ଏଭଳି କର୍ମଶାଳା ଦ୍ୱାରା ଛାତ୍ରଛାତ୍ରୀମାନେ ଖୁବ୍ ଉପକୃତ ହେବେ । କିପରି ଭାବେ ମେସିନ୍ ଲର୍ଣ୍ଣିଂରେ ଗଣିତର ପ୍ରୟୋଗ କରାଯାଇ ପାରିବ ଏବଂ ଭବିଷ୍ୟତରେ ଏହି ପ୍ରଶିକ୍ଷଣ ଛାତ୍ରଛାତ୍ରୀମାନଙ୍କୁ କିପରି ସାହଯ୍ୟ କରିବ ସେ ନେଇ ସେ ବକ୍ତବ୍ୟ ରଖିଥିଲେ । ଆଇଟିଇଆରର ଡିନ୍ ପ୍ରଫେସର ପ୍ରଦୀପ କୁମାର ସାହୁ କହିଥିଲେ ଯେ ମେସିନ୍ ଲର୍ଣ୍ଣିଂ କ୍ଷେତ୍ରରେ ଗଣିତର କେତେ ଆବଶ୍ୟକତା ରହିଛି ସେ ନେଇ ଏହି କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯିବ । ତେବେ ଏଆଇକୁ ବ୍ୟବହାର କରିବା ଓ ତାକୁ ବୁଝିବା ପାଇଁ ଗଣିତର ଆବଶ୍ୟକତା ରହିଛି । ମେସିନ୍ ଲର୍ଣ୍ଣିରେ ଗଣିତ କିପରି ବ୍ୟବହାର ହେବ ଓ ଆଗକୁ ଛାତ୍ରଛାତ୍ରୀମାନେ କିପରି ଏହାର ସୁବିଧା ପାଇପାରିବେ ସେ ନେଇ ଏହି କର୍ମଶାଳାରେ ଆଲୋଚନା କରାଯିବ ବୋଲି ପ୍ରଫେସର ସାହୁ କହିଥିଲେ ।

# କଲାରାବାଙ୍କ କିମ୍ସ ହସ୍‌ପିଟାଲରେ ସଫଳ ସ୍ତନ କର୍କଟ ଅସ୍ତ୍ରୋପଚାର

ଭୁବନେଶ୍ୱର,୫।୭ (ମହାଭାରତ): ଓଡ଼ିଶାର ଗ୍ରାମାଞ୍ଚଳରେ ଗରିବ ଲୋକଙ୍କ ନିକଟରେ ଉନ୍ନତ ଚିକିତ୍ସା ସେବା ଯୋଗାଇ ଦେବା ଲକ୍ଷ୍ୟରେ କିମ୍ସର ପ୍ରତିବଦ୍ଧତା ପ୍ରମାଣିତ ହୋଇଛି । କଟକ ଜିଲ୍ଲାର କଲାରାବାଙ୍କସ୍ଥିତ କିମସ ଗ୍ରାମାଞ୍ଚଳ ହସ୍‌ପିଟାଲର ଡାକ୍ତରମାନେ ଜଣେ ମହିଳାଙ୍କଠାରେ ସଫଳତାର ସହ ସ୍ତନ କର୍କଟ ଅସ୍ତ୍ରୋପଚାର କରିଛନ୍ତି । ୫୫ ବର୍ଷୀୟା ଏହି ରୋଗୀଙ୍କଠାରେ ସ୍ତନ କର୍କଟ ରୋଗ ଲକ୍ଷଣ ପ୍ରକାଶ ପାଇବାରୁ ତାଙ୍କୁ କଲରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଡାକ୍ତରଙ୍କ ସହ ପରାମର୍ଶ କରାଯାଇ ସେଠାରେ ଭର୍ତ୍ତି କରାଯାଇଥିଲା । ଗତ ୨୫ ତାରିଖରେ ତାଙ୍କ ଅସ୍ତ୍ରୋପଚାର କରାଯାଇଥିଲା । କିମ୍ସ ରୁରାଲ ହସ୍‌ପିଟାଲ୍ ଡାକ୍ତର ଭି. କେ. ସେନଗୁପ୍ତାଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଉକ୍ତ ରୋଗୀଙ୍କ ଅସ୍ତ୍ରୋପଚାର କରିଥିଲେ । ଅସ୍ତ୍ରୋପଚାର ପରେ ଏବେ ରୋଗୀ ସୁସ୍ଥ ଅଛନ୍ତି ଓ ସାଧାରଣ ଜୀବନଯାପନ କରୁଛନ୍ତି । ଡା ସେନଗୁପ୍ତ କହିଛନ୍ତି, ଏକ କିମ୍ସ ଗ୍ରାମାଞ୍ଚଳ ଡାକ୍ତରଖାନାରେ ଉନ୍ନତ ଶଲ୍ୟ ଚିକିତ୍ସା ଉପକରଣ ଏବଂ ଭିତିଭୂମି ଉପଲବ୍ଧ ହେଉଥିବା ଯୋଗୁଁ ଏହି ଅସ୍ତ୍ରୋପଚାର ସମ୍ଭବ ହୋଇପାରିଛି । କଲରାବାଙ୍କଠାରେ ଏକ ଉନ୍ନତ ସ୍ୱାସ୍ଥ୍ୟସେବା କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ସେ କିଟ୍ ଓ କିମ୍ସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରୟାସ ଓ ଆଭିମୁଖ୍ୟକୁ ସେ ଶ୍ରେୟ ଦେଇଛନ୍ତି । କଲରାବାଙ୍କ ଭଳି ରୁରାଲ୍ ହସ୍‌ପିଟାଲରେ ବହୁ କମ ମୂଲ୍ୟରେ ଏକ ଜଟିଳ କର୍କଟ ଅସ୍ତ୍ରୋପଚାର କରିବା ସହ ଗରିବ ଲୋକଙ୍କ ପାଇଁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟସେବା ଦିଗରେ ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିମ୍ସର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ । ଏହା ସହ ଓଡ଼ିଶାର ଏକ ଗ୍ରାମାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ ସଫଳ କର୍କଟ ଅସ୍ତ୍ରୋପଚାର ପ୍ରଥମ ଥର ପାଇଁ କରାଯାଇଥିବା ଡା ସେନଗୁପ୍ତ କହିଛନ୍ତି । ଗତବର୍ଷ ମଧ୍ୟ କଲରାବାଙ୍କ ରୁରାଲ୍ ହସ୍‌ପିଟାଲରେ ଏକ ସ୍ତନ କର୍କଟ ଅସ୍ତ୍ରୋପଚାର ସଫଳତାର ସହ କରାଯାଇଥିଲା ଏବଂ ରୋଗୀ ମଧ୍ୟ ସୁସ୍ଥ ଅଛନ୍ତି । ଗତ ୨୫ ତାରିଖରେ ଅସ୍ତ୍ରୋପଚାର ହୋଇଥିବା ମହିଳାଙ୍କ ପରିବାର ଆବଶ୍ୟକ ଖର୍ଚ୍ଚ ତୁଲାଇବା ସମ୍ଭବ ନହେବାରୁ ସେ କଟକ କିମ୍ବା ଭୁବନେଶ୍ୱରର କୌଣସି ସରକାରୀ କିମ୍ବା ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇପାରି ନଥିବା ଡା ସେନ୍‌ଗୁପ୍ତ ପ୍ରକାଶ କରିଛନ୍ତି । ଏହି ସଫଳତାରେ ସନ୍ତୋଷ ବ୍ୟକ୍ତ କରି ଶ୍ରୀ ସାମନ୍ତ କହିଛନ୍ତି ଯେଉଁ ଲକ୍ଷ୍ୟ ନେଇ କଲରାବାଙ୍କରେ କିମ୍ସ ରୁରାଲ୍ ହସ୍‌ପିଟାଲ୍ ନିର୍ମାଣ କରାଯାଇଥିଲା, ସେହି ଲକ୍ଷ୍ୟ ପୂରଣ ହେଉଛି । ଏହା ଦ୍ୱାରା କଲରାବାଙ୍କ ତଥା ଏହା ଆଖପାଖ ଗ୍ରାମର ଲୋକମାନଙ୍କୁ ଚିକିତ୍ସା ପାଇଁ ଆଉ ଦୂର ଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ ।



# ନିରଞ୍ଜନଙ୍କ ଆତ୍ମଜୀବନୀ ସମୟ ସାକ୍ଷୀ ଲୋକାର୍ପିତ

ଭୁବନେଶ୍ୱର, ୫।୭ (ମହାଭାରତ): ଓୟୁଏଟିର କୃଷି ଶିକ୍ଷା ସଦନ ପ୍ରେକ୍ଷାଳୟରେ ବୁଧବାର ବରିଷ୍ଠ ନେତା ଶ୍ରୀ ନିରଞ୍ଜନ ପଟ୍ଟନାୟକଙ୍କ ଆତ୍ମଜୀବନୀ 'ସମୟ ସାକ୍ଷୀ' ଏକ ଅଭିନବ ରୂପରେ ଲୋକାର୍ପିତ ହୋଇଯାଇଛି । ଜୀବନର କିଛି ଅନୁଭୂତି ଓ ଘଟଣା ଚରିତ୍ରକୁ ନେଇ ସେ ଏହି ଆତ୍ମଜୀବନୀ ରଚନା କରିଛନ୍ତି । ଆତ୍ମଜୀବନଟି ଓଡିଶା ରାଜନୀତିରେ ଅର୍ଦ୍ଧଶତାବ୍ଦୀର ଗୁମର କଥାକୁ ଉନ୍‌ମୋଚିତ କରିବ ।

ଏହି ପୁସ୍ତକକୁ ଜଣେ ସାଧାରଣ ଓଡିଆର କଥା ଭାବେ ଶ୍ରୀ ପଟ୍ଟନାୟକ ଉଲ୍ଲେଖ କରିବା ସହ ଓଡିଶାର ବିଭିନ୍ନ କ୍ଷେତ୍ରରୁ ୯ ଜଣ ସାଧାରଣ ଓଡିଆ ଏହାକୁ ଲୋକାର୍ପିତ କରିଥିଲେ । ସେହି ଅତିଥିମାନଙ୍କ ମଧ୍ୟରେ ଥିଲେ ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ଶ୍ରୀମତୀ କୃଷ୍ଣା ମହାନ୍ତି, କେନାଲ ମଣିଷ ରୂପେ ପରିଚିତ କେନ୍ଦୁଝରର ଦୈତାରୀ ନାୟକ, ନିଜ ସ୍ତ୍ରୀଙ୍କ ଶବକୁ କାନ୍ଧରେ ବୋହି ଡାକ୍ତରଖାନାରୁ ଫେରିଥିବା କଳାହାଣ୍ଡିର ଦାନ ମାଝୀ, ଆନୁଷ୍ଠାନିକ ଶିକ୍ଷାରୁ ବଂଚିତ ହୋଇ ମଧ୍ୟ ଗଳ୍ପ କବିତା ରଚନା କରିଥିବା ତଥା ତୁମୁଡିବନ୍ଧର ବ୍ଲକ ଚେୟାରମ୍ୟାନ ଶ୍ରୀମତୀ ବାସନ୍ତୀ ମାଝୀ, ନିଜର ଦୃଷ୍ଟିଶକ୍ତି ନଥାଇ ମଧ୍ୟ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଅଧୁନରେ ଶିକ୍ଷାଦାନ କରୁଥିବା ଘସିପୁରାର ପ୍ରଫେସର ଦୁର୍ଯ୍ୟୋଧନ ନାହାକ, ନିଜର ବାଲ୍ୟକାଳରେ ଆର୍ଥିକ ଅସ୍ୱଚ୍ଛଳତାରେ ହାରି ନ ଯାଇ ସମ୍ପ୍ରତି ଭାରତର ପ୍ରସିଦ୍ଧ କେଶ ପ୍ରତିରୋପଣକାରୀ ଡାକ୍ତର ଭାବେ ପରିଚିତ କେନ୍ଦୁଝରର ଡା. ପ୍ରଦୀପ ସେଠୀ, କରୋନା ସମୟରେ ପୁରୀରେ ରଥଯାତ୍ରା କରାଇବାକୁ ସୁପ୍ରିମକୋର୍ଟରେ ପିଟିସନ୍ ଦାଖଲ କରିଥିବା ନୟାଗଡର ମୁସଲମାନ ତରୁଣ ଅଫତାବ୍ ହୋସେନ୍, ନିଜର ସ୍ୱଳ୍ପ ଆୟରୁ ସଞ୍ଚୟ କରି ଗ୍ରାମବାସୀଙ୍କ ପାଇଁ ସାତଟି ପାଣି ଟାଙ୍କି ବସାଇଥିବା ମନ୍ମଥ ମହାରଣା ପ୍ରମୁଖ । ପୁସ୍ତକର ସମୀକ୍ଷା କରିଥିଲେ ସାହିତ୍ୟିକ ଶ୍ରୀ ଦାଶ ବେନହୁର । ସଭାରେ ଶ୍ରୀ ନିରଞ୍ଜନ ପଟ୍ଟନାୟକ ନିଜର ଲେଖନୀୟ ଅଭିବ୍ୟକ୍ତିରେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଏହି ସାଧାରଣ ଜୀବନ କଥାରୁ ଯଦି ଜଣେ ବି ଯୁବକ ପ୍ରେରଣା ପାଇବ ତାଙ୍କ ରଚନା ସାର୍ଥକ ହେବ । ଶ୍ରୀ ପଟ୍ଟନାୟକଙ୍କ ସହ ବରିଷ୍ଠ ସାମ୍ବାଦିକ ଶ୍ରୀ ରାଜେଶ ମହାପାତ୍ର ଏକ ମାର୍ମିକ ଆଲୋଚନା କରିଥିଲେ । ଆମ ଓଡିଶା ଦ୍ୱାରା ପ୍ରକାଶିତ ଏହି ପୁସ୍ତକ ଲୋକାର୍ପଣ ସଭାରେ ସଭାପତିତ୍ୱ କରିଥିଲେ ଆମ ଓଡିଶାର ଅଧ୍ୟକ୍ଷ ଶ୍ରୀ ସୌମ୍ୟ ରଞ୍ଜନ ପଟ୍ଟନାୟକ । ରାଜ୍ୟର ବହୁ ଲେଖକ, କଳାକାର, ବୁଦ୍ଧିଜୀବୀ, ରାଜନେତା ଏହି ସଭାରେ ଉପସ୍ଥିତ ଥିଲେ ।

# ମଧୁବାବୁଙ୍କୁ ଭାରତରତ୍ନ ପାଇଁ ଦାବିପତ୍ର

ଭୁବନେଶ୍ୱର, ୫।୭ (ମହାଭାରତ): ଓଡିଶା ପ୍ରଦେଶ ଗଠନର ପ୍ରମୁଖ କର୍ଣ୍ଣଧାର, ଓଡିଆ ଅସ୍ମିତାର ପ୍ରତିକ, ଉତ୍କଳ ସମ୍ମିଳନୀର ପ୍ରାଣ ପ୍ରତିଷ୍ଠାତା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କୁ ଭାରତରତ୍ନ ପ୍ରଦାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ସହାୟତା ଲୋଡିଛି ଉତ୍କଳ ସମ୍ମିଳନୀ । ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧି ମଣ୍ଡଳୀ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସାକ୍ଷାତ କରି ମଧୁବାବୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ ପାଇଁ ଆଲୋଚନା କରିଛନ୍ତି । ସୂଚନାଯୋଗ୍ୟ ଯେ, ଉତ୍କଳ ସମ୍ମିଳନୀର ପ୍ରସ୍ତବକ୍ରମେ ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମଧୁବାବୁଙ୍କୁ ଭାରତରତ୍ନ ପ୍ରଦାନ କରିବା ପାଇଁ କେନ୍ଦ୍ର ସରକାରଙ୍କ ଗୃହ ବିଭାଗକୁ



ପତ୍ରସଂଖ୍ୟା. ପି୧/ବି/୨୦୨୪୦୮୦୫୩୩୭୪, ତା-୦୬-୦୮-୨୦୨୪ ଅନୁସାରେ ସୁପାରିସ କରିସାରିଛନ୍ତି । ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ରାଜ୍ୟ ସଭାପତି ଅଧିବକ୍ତା ଅନନ୍ତ ପ୍ରସାଦ ଜେନା, ଉପ-ସଭାପତି ଡ. ସୁରେନ୍ଦ୍ର ମୋହନ ମିଶ୍ର, ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଓ ମଞ୍ଜେଶ୍ୱର ଶିକ୍ଷାଞ୍ଚଳ ଶାଖା ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ପ୍ରମୁଖ ଏହି ପ୍ରତିନିଧି ମଣ୍ଡଳୀରେ ସାମିଲ ହୋଇ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହିତ ଆଲୋଚନା କରିଥିଲେ ।

# ନାରାୟଣ ସେବା ଫାଉଣ୍ଡେସନର ପୁସ୍ତିକା ଉନ୍ମୋଚିତ

ଭୁବନେଶ୍ୱର, ୫।୭ (ମହାଭାରତ): ପବିତ୍ର ମହାପ୍ରଭୁଙ୍କ ସ୍ନାନପୂର୍ଣ୍ଣିମା ଅବସରରେ ସାମାଜିକ ସଂଗଠନ ନାରାୟଣ ସେବା ଫାଉଣ୍ଡେସନର ନବମ ସ୍ୱନକ୍ଷତ୍ର ଉତ୍ସବ ଏବଂ ସାମାଜିକ କାର୍ଯ୍ୟକ୍ରମର ପୁସ୍ତିକା ଓ ସମ୍ବର୍ଦ୍ଧନା ପର୍ବ ପ୍ରତିଷ୍ଠାତା, ସମାଜସେବୀ ସୀତାଂଶୁ ଶେଖର ମହାରଣାଙ୍କ ପୌରହିତ୍ୟ ଓ ସଭାପତି, ବିଶିଷ୍ଟ ସମାଜସେବୀ ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ସଂଗଠନର ବରିଷ୍ଠ ସଦସ୍ୟ ସ୍ୱର୍ଗତ ବ୍ରଜବନ୍ଧୁ ପରିଡାଙ୍କ ସ୍ମୃତିରେ ଦୁଇମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ସଂଗଠନର ମୁଖ୍ୟ ପରିଚାଳକ ତଥା ପତ୍ରକାର ଅରବିନ୍ଦ ତ୍ରିପାଠୀଙ୍କ ଅତିଥି ପରିଚୟ ପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉଦଘାଟକ ଭାବେ ବିଶିଷ୍ଟ ଭାଷାବିତ ପଦ୍ମଶ୍ରୀ ଡ଼ଃ ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟଅତିଥି ଭାବେ ମାନ୍ୟବର ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦ୍ଦେବ, ମୁଖ୍ୟବକ୍ତା ଭାବେ ସଂସ୍କୃତି ପୁରୁଷ ତଥା ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ଟ୍ରଷ୍ଟର ଆଜୀବନ ଅଧ୍ୟକ୍ଷ ଡ଼ଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ସମ୍ମାନିତ ଅତିଥି ଭାବେ ବରିଷ୍ଠ ପୁଜ୍ୟପୂଜା ପ୍ରାଣ ତଥା କଳିଙ୍ଗ ଆଖଡ଼ା ପାଇକ ସଂଗଠନର ଖୋର୍ଦ୍ଧା ଜିଲ୍ଲା ସଭାପତି ଡ଼ଃ ପ୍ରକାଶ ଶ୍ରୀଚନ୍ଦନ, ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡିଶା ନାଗରିକ ମହାମ□ ଉପସଭାପତି ତଥା ବରିଷ୍ଠ ସଭାପତି ଡ଼ଃ ପ୍ରଦୀପ କୁମାର ବିଶ୍ୱାଳ ଉପସ୍ଥିତ ରହିବା ସହ ଅସହାୟ, ଦୁସ୍ଥ ବ୍ୟକ୍ତିମାନଙ୍କ ସେବା ମାଧବଙ୍କ ସେବା ସହିତ ସମାନ ବୋଲି ମତବ୍ୟକ୍ତ କରିଥିଲେ । ସଂଗଠନର ସମ୍ପାଦିକା ସମିତା ମହାରଣା ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ ଉକ୍ତ ଅନୁଷ୍ଠାନ ଦୀର୍ଘବର୍ଷ ଧରି ବିଭିନ୍ନ ସାମାଜିକ, ସଚେତନତାମୂଳକ ତଥା ପୁଜ୍ୟପୂଜା ସମ୍ପର୍କିତ କାର୍ଯ୍ୟକ୍ରମ ରକ୍ତଦାନ ଠାରୁ ଆରମ୍ଭ କରି ବିଶ୍ୱସ୍ୱାସ୍ଥ୍ୟ ଦିବସ କାର୍ଯ୍ୟକ୍ରମ, ପରିବେଶ, ମହିଳାଙ୍କ ଶିକ୍ଷା, ସଚେତନତା ସହ ରାଜଧାନୀ ବାହାରେ ମଧ୍ୟ ବନ୍ୟା, ବାତ୍ୟା ପ୍ରପୀଡ଼ିତ ଅସହାୟ, ଅଭାବୀ ବ୍ୟକ୍ତିବିଶେଷଙ୍କୁ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଛି ବୋଲି ମତବ୍ୟକ୍ତ କରିଥିଲେ । ଉଦଘାଟକ ଡ଼ଃ ପଟ୍ଟନାୟକ, ମୁଖ୍ୟ ଅତିଥି ଶ୍ରୀଯୁକ୍ତ ଜଗଦେବ, ମୁଖ୍ୟବକ୍ତା ଡ଼ଃ ଜ୍ଞାନେନ୍ଦ୍ର ସଭାପତି ଶ୍ରୀଯୁକ୍ତ ମିଶ୍ରଙ୍କ ସହିତ ଅନ୍ୟ ଦୁଇ ସମ୍ମାନିତ ଅତିଥି ନାରାୟଣ ସେବା ଫାଉଣ୍ଡେସନର ଦୀର୍ଘ ନଅବର୍ଷର ସଫଳ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ ।



ଏହି ଅବସରରେ ସାହିତ୍ୟ ଓ ସମାଜସେବା କ୍ଷେତ୍ରରେ ଡ଼ଃ ଜୟଶ୍ରୀବାଳା ମଲ୍ଲିକ, ପୁଜ୍ୟପୂଜା ପାଇଁ କାମଦେବ ମହାପାତ୍ର, ପଶୁପ୍ରେମୀ ସମାଜସେବୀ ସନ୍ତୋଷ ମଲ୍ଲିକ, ମୁଗୁପୁର ସମାଜର କାର୍ଯ୍ୟକାରୀ ସଭାପତି ତଥା ସମାଜସେବୀ ସୁରେନ୍ଦ୍ର କୁମାର ସାହୁ, ଚିକିତ୍ସା କ୍ଷେତ୍ରରେ ଡ଼ଃ କାଳନ୍ଦୀ ସେଠୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସାମ୍ବାଦିକତା କ୍ଷେତ୍ରରେ ଦୁଇ ପ୍ରତିଭା ମଦନ ମୋହନ ପାଢ଼ୀ ଓ ଫୋଟୋ ସାମ୍ବାଦିକ ସନ୍ତୋଷ କୁମାର ପଣ୍ଡାଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।

# ରାଜନୀତିରେ ମେଣ୍ଟ

ଜାତୀୟ ରାଜନୀତିରେ ଏବେ ଦୁଇଟି ମୁଖ୍ୟ ଜାତୀୟ ଦଳର ନେତୃତ୍ୱରେ ଚାଲିଥିବା ମେଣ୍ଟ ମଧ୍ୟରେ ମୁକାବିଲା ହେଉଛି। ଗୋଟିଏ ହେଲା ବିଜେପି ନେତୃତ୍ୱାଧିନ ଏନଡିଏ ଏବଂ ଅନ୍ୟଟି ହେଲା କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକ ଯାହା ପୂର୍ବରୁ ୟୁପିଏ ନାମରେ ପରିଚିତ ଥିଲା। ଇଣ୍ଡିଆ ବ୍ଲକରେ ବାମପନ୍ଥୀ ମେଣ୍ଟ ସାମିଲ ରହିଛି। ଆଉ କିଛି ଦଳ ଉଭୟ ମେଣ୍ଟରୁ ସମଦୂରତା ବଜାୟ ରଖିଛନ୍ତି। କିନ୍ତୁ ଏମାନଙ୍କ ସଂଖ୍ୟା କମ। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ବିଜୁ ଜନତା ଦଳ, ୟୁପିରେ ମାୟାବତୀଙ୍କ ବିଏସପି, ପଞ୍ଜାବେର ଶିରାମଣି ଅକାଳି ଦଳ, ତେଲେଙ୍ଗାନାରେ କେ ଚନ୍ଦ୍ରଶେଖର ରାଓଙ୍କ ଭାରତ ରାଷ୍ଟ୍ର ସମିତି (ବିଆରଏସ), ଜାମ୍ମୁ-କାଶ୍ମୀରରେ ମେହବୁବା ମୁଫତିଙ୍କ ପିଡିପି ଇତ୍ୟାଦି କିଛି ଦଳ ଏହି ଶ୍ରେଣୀଭୁକ୍ତ ଅଛନ୍ତି। ଏବେ ଏଥିରେ ସାମିଲ ହୋଇଛି ଏମ କେ ଷ୍ଟାଲିନଙ୍କ ଡିଏମକେ। ରାଜ୍ୟରେ କଂଗ୍ରେସ କ୍ଷମତା ପାଇଁ ଟିଭିକେ ସହ ହାତ ମିଳାଇବା ପରେ ଡିଏମକେ ଇଣ୍ଡି ମେଣ୍ଟରୁ ଓହରିଯାଇଛି। ଏବେ ଏହା ଏନଡିଏରେ ଯୋଗ ଦେବ କି ନିଜର ସ୍ୱାଧୀନ ସ୍ଥିତି ବଜାୟ ରଖିବ ତାହା ଦେଖିବାର କଥା। ତେବେ ଜାତୀୟ ରାଜନୀତିରେ ମୁକାବିଲା ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ହେଉଛି। କିନ୍ତୁ କଂଗ୍ରେସ ନେତୃତ୍ୱାଧିନ ଇଣ୍ଡିଆ ବ୍ଲକରେ ଅଂଶୀଦାର ଦଳମାନଙ୍କ ମଧ୍ୟରେ ବୁଝାମଣା ନାହିଁ। ଅଧିକାଂଶ ରାଜ୍ୟରେ ସେମାନେ ପରସ୍ପର ବିରୋଧରେ ଲଢୁଛନ୍ତି। ଦିଲ୍ଲୀ ଏବଂ ହରିୟାନାରେ କଂଗ୍ରେସ ତଥା ଆପ ପରସ୍ପର ବିରୋଧରେ ଲଢ଼ି ପରାଜିତ ହେଲେ। ୟୁପି ବ୍ୟତିତ ଅନ୍ୟ କେତେକ ରାଜ୍ୟରେ ସମାଜବାଦୀ ପାର୍ଟି ଏବଂ କଂଗ୍ରେସ ମଧ୍ୟରେ ବୁଝାମଣା ନାହିଁ। ନିର୍ବାଚନରେ ଆସନ ବୁଝାମଣା ନହେବା ଭିନ୍ନ କଥା। କିନ୍ତୁ ବଡ଼ କଥା ହେଲା ଏହିସବୁ ଦଳମାନେ ପରସ୍ପର ବିରୋଧରେ ବିଷୋଦଗାର କରୁଛନ୍ତି। ଏହାର କାରଣ ହେଲା ସହଯୋଗୀ ବା ମିତ୍ର ଦଳମାନଙ୍କ ମଧ୍ୟରେ ଉତ୍ତମ ବୁଝାମଣା ବା ବିଶ୍ୱାସ ନାହିଁ। କେବଳ କ୍ଷମତା ପାଇଁ ବା ବିଜେପିକୁ ପରାଜିତ କରିବା ନିମନ୍ତେ ଏମାନେ ଏକାଠି ହୋଇଛନ୍ତି। ରାଷ୍ଟ୍ରୀୟ ସ୍ୱାର୍ଥ ନିମନ୍ତେ ଏମାନେ ଏକାଠି ହୋଇନାହାଁନ୍ତି। ଯେ ପର୍ଯ୍ୟନ୍ତ ବନ୍ଧୁ ଦଳମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଆସ୍ଥା, ବିଶ୍ୱାସ ଏବଂ ସମ୍ମାନ ନରହିବ ସେ ପର୍ଯ୍ୟନ୍ତ ମେଣ୍ଟ ସଫଳ ହେବ ନାହିଁ ବା ଦୀର୍ଘସ୍ଥାୟୀ ହୋଇପାରିବ ନାହିଁ। କେବଳ ଇଣ୍ଡିଆ ବ୍ଲକ ନୁହେଁ, ଶାସକ ଏନଡିଏରେ ମଧ୍ୟ ଅଂଶୀଦାର ଦଳମାନଙ୍କ ମଧ୍ୟରେ ଆସ୍ଥା ଏବଂ ବିଶ୍ୱାସର ଅଭାବ ରହିଛି। ଏହାର ଉଦାହରଣ ବିହାରରେ ଦେଖିବାକୁ ମିଳିବ। ରାଜ୍ୟରେ ବିଜେପି ଓ ଜେଡିୟୁ ମଧ୍ୟରେ ବୁଝାମଣା ଥିଲେ ମଧ୍ୟ ଦୁଇ ଦଳ ପରସ୍ପର ବିରୋଧରେ ଷଡ଼ଯନ୍ତ୍ର କରୁଛନ୍ତି। ନୀତିଶ କୁମାର ବାରମ୍ବାର ଏନଡିଏରୁ ଓହରିଯାଉଛନ୍ତି, ପୁଣି ସାମିଲ ହେଉଛନ୍ତି। ମହାରାଷ୍ଟ୍ରରେ ତିନିଦଳକୁ ନେଇ ଗଠିତ ମହାୟୁତିରେ ସମାନ ପରିସ୍ଥିତି। ବିଜେପି ବ୍ୟତିତ ଅଜିତ ପାୱାରଙ୍କ ନେତୃତ୍ୱାଧିନ ଏନସିପି ଏବଂ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧିନ ଶିବସେନା ମହାୟୁତିର ଅଂଶୀଦାର ଦଳ। ରାଜ୍ୟ ବିଧାନସଭାର ମୋଟ ୨୮୮ ଆସନ ମଧ୍ୟରୁ ମହାୟୁତି ୨୩୨ ଆସନ ଜିତି ଏକପ୍ରକାର ଇତିହାସ ରଚନା କରିଥିଲା। ମେଣ୍ଟର ମୁଖ୍ୟ ବା ବୃହତମ ଅଂଶୀଦାର ଦଳ ବିଜେପି ବିଧାୟକ ଦଳର ନେତା ଦେବେନ୍ଦ୍ର ଫଡ଼ନାବିଶ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏକନାଥ ସିନ୍ଦେ ଏବଂ ଅଜିତ ପାୱାର ଉଭୟେ ଉପ-ମୁଖ୍ୟମନ୍ତ୍ରୀ ହୋଇଛନ୍ତି। ସରକାର ସପକ୍ଷରେ ନିରଙ୍କୁଶ ସଂଖ୍ୟାଗରିଷ୍ଠତା ରହିଛି। ବିରୋଧୀ ସେମାନଙ୍କ ଆଖପାକରେ ମଧ୍ୟ ନାହାଁନ୍ତି। କେନ୍ଦ୍ରରେ ମଧ୍ୟ ସେମାନଙ୍କ ସରକାର ଚାଲିଛି। ଏବେ ୫ ବର୍ଷ ସମ୍ପୂର୍ଣ୍ଣ ଶାସନ କରିବାର ସୁଯୋଗ। କିନ୍ତୁ ବିଜେପି ଓ ସିନ୍ଦେଙ୍କ ଶିବସେନା ମଧ୍ୟରେ ବିଭେଦ ଆରମ୍ଭ ହୋଇଯାଇଛି। ନିର୍ବାଚନରେ ଆଶାତୀତ ସଫଳତା ପରେ ସରକାରର ନେତୃତ୍ୱ ପ୍ରସଙ୍ଗ ନେଇ ବେଶ କିଛି ଦିନ ବିବାଦ ଚାଲିଲା। ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମହାୟୁତି ସରକାରର ସଫଳତା ସପକ୍ଷରେ ପୁନର୍ବାର ମହାରାଷ୍ଟ୍ରବାସୀ ରାୟ ଦେଇଥିଲେ।

# ନୈତିକ ଶିକ୍ଷାର ଗୁରୁତ୍ୱ

॥ ପ୍ରଦୀପ୍ତ ଆଚାର୍ଯ୍ୟ ॥

> ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ।

ଆଜି ପୃଥିବୀରେ ବୈଜ୍ଞାନିକ ଉଦ୍ଭାବନ ଓ ଆବିଷ୍କାର ମନୁଷ୍ୟକୁ ଉନ୍ନତିର ଚରମ ଶିଖରରେ ଉପନୀତ କରାଇଦେଇଛି। ପୁର୍ବେ ଯେଉଁ କାର୍ଯ୍ୟ କରିବାକୁ ସମୟ, ଶ୍ରମ ଓ ଅର୍ଥବ୍ୟୟ କରିବାକୁ ପଡୁଥିଲା, ଆଜି ତାହା ବିଜ୍ଞାନର ଚରମ ଉଦ୍ଭାବନ କମ୍ପ୍ୟୁଟର ମାଧ୍ୟମରେ ଅତି ସହଜରେ କରା ଯାଇ ପାରୁଛି। ବଣ ଜଙ୍ଗଲରେ ଉଲଗ୍ନ ରହି, ବୃକ୍ଷର ଫଳମୁଳ ତଥା କଂଚା ପଶୁ ମାଂସ ଭକ୍ଷଣ କରୁଥିବା ମନୁଷ୍ୟ, ଆଜି ଯେଉଁ ସ୍ଥାନରେ ପହଂଚି ଯାଇଛି, ତାହା ଅଚିନ୍ତନୀୟ, ଅକଳ୍ପନୀୟ। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଯୋଗାଯୋଗ, ପରିବହନ, କୃଷି ତଥା ଜୀବନର ପ୍ରତ୍ୟେକ ଦୈନନ୍ଦିନ କାର୍ଯ୍ୟରେ, ବୈଜ୍ଞାନିକ ଉଦ୍ଭାବିତ ଯାନ୍ତ୍ରୀକ ପ୍ରୟୋଗ, ଆମର କଠିନ ଶ୍ରମକୁ ଲାଘବ କରି ଜୀବନକୁ ସୁଖ ସ୍ୱାଛନ୍ଦରେ ଭରି ଦେଇଛି। କିନ୍ତୁ ତୁଳନାତ୍ମକ ଭାବରେ, ଆମେ ଆମର ନୈତିକତା ଓ ସାଂସ୍କୃତିକ ପରମ୍ପରାରେ ସମ ପରିମାଣରେ ଅଗ୍ରଗତି କରି ପାରୁନାହୁଁ। ପ୍ରାଚୀନ କାଳରେ ପ୍ରଚଳିତ ନୈତିକତା ଓ ସାଂସ୍କୃତିକ ପରମ୍ପରାକୁ, ଆମେ ବହୁତ ପଛରେ ଛାଡି ଦେଇଛେ।

ଆଧୁନିକ ମନୁଷ୍ୟ ସୁଖ ସ୍ୱାଛନ୍ଦରେ କାଳାତିପାତ କରୁଛି ସତ୍ୟ, କିନ୍ତୁ ଶାନ୍ତି ପ୍ରାପ୍ତି ତାପାଇଁ ସ୍ୱପ୍ନ। ପ୍ରତ୍ୟେକ ଦିନ ସମ୍ବାଦ ପତ୍ର ପୃଷ୍ଠା ମଣ୍ଡନ କରୁଥିବା, ଅଭାବନୀୟ ଖବର ସର୍ବଜନବିଦିତ। କେଉଁଠି ପଇସା ପାଇଁ ପୁତ୍ର, ପିତୃ ହତ୍ୟାକାରୀ ତ, କେଉଁଠି ଦୁଇଟି ସନ୍ତାନର ଜନନୀ ସ୍ୱାମୀକୁ ଛାଡି ପ୍ରେମିକ ସହିତ ଫେରାର। ସହଜ ଉପାୟରେ ଅର୍ଥ ରୋଜଗାରର ଦୁର୍ବାର ଲାଳସା, ମନୁଷ୍ୟର ବିବେକକୁ ସଂପୂର୍ଣ ରୁପେ ଗ୍ରାସ କରି ଦେଇଛି। କିଏ ମନୁଷ୍ୟ ମାନଙ୍କର ଜୀବନକୁ ହେୟଜ୍ଞାନ କରି, ଖାଦ୍ୟ ଅପମିଶ୍ରଣ କରୁଛି ତ କିଏ ନକଲି ଡାକ୍ତର ନକଲି ସାମ୍ବାଦିକ ସାଜି ଅର୍ଥ ରୋଜଗାରରେ ବ୍ୟସ୍ତ। ଆଧୁନିକ ଶୈଳୀରେ ଜୀବନ ଯାପନ ନିମନ୍ତେ, ଆମେ ଆମର ଚାହିଦା ଓ ଆବଶ୍ୟକତାକୁ ସୀମିତ ରଖି ପାରୁନାହେଁ। ଯାହା ଫଳରେ ଅନୈତିକ ଉପାୟରେ ଅର୍ଥ ରୋଜଗାର ନିମନ୍ତେ ପ୍ରୟାସ କରୁଛେ।

ନୈତିକତା ବିହୀନ ମାନସିକତା, ଆମକୁ କେବେବି ସଂଯମୀ ତଥା ଶୃଙ୍ଖଳିତ କରାଇ ପାରିବ ନାହିଁ। ନିମ୍ନଗାମୀ ସାମାଜିକ ସ୍ଥିତିକୁ ସୁଦୃଢ କରିବା ନିମନ୍ତେ, ବିଦ୍ୟାଳୟ ସ୍ତରରେ, ନୈତିକ ଶିକ୍ଷା ପ୍ରଦାନ ଏକାନ୍ତ ଆବଶ୍ୟକ। ପ୍ରାଚୀନ କାଳର ଗୁରୁକୁଳ, ବନ ବିଦ୍ୟାଳୟର ଶିକ୍ଷା, ଆଜି ଅନଲାଇନ୍ ଶିକ୍ଷାରେ ପହଂଚି ଯାଇଛି। ଶିକ୍ଷା କ୍ଷେତ୍ରରେ କମ୍ପ୍ୟୁଟର, ପ୍ରୋଜେକ୍ଟର ସ୍ମାର୍ଟ ବୋର୍ଡ, ଆଧୁନିକ ବିଜ୍ଞାନାଗାର, ଇ-ଲାଇବ୍ରେରୀର ପ୍ରଚଳନ ଦ୍ୱାରା, ଛାତ୍ରଛାତ୍ରୀ ମାନଙ୍କର ବୌଦ୍ଧିକ ବିକାଶ, ବହୁଗୁଣିତ ହୋଇଛି ସତ୍ୟ, କିନ୍ତୁ ନୈତିକ ଶିକ୍ଷାର ଅଧୋପତନ ଘଟିଛି, ଯାହାକି ସାମାଜିକ ବିଶୃଙ୍ଖଳାର ମୁଖ୍ୟ କାରଣ। ଆଜି ବିଜ୍ଞାନ ଯୁଗରେ ସଂସ୍କୃତି ଓ ବିଜ୍ଞାନର ସଂଘର୍ଷ। ଶାସ୍ତ୍ର ପୁରାଣର ସତ୍ୟତା ଉପରେ ପ୍ରଶ୍ନବାଚୀ।

ଶାସ୍ତ୍ର ପୁରାଣରେ ଯେତେ କୁପ୍ରଥା ଓ ଅନ୍ଧବିଶ୍ୱାସ ଥାଉନା କାହିଁକି, ତତ୍ ସନ୍ନିହିତ ମାନବବାଦ କିନ୍ତୁ ଉଗ୍ର ମାନସିକତାକୁ ପ୍ରଶମିତ କରାଇବା ପାଇଁ ଏକ ଉତମ ମାର୍ଗଦର୍ଶିକା। ବିଦ୍ୟାଳୟ ସ୍ତରର ପିଲାମାନଙ୍କ ମାନସିକତା ନମନୀୟ। ତାକୁ ଯେପରି କରିବାକୁ ପ୍ରଚେଷ୍ଟା କରିବା ତାହା କରିହେବ। ବିଶେଷ ଭାବରେ ମାଧ୍ୟମିକ ସ୍ତରରେ ଅଧ୍ୟୟନରତ ଛାତ୍ରଛାତ୍ରୀ ମାନଙ୍କର (ଆଡୋଲସେନସ ପିରିୟଡ) ବା ଆଦ୍ୟ ଯୌବନ ସମୟ। ଏହି ସମୟରେ ସେମାନଙ୍କର ମାନସିକ ଏବଂ ଶାରୀରିକ ପରିବର୍ତନ ପ୍ରକୃତିସୃଷ୍ଟ ଏବଂ ଏହି ସମୟରେ ସେମାନେ କିଛି ସ୍ୱତନ୍ତ୍ର ହେବାର ବା ସ୍ୱତନ୍ତ୍ର କରି ଦେଖାଇବାର ପ୍ରବୃତିର ବଶବର୍ତୀ ହୋଇଥାନ୍ତି।

ପୁର୍ବ କାଳରେ ମାତା ମାନେ, କିମ୍ବା ଜେଜେମା ମାନେ ପିଲା ମାନଙ୍କୁ ସୁନ୍ଦର ସୁନ୍ଦର ନୀତିଶିକ୍ଷା ପୁର୍ଣ ଗଳ୍ପ ସବୁ ଶୁଣାଉଥିଲେ, ଯାହା ସେମାନଙ୍କ ମନରେ ଗଭୀର ରେଖାପାତ କରି, ନୈତିକତା ବୃଦ୍ଧି ନିମନ୍ତେ ସହାୟ ହେଉଥିଲା। ତାହାହିଁ ଥିଲା ମନୋରଂଜନର ଏକମାତ୍ର ମାଧ୍ୟମ। ଟିଭି ମୋବାଇଲର ଉଦ୍ଭାବନ ପରେ, ଗଳ୍ପ କଥନ ଓ ଶ୍ରବଣ ଯୁଗର ଅନ୍ତ ହେଲା। ଆଧୁନିକ ମାତା ମାନେ ମଧ୍ୟ ଅବସର ସମୟକୁ ସଂପୂର୍ଣ ମୋବାଇଲ ଦେଖାରେ ବିନିଯୋଗ କରୁଥିବାରୁ, ପିଲାର ନୈତିକ ଶିକ୍ଷା ପ୍ରତି ଉଦାସୀନ ରହୁଛନ୍ତି। ପିଲା ମାନଙ୍କ ଉପରେ ଅଭିଭାବକ ମାନଙ୍କ କର୍ତୃତ୍ୱ କଟକଣା କୋହଳ ହୋଇ ଯାଉ ଥିବାରୁ, ସେମାନେ କୁସଙ୍ଗରେ ପଡି, ବିଭିନ୍ନ ଅପରାଧିକ କାର୍ଯ୍ୟରେ ସାମିଲ ହୋଇ ଯାଉଛନ୍ତି।

ଅଗ୍ନିରେ ଘୃତାହୁତି ପରି, ମୋବାଇଲରେ ପ୍ରଦର୍ଶିତ ନକାରାତ୍ମକ ଦୃଶ୍ୟ ପ୍ରତି ଆକୃଷ୍ଟ ହୋଇ, ବିପରିତ ଲିଙ୍ଗୀଙ୍କ ପ୍ରତି ଆକର୍ଷିତ ହେବା ସଙ୍ଗେ ସଙ୍ଗେ, ମଦ୍ୟପାନ, ଦୁଷ୍କର୍ମ, ରାହାଜାନୀ ଇତ୍ୟାଦି କାର୍ଯ୍ୟ କରିବାକୁ ଦ୍ୱିଧାଗ୍ରସ୍ତ ହେଉ ନାହାନ୍ତି। ଉପରୋକ୍ତ ପରିପ୍ରେକ୍ଷୀରେ, ବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଦାନ ଉପରେ ଗୁରୁତ୍ୱ ଦେବାର ଯଥେଷ୍ଟ ଆବଶ୍ୟକତା ଅଛି। ବିଦ୍ୟାଳୟକୁ ଦଣ୍ଡମୁକ୍ତ ଅଂଚଳ ଘୋଷଣା ଦ୍ୱାରା, ଶିକ୍ଷକ ମାନଙ୍କ ସମ୍ଭ୍ରମତା ହ୍ରାସ ହୋଇଥିଲେ ମଧ୍ୟ, ଏବେବି ପିଲାମାନେ ପିତାମାତାଙ୍କ ଅପେକ୍ଷା, ଶିକ୍ଷକ ମାନଙ୍କ କଥାକୁ ଅଧିକ ଗୁରୁତ୍ୱାରୋପ କରନ୍ତି। ତେଣୁ ଆଜିର ପତନୋନ୍ମୁଖି ସମାଜକୁ ରକ୍ଷା କରିବା ନିମନ୍ତେ, ଶିକ୍ଷକ ମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ। ଜଣେ ଶିକ୍ଷକର ଆଗ୍ରହ, ଆନ୍ତରିକତା ଓ ନିଷ୍ଠା ଦ୍ୱାରା, ଗୋଟିଏ ପିଲା ଜଣେ ସୁନାଗରିକ ହୋଇ ପାରିବ, ଏହା ନିଃସନ୍ଦେହ। ଗୋଟିଏ ପିରିୟଡର ଶିକ୍ଷାଦାନ ସମୟ ଭିତରେ ବି ଶିକ୍ଷକ ମାନେ ପିଲା ମାନଙ୍କୁ, ବିଭିନ୍ନ ନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି।

ନମ୍ର, ସହନଶୀଳ, ମିଷ୍ଟଭାଷୀ ଓ ମେଳାପୀ ହେବା, ଅନ୍ୟ ମାନଙ୍କୁ ଭଦ୍ରୋଚିତ ବ୍ୟବହାର ପ୍ରଦର୍ଶନ କରିବା, ଈଶ୍ୱରଙ୍କୁ ସଭକ୍ତି ପ୍ରାର୍ଥନା କରିବା, ଗୁରୁଜନ ମାନଙ୍କ ପଦସ୍ପର୍ଶ କରି ପ୍ରଣାମ କରିବା ଇତ୍ୟାଦି ସୁଗୁଣ ଗୁଡିକ ଆପଣାଇ ନେଲେ, ସେମାନଙ୍କର କଣ ଲାଭ ହେବ, ଏକଥା ବାରମ୍ବାର ତାଙ୍କ କାନରେ ପକାଇବା ଦରକାର। କୋର୍ସ ସାରିବା ନିମନ୍ତେ ଶିକ୍ଷାଦାନ ଏବଂ ଅନ୍ୟାନ ଦାୟିତ୍ୱ ତୁଲାଇ, ଶିକ୍ଷକ ମାନେ ପ୍ରାୟ ଏକାର୍ଯ୍ୟ କରି ପାରୁ ନାହାନ୍ତି। ଯଦି ନୈତିକ ଶିକ୍ଷାଦାନ ନିମନ୍ତେ,କିଛି ନିର୍ଦ୍ଦିଷ୍ଟ ସମୟ ରଖା ଯାଆନ୍ତା, ତେବେ ହୁଏତ ଏହା ସମ୍ଭବ ହୋଇ ପାରନ୍ତା। ଅଧିକ ଅର୍ଥ ରୋଜଗାର କରିବା ନିମନ୍ତେ, ପିଲାମାନେ ତଥା ଅଭିଭାବକ ମାନେ, ବୈଷୟିକ ଶିକ୍ଷା ଉପରେ ଏତେ ଅଧିକ ଗୁରୁତ୍ୱ ଆରୋପ କରୁଛନ୍ତି ଯେ, ପିଲାଟି ସମ୍ପୂର୍ଣ ଭାବରେ ଏକ ଯାନ୍ତ୍ରିକ ମାନବରେ ପରିଣତ ହୋଇ ଯାଉଛି। ତା ମନରୁ ସ୍ନେହ, ଶ୍ରଦ୍ଧା, ମାନବିକତା କ୍ରମେ ଲୋପ ପାଇ ଯାଉଛି, ଯାହାର କୁପ୍ରଭାବ ତାର ପିତା ମାତା ଏବଂ ସମାଜକୁ ଭୋଗିବାକୁ ପଡୁଛି। ତେଣୁ ସାଧୁ ସାବଧାନ ! ଜ୍ଞାନୀଗୁଣୀ, ଚିନ୍ତାଶୀଳ ବ୍ୟକ୍ତି, ଶିକ୍ଷାବିତ୍ ମାନେ, ଲେଡି ଗୁଡ କହୁଣିକୁ ବୋହିଯିବା ପୂର୍ବରୁ, ଏବିଷୟରେ ଗଭୀର ଅନୁଧ୍ୟାନ କରନ୍ତୁ ଏବଂ ପିଲା ମାନଙ୍କୁ ନୈତିକ ଶିକ୍ଷା ପ୍ରଦାନ ନିମନ୍ତେ ଶତ ପ୍ରତିଶତ ଚେଷ୍ଟିତ ହୁଅନ୍ତୁ।

ଶିକ୍ଷାବିତ୍, ଈଶାଣୀବ୍ରହ୍ମପୁର, କଟକ
ମୋ-୬୩୭୧୫୯୩୨୨୦

# ଆଧ୍ୟାତ୍ମିକ ପୁରୁଷ ସ୍ୱାମୀ ବିବେକାନନ୍ଦ

॥ ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ସନ୍ଥ ରାମକୃଷ୍ଣ ପରମହଂସଙ୍କ ମୁଖ୍ୟ ଶିଷ୍ୟ ନରେନ୍ଦ୍ର ନାଥ ବିଶ୍ୱନାଥ ଦତ୍ତ ବା ସ୍ୱାମୀ ବିବେକାନନ୍ଦ ଭାରତୀୟ ବେଦାନ୍ତ ଓ ଯୋଗ ଦର୍ଶନକୁ ପାଶ୍ଚାତ୍ୟ ଜଗତ୍‌ରେ ସୁପରିଚିତ କରାଇଥିବା ମହାନ ଦାର୍ଶନିକଙ୍କ ମଧ୍ୟରେ ଅନ୍ୟତମ। ସେ ହିନ୍ଦୁ ଧର୍ମକୁ ନବ ରୂପ ଦେବା ସହ ପାଶ୍ଚାତ୍ୟରେ ଲୋକପ୍ରିୟ କରାଇଥିଲେ। ଫଳ ସ୍ୱରୂପ ହିନ୍ଦୁ ଧର୍ମ ଏକ ବିଶାଳ ବିଶ୍ୱ ଧର୍ମର ମାନ୍ୟତା ପାଇଥିଲା। ୧୮୯୩ରେ ଯୁକ୍ତରାଷ୍ଟ୍ର ଆମେରିକାର ଚିକାଗୋରେ ଅନୁଷ୍ଠିତ ବିଶ୍ୱ ସ୍ତରର ଧର୍ମ ସମ୍ମିଳନୀରେ ସେ ଚମତ୍କାର ଭାଷଣ ଦେଇ ଉପସ୍ଥିତ ଧାର୍ମିକ ନର ନାରୀଙ୍କୁ ସ୍ତବ୍ଧ କରିଦେଇଥିଲେ। ସ୍ୱାମୀ ବିବେକାନନ୍ଦ ହିଁ ରାମକୃଷ୍ଣ ମିସନ୍ ଓ ରାମକୃଷ୍ଣ ମଠର ପ୍ରତିଷ୍ଠାତା।

ସ୍ୱାମୀଜୀଙ୍କ ଜନ୍ମ କଲିକତାରେ ହୋଇଥିଲା। ୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ। ସେ ଦିନ ଥିଲା ପବିତ୍ର ମକର ସଂକ୍ରାନ୍ତି। ତାଙ୍କର ପିଲାଦିନର ନାମ ଥିଲା ନରେନ୍ଦ୍ର ନାଥ ଦତ୍ତ। ପିତା ବିଶ୍ୱନାଥ ଦତ୍ତ କଲିକତା ହାଇକୋର୍ଟରେ ଜଣେ ବିଶିଷ୍ଟ ଓକିଲ ଥିଲେ। ସେ ପାଶ୍ଚାତ୍ୟ ଚେତା ଥିଲେ। ସେଥିପାଇଁ ପୁତ୍ରକୁ ଇଂରାଜୀ ପଢ଼ାଇ ପାଶ୍ଚାତ୍ୟ ବିଚାରଧାରାର ଅନୁଗାମୀ କରିବାକୁ ଚାହୁଁଥିଲେ। ମାତ୍ର ବିଧିର ବିଧାନ ଥିଲା ଭିନ୍ନ। ସ୍ୱାମୀଜୀଙ୍କ ମାତା ଭୁବନେଶ୍ୱରୀ ଦେବୀ ଭଗବତ୍ ବିଶ୍ୱାସୀ ଥିଲେ। ଯାହାର ପ୍ରଭାବ ପିଲାଦିନୁ ପଡ଼ିଥିଲା ବିବେକାନନ୍ଦଙ୍କ ଉପରେ। ସ୍ୱାମୀଜୀ ବାଲ୍ୟକାଳରୁ ଅତ୍ୟନ୍ତ ବିଚିକ୍ଷଣ ଥିଲେ। ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା।

ସେ କାଲକାତାର ଜେନ୍‌ରଲ୍ ଆସେଂବଲିକ୍ ଇନଷ୍ଟିଚ୍ୟୁସନ୍‌ରେ ପଢୁଥିବା ବେଳର ଏକ ଘଟନା। ଇଂରେଜୀ ସାହିତ୍ୟ ବିଭାଗର ପ୍ରଫେସର ୱିଲିଅମ୍ ହାଷ୍ଟି ୱିଲିଅମ୍ ୱର୍ଡ଼ସୱର୍ଥଙ୍କ ଦ ଏକସକର୍ସନ ପଢ଼ାଉଥାଆନ୍ତି। ଉକ୍ତ କବିତାରେ ଥିବା ଟ୍ରାନ୍‌ସ ଶବ୍ଦ ବାବଦରେ ବିବେକାନନ୍ଦଙ୍କ ସମେତ ଅନେକ ବିଦ୍ୟାର୍ଥୀ ଅଧିକ ଜାଣିବାକୁ ଚାହିଁବାରୁ ଦକ୍ଷିଣେଶ୍ୱର କାଳୀ ମନ୍ଦିର ଯାଇ ରାମକୃଷ୍ଣଙ୍କୁ ଭେଟିବା ସକାଶେ ସେ ପରାମର୍ଶ ଦେଇଥିଲେ। ବିବେକାନନ୍ଦଙ୍କ ମନକୁ କଥାଟି ପାଇଥିଲେ ହେଁ ସେ ସଙ୍ଗେ ସଙ୍ଗେ ଯାଇପାରି ନଥିଲେ। ୧୮୮୧ରେ ସୁରେନ୍ଦ୍ର ନାଥ ମିତ୍ର (ରାମକୃଷ୍ଣଙ୍କ ପ୍ରମୁଖ ଶିଷ୍ୟ - ଅନୁଗାମୀଙ୍କ ମଧରେ ଜଣେ)ଙ୍କ ଘରେ ପ୍ରଥମ ଥର ପାଇଁ ରାମକୃଷ୍ଣଙ୍କୁ ସେ ଭେଟିଥିଲେ। ରାମକୃଷ୍ଣ, ତାଙ୍କୁ ଭଜନ ଗାଇବାକୁ କହିବାରୁ ସେ ସୁଲଳିତ କଣ୍ଠରେ ଗାଇ, ସମସ୍ତଙ୍କୁ ଅଭିଭୂତ କରିଥିଲେ। ସୁବିଧା ହେଲେ କାଳୀ ମନ୍ଦିର ଆସି ଦେଖା କରିବା ନିମନ୍ତେ ରାମକୃଷ୍ଣ କହିଥିଲେ। ସେହି ବର୍ଷ ଶେଷ ଆଡ଼କୁ ବିବେକାନନ୍ଦ ଯାଇଥିଲେ। ଦ୍ୱିତୀୟ ସାକ୍ଷାତ୍‌ରେ ରାମକୃଷ୍ଣଙ୍କ ବ୍ୟକ୍ତିତ୍ୱ, ତାଙ୍କୁ ଭଲ ଲାଗିଥିଲା ଏବଂ ସେ ବାରମ୍ବାର ଦେଖାକରିଥିଲେ। ଏହା ଦ୍ୱାରା ତାଙ୍କ ଜୀବନ ସଂପୂର୍ଣ୍ଣ ଭାବେ ବଦଳି ଯାଇଥିଲା। ତେବେ କିଛି ବି ହଠାତ୍ ଘଟି ନଥିଲା। ବିବେକାନନ୍ଦ ଭେଟୁଥିଲେ, ରାମକୃଷ୍ଣଙ୍କୁ ଶୁଣୁଥିଲେ। ହେଲେ, ମନରୁ ସଂଶୟ ଦୂର ହେଉ ନଥିଲା। ଏମିତି ବେଶ୍ କିଛି ବର୍ଷ କଟିଯାଇଥିଲା। ୧୮୮୪ରେ ବିବେକାନନ୍ଦ ପିତାଙ୍କୁ ହରାଇଲେ। ତାଙ୍କ ପରିବାରର ଆର୍ଥିକ ସ୍ଥିତି ବିଗିଡ଼ିଗଲା। ଏତେ ସମସ୍ୟା ସୃଷ୍ଟି ହେଲା ଯେ, ଭଗବାନଙ୍କ ଉପରୁ ଆସ୍ତା ହରାଇବା ପରି ଲାଗିଲା। ସେ ରାମକୃଷ୍ଣଙ୍କୁ ଭେଟି ଆର୍ଥିକ ସମସ୍ୟାର ସମାଧାନର ପନ୍ଥା ଜାଣିବାକୁ ଚାହିଁଲେ। ରାମକୃଷ୍ଣ ସେ ଦିନ କହିଥିଲେ, ତାଙ୍କ ହାତରେ କିଛି ନାହିଁ। ଯାହା ମାଗିବକୁ ଯାଇଥିଲେ ସତ, ପାର୍ଥିବ ଧନ ସଂପଦ ଆଦି ବଦଳରେ ମାଗି ବସିଲେ ଜ୍ଞାନ ଭକ୍ତି। ଉକ୍ତ ଘଟନାର କିଛି ଦିନ ପରେ ସେ ରାମକୃଷ୍ଣଙ୍କ ଶିଷ୍ୟତ୍ୱ ଗ୍ରହଣ କରିଥିଲେ। ୧୮୮୬ରେ ଗୁରୁଙ୍କ ମହାପ୍ରୟାଣ ପରେ, ତାଙ୍କର ମହାନ ବାଣୀର ପ୍ରଚାର ପାଇଁ ବରାନଗରରେ ପ୍ରଥମ ରାମକୃଷ୍ଣ ମଠ ପ୍ରତିଷ୍ଠା କରିଥିଲେ।

୧୮୯୯ ସେପ୍ଟେମ୍ବର ମାସରେ ସ୍ୱାମୀ ବିବେକାନନ୍ଦ କାଶ୍ମୀରରେ ଅମରନାଥଙ୍କ ଦର୍ଶନ ପରେ ଶ୍ରୀନଗରର କ୍ଷୀର ଭବାନୀ ମନ୍ଦିରରେ ପହଞ୍ଚିଲେ। ସେଠାରେ ସେ ମା' କାଳୀଙ୍କୁ ସ୍ମରଣ କରି ସମାଧି ନେଲେ। ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ସେ ନବରାତ୍ରୀରେ ଏକାନ୍ତ ସାଧନା କରିଥିଲେ। ସ୍ୱାମୀଜୀ ପ୍ରତିଦିନ ବାଳିକା ରୂପରେ ମା'କାଳୀଙ୍କ ଦର୍ଶନ କରୁଥିଲେ ଏବଂ ତାଙ୍କର ପୂଜା କରୁଥିଲେ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ବ୍ରହ୍ମ ଏବଂ କାଳୀ, ଈଶ୍ୱର ଏବଂ ତାଙ୍କ କ୍ରିୟାଶକ୍ତି ଅଗ୍ନି ଏବଂ ତାହାର ଦହନ ଶକ୍ତି ସମାନ ଏବଂ ଅଭେଦ୍ୟ। ସ୍ୱାମୀଜୀଙ୍କ ଗୁରୁ ରାମକୃଷ୍ଣ ପରମହଂସ ମୃତ୍ୟୁ ପୂର୍ବରୁ କହିଥିଲେ ନରେନ୍ କାଳୀ ମା' ତୋର ପ୍ରତିଟି ପଦକ୍ଷେପରେ ମାର୍ଗଦର୍ଶନ କରିବେ। ମୃତ୍ୟୁ ପର୍ଯ୍ୟନ୍ତ ମା'କାଳୀଙ୍କ ଉପସ୍ଥିତି ବୋଧ କରୁଥିଲେ ସ୍ୱାମୀଜୀ। ଏହି ଅଭିଜ୍ଞତାରୁ ସେ କାଳୀ ଦି ମଦର୍ କବିତା ଲେଖିଥିଲେ।

ସେ ଭାଗବତ ପ୍ରାପ୍ତି ନିମନ୍ତେ ସର୍ବଦା ବ୍ୟାକୁଳ ଥିଲେ। ଗୁରୁ ରାମକୃଷ୍ଣ ପରମହଂସଙ୍କୁ ଭେଟିବା ପରେ ସ୍ୱାମୀଜୀଙ୍କୁ ଜୀବନର ପରମଲକ୍ଷ୍ୟ ପ୍ରାପ୍ତ ହୋଇଥିଲା। ସ୍ୱାମୀଜୀ ସ୍ୱପ୍ନଦ୍ରଷ୍ଟା ଥିଲେ। ସେ ଏଭଳି ଏକ ସମାଜର କଳ୍ପନା କରିଥିଲେ, ଯେଉଁଠି ଧର୍ମ ଏବଂ ଜାତି ଆଧାରରେ ସାମାଜିକ ବିଭାଜନ ନଥିବ। ସେ ବେଦାନ୍ତ ସିଦ୍ଧାନ୍ତକୁ ଏହି ରୂପରେ ଦେଖିଥିଲେ। ବିବେକାନନ୍ଦ ଯୁବକଙ୍କ ପାଇଁ ନୂତନ ଆଶା ଥିଲେ। ବର୍ତ୍ତମାନର ଯୁବପୀଢ଼ି ପାଇଁ ଏହି ଓଜସ୍ୱୀ ସନ୍ନ୍ୟାସୀଙ୍କ ଜୀବନ ଏକ ପରମ ଆଦର୍ଶ। ଚିକାଗୋ ଧର୍ମ ସମ୍ମିଳନୀରେ ବିବେକାନନ୍ଦଙ୍କ ଓଜସ୍ୱିନୀ ଭାଷଣ ବିଶ୍ୱ ଦରବାରରେ ଭାରତ ଏବଂ ଭାରତର ଆଧ୍ୟାତ୍ମିକତାର ଛବିକୁ ଅଧିକ ଉଜ୍ଜ୍ୱଳ କରିଥିଲା। ମାତୃଭୂମିକୁ ସେ ଅତି ଭଲ ପାଉଥିଲେ। ଥରେ ବିଦେଶରୁ ଫେରିବା ସମୟରେ ଜାହାଜରୁ ଦୌଡ଼ି ଆସି ସ୍ୱାମୀଜୀ ଭାରତ ଭୂଖଣ୍ଡ ମାଟି ଛୁଇଁ ଆତ୍ମହରା ହୋଇପଡ଼ିଥିଲେ। ଯୁବକମାନଙ୍କ ନେଇ ସ୍ୱାମୀଜୀ ଅନେକ ଆଶା ରଖିଥିଲେ। ଉତ୍ସାହୀ, ଉଦ୍ୟମୀ ଯୁବକମାନେ ହିଁ ଭାରତର କଲ୍ୟାଣ କରିପାରିବେ ବୋଲି ବିବେକାନନ୍ଦ ମତ ରଖିଥିଲେ। ସେ ଯୁବକମାନଙ୍କୁ ଉଭୟ ଇଂରାଜୀ ଏବଂ ସଂସ୍କୃତ ଶିକ୍ଷା ଲାଗି ରହୁଥିଲେ। କାରଣ ଇଂରାଜୀ ଶିକ୍ଷା ଦ୍ୱାରା ସେମାନେ ପାଶ୍ଚାତ୍ୟ ରାଷ୍ଟ୍ରଗୁଡ଼ିକର ଜ୍ଞାନ ଆହରଣ କରିପାରିବେ। ସଂସ୍କୃତ ଶିକ୍ଷା ସେମାନଙ୍କୁ ଭାରତୀୟ ଦର୍ଶନ ଏବଂ ମୂଲ୍ୟବୋଧ ସହିତ ପରିଚିତ କରାଇପାରିବ। ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀକୁ ଭାରତରେ ଜାତୀୟ ଯୁବ ଦିବସ ଭାବେ ପାଳନ କରାଯାଇଥାଏ।

ଦୂରଭାଷ : ୯୪୩୭୦୫୧୯୫୭/୯୩୩୮୧୦୦୮୩୭

# ଶତାୟୁ ହୀରାବେନ ଓ ଜୀବନ ମୂଲ୍ୟବୋଧ

॥ ଶରତ କୁମାର ସାହୁ ॥

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମା'ହୀରାବେନଙ୍କ ୧୦୦ ବର୍ଷର ସଂଘର୍ଷ ଭାରତୀୟ ଆଦର୍ଶର ଏକ ପ୍ରତୀକ। ମୋଦୀଜୀ ମାତୃଦେବୋଭବ ଏବଂ ହୀରାବେନଙ୍କ ମୂଲ୍ୟବୋଧକୁ ତାଙ୍କ ଜୀବନରେ ଗ୍ରହଣ କରିଛନ୍ତି। ମା' ହେଉଛି ଜଣେ ବ୍ୟକ୍ତି ଜୀବନର ପ୍ରଥମ ବନ୍ଧୁ ଏବଂ ଶିକ୍ଷକ। ମା'କୁ ହରାଇ ଦେବାର ଦୁଃଖ ଅବିଶ୍ୱସନୀୟ ଭାବେ ବିଶ୍ୱରେ ସବୁଠାରୁ ବଡ଼ ଯନ୍ତ୍ରଣା। ତାଙ୍କର ତ୍ୟାଗ ଏବଂ ତପସ୍ୱୀ ଜୀବନ ସବୁବେଳେ ପ୍ରତିଟି ଭାରତୀୟଙ୍କ ସ୍ମୃତିରେ ରହିବ। ଏଭଳି ଦୁଃଖ ସମୟରେ ସମଗ୍ର ଦେଶ ପ୍ରଧାନମନ୍ତ୍ରୀଙ୍କ ସହ ଅଛି। କୋଟି ଲୋକଙ୍କ ପ୍ରାର୍ଥନା ପ୍ରଧାନମନ୍ତ୍ରୀଙ୍କ ସହ ରହିଛି। ଜଣେ ମା'ର ମୃତ୍ୟୁ ଜଣଙ୍କ ଜୀବନରେ ଯେଉଁ ଶୂନ୍ୟସ୍ଥାନ ଛାଡ଼ିଯାଏ। ତାହା କେବେ ବି ପୂରଣ ହୋଇପାରେନା। ସେ ଜଣେ ଶତାୟୁ ଥିଲେ ଯିଏ ସମ୍ପୂର୍ଣ୍ଣ ଜୀବନ ଜିଇଁଛନ୍ତି। କିନ୍ତୁ ମା' ସବୁବେଳେ ପାଖରେ ରହି ଶକ୍ତି ଦେଉଥାଉ ବୋଲି ଜଣେ ଚାହାନ୍ତି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା'ହୀରାବେନ ମୋଦୀଙ୍କ ଜୀବନ ଅତି ସରଳ ଓ ନିରାଡ଼ମ୍ବର ଥିଲା। ଚଳିତବର୍ଷ ଜୁନ ୧୮ ତାରିଖରେ ହୀରାବେନ ୧୦୦ ବର୍ଷ ବୟସରେ ପଦାର୍ପଣ କରିବା ସମୟରେ ମୋଦିଜୀ ତାଙ୍କ ମା'ଙ୍କ ପାଦ ଧୋଇ ଆଶୀର୍ବାଦ ନେଇଥିଲେ। ମା'ଙ୍କ ୧୦୦ତମ ଜନ୍ମଦିନରେ ମୋଦିଜୀ ଏକ ଭାବପ୍ରବଣ ବ୍ଲଗ ଲେଖିଥିଲେ। ଏଥିରେ ସେ ତାଙ୍କ ମା'ଙ୍କ ସରଳ ଜୀବନ ବିଷୟରେ ଲେଖିଥିଲେ। ମୋଦୀଙ୍କ ଏହି ପୁରୁଣା ବ୍ଲଗ ପୁଣିଥରେ ଭାଇରାଲ ହେବାରେ ଲାଗିଛି। ମୋଦିଜୀ ଲେଖିଥିଲେ ମୋ ମା' ଅତି ସରଳ ଏବଂ ଅସାଧାରଣ। ଉତ୍ତର ଗୁଜୁରାଟର ମେହସନା ଜିଲ୍ଲା ଅଧୀନସ୍ଥ ବିସନଗର ଗ୍ରାମରେ ଏକ ଗରିବ ପରିବାରରେ ସେ ଜନ୍ମ ହୋଇଥିଲେ। ଖୁବ କମ ବୟସରେ ନିଜ ମା'ଙ୍କୁ ହରାଇ ଦେବାପରେ ମୋ ମା'ଙ୍କୁ ବୟସରେ ସେ ବଡ଼ନଗରର ଦାମୋଦରଦାସଙ୍କୁ ବିବାହ କରିଥିଲେ।

ପରିବାରର ଆର୍ଥିକ ସ୍ଥିତି ଭଲ ନଥିବାରୁ ସହାୟତା ଦେବା ପାଇଁ ହୀରାବେନ ନିଜେ କାମ କରିବା ଆରମ୍ଭ କଲେ। ସେ ତୁଳା ଫ୍ୟାକ୍ଟିରେ କାମ କରୁଥିଲେ ଏବଂ ଅନ୍ୟ ଘରେ ବାସନ ସଫା କରୁଥିଲେ। ତାଙ୍କ ଦୈନିକ ରୋଜଗାର ୪.୫ଟଙ୍କା ଥିଲା। ଖୁବ କମ ପାଖ ପଢ଼ିଥିଲେ ମଧ ସେ ନିଜ ପିଲାମାନଙ୍କୁ ପାଠ ପଢ଼ାଇବା ପାଇଁ ଚାହିଁଥିଲେ। ପିଲାମାନଙ୍କ ପାଠପଢ଼ା ପାଇଁ ନିଜେ ସବୁ ଖର୍ଚ୍ଚ ବହନ କରୁଥିଲେ। ମୋଦୀ ଏକ ଉଦାହରଣ ଦେଇ କହିଛନ୍ତି, ଥରେ ତାଙ୍କ ଘରର ଅସ୍ଥାୟୀ ଛାତ ସଜାଡ଼ିବା ଦରକାର ପଡ଼ିଥିଲା। ତାଙ୍କ ମା'ନିଜେ ଘରେ ଉପରେ ଚଢ଼ି ଏହି କାମ କରିଥିଲେ। ସେମାନେ ସେ ସମୟରେ ମାଟି ଘରେ ରହୁଥିଲେ। ଅସରାଏ ବର୍ଷା ହେଲେ ଘରେ ପାଣି ଲହଡ଼ା ମାରୁଥିଲା। କିନ୍ତୁ ହୀରାବେନ ବହୁ ସଂଘର୍ଷ କରି ପରିବାର ଚଳାଇଥିଲେ। ନିଜର ୫ ପୁଅ ଏବଂ ଏକମାତ୍ର ଝିଅକୁ ସେ ଅତି ଶୃଙ୍ଖଳିତ ଭାବେ ବଢ଼ାଇଛନ୍ତି।

ଭାରତର ପ୍ରିୟ ଦୃଢ଼ ଓ ସଫଳ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପରମାପୂଜ୍ୟନୀୟା ମାତାଙ୍କ ବିୟୋଗ ଏକ ଅପୂରଣୀୟ କ୍ଷତି। ତାଙ୍କ ଜୀବନ ମୂଲ୍ୟବୋଧ ପାଇଁ ଉତ୍ସର୍ଗୀକୃତ ଥିଲା। ଅତି ଜଟିଳ ସମୟରେ ଭଗବାନଙ୍କ ଉପରେ ଅତୁଟ ବିଶ୍ୱାସ ଓ ତାଙ୍କର ବଳିଷ୍ଠ ନିଷ୍ଠ ଓ ମୂଲ୍ୟବୋଧ ପାଇଁ ପୂଜ୍ୟନୀୟା ହୀରାବେନଙ୍କ ଜୀବନ ଏକ ଉଦାହରଣ। ତାଙ୍କର ଅମର ଆତ୍ମାକୁ ଶାନ୍ତି ମିଳୁ।

'ଉପକରଣ ହାଉସ', ଚଣ୍ଡୀଖୋଲ, ଯାଜପୁର, ଦୂରଭାଷ : ୯୪୩୭୦୫୧୫୪୩

## ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ୍ ପ୍ରତିଯୋଗିତା

ଗଣିଆ, (ମହାଭାରତ): ଗଣିଆ ବ୍ଲକ ସ୍ଥିତ ପିଏମଶ୍ରୀ କିଶୋର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟରେ ରବିବାର ଦିନ ବ୍ଲକସ୍ତରୀୟ ଗୋପବନ୍ଧୁ ସ୍ମାରକ ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ପ୍ରତିକୂଳ ପାଗ ସତ୍ତ୍ୱେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଗଣିଆ ବ୍ଲକ ଅଧୀନସ୍ଥ ବିଭିନ୍ନ ବିଦ୍ୟାଳୟରୁ ମୋଟ ୩୯ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ କୁଇଜ ପ୍ରତିଯୋଗିତାରେ ୨୩ ଜଣ ଓ ଚିତ୍ରାଙ୍କନ ରେ ୧୬ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ କିଶୋର ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୭ମ ଶ୍ରେଣୀ ଛାତ୍ରୀ ପ୍ରିୟଙ୍କା ବେହେରା ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୨ ୟ ସ୍ଥାନରେ କିଶୋର ପ୍ରସାଦ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ର ୭ମ ଶ୍ରେଣୀ ଛାତ୍ରୀ ଯଜ୍ଞ୍ୟାସେନୀ ସାମଲ ଓ ୩ ୟ ସ୍ଥାନରେ ଗଣିଆ ପି ଏମ ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟପୀଠ ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ର ଜ୍ଞାନ ରଞ୍ଜନ ନାୟକ ଥିବା ଜଣାପଡିଛି ।ସେହିପରି ବକ୍ତୃତା ପ୍ରତିଯୋଗିତାରେ ପି ଏମ ଶ୍ରୀ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟଲର ୧୦ ମ ଶ୍ରେଣୀ ଛାତ୍ର ସୁବ୍ରତ କୁମାର ନାୟକ ପ୍ରଥମ ,୧୦ମ ଶ୍ରେଣୀର ଛାତ୍ରୀ ଆଦ୍ୟା ଉପାସନା ସାହୁ ୨ ୟ ସ୍ଥାନ ଓ ୧୦ ମ ଶ୍ରେଣୀର ଛାତ୍ର ଆଦିତ୍ୟ ନାରାୟଣ ସାହୁ ୩ ୟ ସ୍ଥାନ ଅଧିକାର କରି ଅତିଥି ମାନଙ୍କ ଠାରୁ ପୁରସ୍କାର ବାବଦରେ ଅର୍ଥରାଶି ସହ ପ୍ରମାଣପତ୍ର ଗ୍ରହଣ କରିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀ ଶ୍ରୀ ରଘୁନାଥ ଜୀୟୁ ଡିଗ୍ରୀ ମହାବିଦ୍ୟାଳୟ ର ଅଧକ୍ଷ ଅଖିଳ କୁମାର ହୋତା, ବିଶିଷ୍ଟ ଅତିଥି ଭାବେ ଡ଼ ରାମଚନ୍ଦ୍ର ସାମନ୍ତରାୟ ମହାବିଦ୍ୟାଳୟ ର ଅଧକ୍ଷ ମଳୟ କୁମାର ପଣ୍ଡା ଯୋଗ ଦେଇଥିଲେ । ସମ୍ମାନିତ ବିଚାରକ ଭାବେ ବନମାଳୀ ବାରିକ ଉଚ୍ଚ ବିଦ୍ୟାଳୟ ର ଇତିହାସ ବିଭଗର ଅଧାପିକା ପ୍ରଜ୍ଞା ପରମିତା ରଥ, ପି ଏମ ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ର ଶିକ୍ଷକ ବିକାଶ ଚନ୍ଦ୍ର ଘଡ଼େଇ, ଶିକ୍ଷୟିତ୍ରୀ କୌଶଲ୍ୟା ନାୟକ ଯୋଗ ଦେଇଥିଲେ । କର୍ଯ୍ୟକ୍ରମ ରେ ଗଣିଆ ପି ଏମ ଶ୍ରୀ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟପୀଠ ର ପ୍ରଧାନ ଶିକ୍ଷୟିତ୍ରୀ ନିହାର ବାଳା ରାଉତ ସଭାପତିତ୍ୱ କରିଥିଲେ କାର୍ଯ୍ୟକ୍ରମ କୁ ଭାରପ୍ରାପ୍ତ ଗଣିଆ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଲିପ୍ସା ନନ୍ଦ ଓ ସି ଆର ସି ସି ବିନୋଦିନୀ ପଣ୍ଡା ସହଯୋଗ କରିବା ସହ ଶିକ୍ଷକ ମହେଶ୍ୱର ପ୍ରଧାନ, ଶୋଭନ କୁମାର ପଣ୍ଡା, ସୁନୀଲ କୁମାର ସାହୁ, ସତ୍ୟଭାମା ସେନାପତି, ଲିଜା ପ୍ରଧାନ, ବିକାଶ ରଂଜନ ମଲ୍ଲ ପ୍ରମୁଖ ଯୋଗ ଦେଇଥିଲେ ।ଗଣିଆ ବ୍ଲକ ସମାଜ ପ୍ରତିନିଧି ବ୍ରଜ ବନ୍ଧୁ ଦେହୁରୀ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । ଅବସରରେ ଅତିଥି ମାନେ ଗୋପବନ୍ଧୁଙ୍କ ଜୀବନୀ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ସବିଶେଷ ସୂଚନା ପ୍ରଦାନ କରିଥିଲେ।

## ବିଧାୟକ ପବିତ୍ର ସାଉଁନ୍ତାଙ୍କ ତତ୍ପରତାରେ ଆନ୍ଧ୍ରରୁ ଘରକୁ ଫେରିଲା ଦାଦନ ଶ୍ରମିକଙ୍କ ମୃତଦେହ

ଲକ୍ଷ୍ମୀପୁର, (ମହାଭାରତ):ଆନ୍ଧ୍ରପ୍ରଦେଶରେ କାର୍ଯ୍ୟରତ ଥିବା କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ପଡା ପଞ୍ଚାୟତ ଅନ୍ତର୍ଗତ ଝଡ଼ିପାଇ ଗ୍ରାମର ଦାଦନ ଶ୍ରମିକ ନରେନ୍ଦ୍ର ଜାନୀଙ୍କ ଅକାଳ ମୃତ୍ୟୁ ପରେ ମୃତଦେହକୁ ଗାଁକୁ ଆଣିବା ପାଇଁ ପରିବାର ଲୋକ ସମ୍ପୂର୍ଣ୍ଣ ଅସହାୟ ହୋଇପଡ଼ିଥିଲେ। ଆର୍ଥିକ ଅନଟନ ଯୋଗୁଁ ଆନ୍ଧ୍ରପ୍ରଦେଶରୁ ପାର୍ଥିବ ଶରୀର ଆଣିବା ସମ୍ଭବ ହେଉନଥିବାରୁ ପରିବାର ପକ୍ଷରୁ ବିଭିନ୍ନ ସ୍ତରରେ ସହାୟତା ପାଇଁ ନିବେଦନ କରାଯାଇଥିଲା। କିନ୍ତୁ କୌଣସି ପ୍ରକାରେ କାହାର ମଧ୍ୟ ସାହାଯ୍ୟ ମିଳିନ ଥିଲା । ଶେଷରେ କୌଣସି ବାଟ ନ ପାଇ ପରିବାର ଲୋକ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ସହ ଯୋଗାଯୋଗ କରି ସମ୍ପୂର୍ଣ୍ଣ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଘଟଣାର ଗୁରୁତ୍ୱକୁ ହୃଦୟଙ୍ଗମ କରି ବିଧାୟକ ତୁରନ୍ତ ସକ୍ରିୟ ହୋଇ ଆନ୍ଧ୍ରପ୍ରଦେଶ ପ୍ରଶାସନ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ନେବାକୁ ଉଦ୍ୟମ କରିଥିଲେ। ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତାଙ୍କ ତତ୍ପର ହସ୍ତକ୍ଷେପ ଓ ଗାଡିର ବ୍ୟବସ୍ଥା କରିବା ଫଳରେ ଆନ୍ଧ୍ରପ୍ରଦେଶରୁ ନରେନ୍ଦ୍ର ଜାନୀଙ୍କ ପାର୍ଥିବ ଶରୀର ସୁରକ୍ଷିତ ଭାବେ ତାଙ୍କ ଜନ୍ମଗ୍ରାମ ଝଡ଼ିପାଇରେ ପହଞ୍ଚିଥିଲା। ପୁଅର ଶେଷ ଦର୍ଶନ କରିବା ସହ ପରିବାର ପକ୍ଷରୁ ଗାଁରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବିଧାୟକଙ୍କ ଏହି ମାନବିକ ପଦକ୍ଷେପ ପାଇଁ ପରିବାର ଲୋକ ଓ ସ୍ଥାନୀୟ ଅଞ୍ଚଳବାସୀ କୃତଜ୍ଞତା ପ୍ରକାଶ କରିଛନ୍ତି, ଖାଲି ଏତିକି ନୁହେଁ ଏଭଳି ଅନେକ ଜାଗାରେ ଯୋଉଁଠାରେ ପ୍ରଶାସନ ଓ ସ୍ଥାନୀୟ ପ୍ରତିନିଧି ଙ୍କ ଦେଖା ମିଳୁନି ସେ ଜାଗାରେ ସାଉଁନ୍ତା ଙ୍କୁ ଦେଖିବାକୁ ମିଳୁଥିବା ଅଞ୍ଚଳ ବାସୀ କହିଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ନରେନ୍ଦ୍ର ଜାନୀ ପ୍ରାୟ ଦୁଇ ମାସ ତଳେ ଆନ୍ଧ୍ରପ୍ରଦେଶର ମାନ୍ୟମ ଜିଲ୍ଲା ସାଲୁର ଅଞ୍ଚଳର ଏକ ହୋଟେଲରେ କାମ କରିବାକୁ ଯାଇଥିଲେ। ଗୁରୁବାର ରାତିରେ ଭଡ଼ା ଘରେ ଶୋଇଥିବା ବେଳେ ତାଙ୍କର ହଠାତ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ ନେଇ ସାଲୁର ପୁଲିସ ତଦନ୍ତ ଜାରି ରଖିଛି। ଏହି ଘଟଣା ପୁଣିଥରେ ଦାଦନ ଶ୍ରମିକଙ୍କ ସୁରକ୍ଷା, ସେମାନଙ୍କ ପରିବାର ପାଇଁ ଜରୁରୀ ସହାୟତା ବ୍ୟବସ୍ଥା ଏବଂ ଦୁର୍ଦ୍ଦିନରେ ପ୍ରଶାସନର ତୁରନ୍ତ ହସ୍ତକ୍ଷେପର ଆବଶ୍ୟକତାକୁ ସାମ୍ନାକୁ ଆଣିଛି।

## ବିଶ୍ୱ ମହାସାଗର ଦିବସ ଉପଲକ୍ଷେ ପାରାଦୀପ ବେଳାଭୂମିରୁ ୨୨୩ କେଜି ପ୍ଲାଷ୍ଟିକ ବର୍ଜ୍ୟ ସଂଗୃହିତ

ପାରାଦୀପ(ମହାଭାରତ) ବିଶ୍ୱ ମହାସାଗର ଦିବସ-୨୦୨୬ ଅବସରରେ ଗତ ଶନିବାର ଦିନ ଓସିଆନ ସୋସାଇଟି ଅଫ ଇଣ୍ଡିଆ ଓ ସିଏନସିବି ଏକାଡେମୀ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି, ଜଗତସିଂହପୁରର ମିଳିତ ଆନୁକୂଲ୍ୟରେ ଏକ ସମୁଦ୍ର ବେଳାଭୂମି ସଫେଇ କାର୍ଯ୍ୟକ୍ରମ ପାରାଦ୍ୱୀପ ସମୁଦ୍ର ବେଳାଭୂମି ଓ ଏହାର ଆଖପାଖ ଅଞ୍ଚଳରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମର ସଂଯୋଜକ ତଥା ଭୂତ□ ବିଭାଗର ମୁଖ୍ୟ ରଞ୍ଜିତ କୁମାର ଦାସ ସମଗ୍ର କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । କାର୍ଯ୍ୟକ୍ରମକୁ ପାରାଦୀପ ପୌରପରିଷଦର ଅଧକ୍ଷ ବସନ୍ତ ବିଶ୍ୱାଳ ଉଦଘାଟନ କରିସ୍ୱେଚ୍ଛାସେବୀ ଅନୁଷ୍ଠାନ ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ, ବିଶ୍ୱାଳୀ ଓ ନୀଳଚକ୍ର ୟୁଥ କ୍ଲବ, ପାରାଦ୍ୱୀପ, ସ୍ଥାନୀୟ ବାସିନ୍ଦା ଏବଂ ସମାଜସେବୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ସମୁଦ୍ର ବେଳାଭୂମିରୁ ମୋଟ ୨୨୩ କିଲୋଗ୍ରାମ ପ୍ଲାଷ୍ଟିକ ବର୍ଜ୍ୟ ସଂଗ୍ରହ କରିଥିଲେ। ବିଶିଷ୍ଟ ପରିବେଶବିତ ଅମରେଶ ନରେଶ ସାମନ୍ତ ମଧ୍ୟ ନିଜର ମୂଲ୍ୟବାନ ସମୟ ଦେଇ ଏହି ସଫେଇ ଅଭିଯାନରେ ସାମିଲ ହୋଇଥିଲେ। ସେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନଙ୍କୁ ସମୁଦ୍ର ବେଳାଭୂମିକୁ କିପରି ସ୍ୱଚ୍ଛ ଓ ପ୍ଲାଷ୍ଟିକମୁକ୍ତ ରଖାଯାଇ ପାରିବ ସେ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିଥିଲେ । କାର୍ଯ୍ୟକ୍ରମରେ ସମାଜସେବୀ ଧୂର୍ଜ୍ୟୋତି ରାଉତ ଏବଂ ନବୀନ ଜେନା ଉପସ୍ଥିତ ରହି ସଫେଇ ଅଭିଯାନରେ ସହଯୋଗ କରିଥିଲେ। ଶେଷରେ ଛାତ୍ର ବିଶ୍ୱଜିତ ସାହୁ ଉପସ୍ଥିତ ସମସ୍ତ ଅତିଥି, ସମାଜସେବୀ, ସ୍ଥାନୀୟ ବାସିନ୍ଦା ଓ ସ୍ୱେଚ୍ଛାସେବକମାନଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ ଘୋଷଣା କରିଥିଲେ।

# ନିର୍ମାଣ କାର୍ଯ୍ୟରେ ଲାଗିଲା ସୂଚନା ଫଳକ



ନବରଙ୍ଗପୁର ଜିଲ୍ଲା(ମହାଭାରତର )ରାଇଘର ବ୍ଲକ ହଳଦୀ ଗ୍ରାମପଞ୍ଚାୟତ ଫୁଟାନଡ଼ା ମନ୍ଦୀରପରା ଓ ବର୍ଡିପରା କାର୍ଯ୍ୟରେ ମହାଭାରତ ଖବରର ମହାପ୍ରଭାବ ଦେଖିବାକୁ ମିଳିଛି ।ସୂଚନା ଫଳକ ବିନା ଚାଲିଥିବା ପୋଲ ଓ ଡ୍ରେନ ନିର୍ମାଣ କାର୍ଯ୍ୟକୁ ନେଇ ଖବର ପ୍ରସାରଣ ହେବା ପରେ ସମ୍ପୃକ୍ତ ବିଭାଗ ତତ୍ପରତା ପ୍ରକାଶ କରି ନିର୍ମାଣ ସ୍ଥଳରେ ସୂଚନା ଫଳକ ସ୍ଥାପନ କରିଛି। ଏହାକୁ ନେଇ ସ୍ଥାନୀୟ ଅ□ଳରେ ଚର୍ଚ୍ଚା ଜୋର ଧରିଛି ।ସୂଚନା ଅନୁଯାୟୀ, ପୋଲ ଓ ଡ୍ରେନ ନିର୍ମାଣ କାମ ଦୀର୍ଘ ଦିନ ଧରି ଚାଲିଥିଲେ ମଧ୍ୟ ସେଠାରେ କୌଣସି ସୂଚନା ଫଳକ ଲଗାଯାଇନଥିଲା। ଫଳରେ ଏହି କାମ କେଉଁ ବିଭାଗ ପକ୍ଷରୁ କରାଯାଉଛି, ପ୍ରକଳ୍ପର ମୋଟ ବ୍ୟୟ କେତେ, କେଉଁ ସଂସ୍ଥା କାମ କରୁଛି, କେବେ କାମ ଆରମ୍ଭ ହୋଇଛି ଓ କେବେ ଶେଷ ହେବ ଏଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ସାଧାରଣ ଲୋକଙ୍କ ପାଇଁ ଅଜଣା ରହିଥିଲା ।ସ୍ଥାନୀୟ ଲୋକେ ବାରମ୍ବାର ପ୍ରଶ୍ନ ଉଠାଇଥିଲେ ଯେ, ସରକାରୀ ଅର୍ଥରେ କାମ ହେଉଥିବା ସ□ତ୍ତ୍ୱ ସୂଚନା ଫଳକ କାହିଁକି ଲଗାଯାଉନାହିଁ ? ନିର୍ମାଣ କାର୍ଯ୍ୟରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ସୂଚନା ଫଳକ ଲଗାଇବା ନିୟମ ଥିବାବେଳେ ତାହାକୁ କାହିଁକି ଅଣଦେଖା କରାଯାଉଛି ବୋଲି ଲୋକମାନେ ଅସନ୍ତୋଷ ପ୍ରକାଶ କରିଥିଲେ ।ଏହି ବିଷୟକୁ ନେଇ ମହାଭାରତ ଖବର କାଗଜରେ ବିସ୍ତୃତ ଭାବେ ଖବର ପ୍ରସାରଣ ହେବା ପରେ ସମ୍ପୃକ୍ତ ବିଭାଗ ତତ୍କାଳ ପଦକ୍ଷେପ ନେଇ ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗାଇଛି। ସୂଚନା ଫଳକରେ ପ୍ରକଳ୍ପର ନାମ, ଆନୁମାନିକ ବ୍ୟୟ, କାର୍ଯ୍ୟନିର୍ବାହୀ ସଂସ୍ଥା, କାର୍ଯ୍ୟ ଆରମ୍ଭ ଓ ସମାପ୍ତିର ସମୟ ସମ୍ପର୍କିତ ତଥ୍ୟ ଉଲ୍ଲେଖ ରହିଛି ।ସ୍ଥାନୀୟ ବୁଦ୍ଧିଜୀବୀଙ୍କ କହିବା ଅନୁସାରେ, ଏହା ପ୍ରମାଣ କରୁଛି ଯେ ଗଣମାଧ୍ୟମ ଲୋକଙ୍କ ସମସ୍ୟାକୁ ସାମ୍ନାକୁ ଆଣିଲେ ପ୍ରଶାସନ ମଧ୍ୟ ସକ୍ରିୟ ହୋଇଥାଏ। ତେବେ ପ୍ରଶ୍ନ ଉଠୁଛି, ଖବର ପ୍ରସାରଣ ପୂର୍ବରୁ କାହିଁକି ସୂଚନା ଫଳକ ଲଗାଯାଇନଥିଲା ? ଯଦି ଗଣମାଧ୍ୟମ ଏହି ପ୍ରସଙ୍ଗକୁ ସାମ୍ନାକୁ ଆଣିନଥାନ୍ତା, ତେବେ କି ଏଭଳି ନିୟମ ଉଲ୍ଲଂଘନ ଜାରି ରହିଥାନ୍ତା ?ଅଞ୍ଚଳବାସୀ କହିଛନ୍ତି ଯେ, କେବଳ ସୂଚନା ଫଳକ ଲଗାଇଦେଲେ ଦାୟିତ୍ୱ ଶେଷ ହୋଇଯାଏ ନାହିଁ। ନିର୍ମାଣ କାର୍ଯ୍ୟର ଗୁଣବତ୍ତା, ବ୍ୟବହୃତ ସାମଗ୍ରୀର ମାନ, ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ସମାପ୍ତି ଏବଂ ସରକାରୀ ଅର୍ଥର ସଠିକ୍ ବ୍ୟବହାର ଉପରେ ମଧ୍ୟ ସମାନ ଗୁରୁତ୍ୱ ଦିଆଯିବା ଆବଶ୍ୟକ ।ଗଣମାଧ୍ୟମର ଖବର ପରେ ପ୍ରଶାସନ ପଦକ୍ଷେପ ନେଇଥିବାରୁ ସ୍ଥାନୀୟ ଲୋକ ଖୁସି ପ୍ରକାଶ କରିଥିବା ବେଳେ ଭବିଷ୍ୟତରେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ସୂଚନା ଫଳକ ବିନା ଆରମ୍ଭ ନକରିବାକୁ ଦାବି କରିଛନ୍ତି। ସେହିପରି ନିର୍ମାଣ କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଓ ଜବାବଦେହିତା ସୁନିଶ୍ଚିତ କରିବାକୁ ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତ ।ଏହି ଘଟଣା ପୁଣି ଥରେ ପ୍ରମାଣ କରିଛି ଯେ,ଗଣମାଧ୍ୟମ କେବଳ ଖବର ପରିବେଷଣ କରେ ନାହିଁ,ବରଂ ଲୋକସ୍ୱାର୍ଥ ସହ ଜଡ଼ିତ ସମସ୍ୟାକୁ ପ୍ରଶାସନଙ୍କ ଦୃଷ୍ଟିକୁ ଆଣି ସମାଧାନର ବାଟ ମଧ୍ୟ ଖୋଲିଦିଏ। ଏବଂ ଗ୍ରାମ ବାସୀମାନେ ମହାଭାରତର ଗଣମାଧ୍ୟମ ପ୍ରତିନିଧି ଏବଂ ମହାଭାରତ ର ମହା ପ୍ରଭାବକୁ ଗ୍ରାମ ବାସୀ ପ୍ରସ୍ନସା କରିଛନ୍ତି।

# ଲଗାଣ ବର୍ଷା ରେ ଭାଙ୍ଗିଲା ଘର: ସବୁ ଆସବାବ୍ ପତ୍ର ମାଟିରେ ମିଶି ଯାଇଛି

## ସହାୟତାର ହାତ ବଢାଇଲା ମାରୁତି ସେନା,

ପରଜଙ୍ଗ - (ମହାଭାରତ ) ଦୁଇ ଦିନ ଧରି ଲଗାଣ ବର୍ଷାରେ ଘର ଭାଙ୍ଗିବା ସହ ସମସ୍ତ ଅସହବା ପତ୍ର ମାଟିରେ ମିଶିଯାଇଛି । ଏହି ପରି ଦୁଃଖଦ ଘଟଣା ଦେଖିବାକୁ ମିଳିଛି ଢ଼େଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ କଲଦା ଗ୍ରାମରେ । ତେବେ ମୃତ ରାଜ କିଶୋର ବେହେରା ଙ୍କ ବିଧବା ପତ୍ନୀ ନିରୁପମା ବେହେରା ଘରେ ଥିବା ସମୟରେ ଲଗାଣ ବର୍ଷା ଓ ଅବପାତ ଘଟି ଥିବାରୁ ଋହୁଁ ଋହୁଁ ହଠାତ ମଡ୍ ମଡ୍ ଶବ୍ଦ ଶୁଣି ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଛନ୍ତି ନିରୁପମା । ଘର ଭାଙ୍ଗି ଧୂଳିସାତ ହେବ ସହ ଘରର ଯାହା ଖାଦ୍ୟ ସାମଗ୍ରୀ, ବାସନ କୁସନ ଓ ଅନ୍ୟ ଜରୁରୀ ଆସବାବ ପତ୍ର ଗୁଡ଼ିକ ସବୁ ମାଟିରେ ମିଶି ଯାଇଅଛ ।ତେବେ ନିରୁପମା ବର୍ଷା ପାଣି କାଦୁଅ ରେ ବିତୁଛି ଜୀବନ ବହୁ ଦୟନୀୟ ଅବସ୍ଥାରେ ଥିବା ଜାଣି ସାମାଜିକ ସଙ୍ଗଠନ ମାରୁତି ସେନା ଢ଼େଙ୍କାନାଳ ଜିଲ୍ଲା ସଭାପତି ଅନ୍ୟ ମାନଂକ ମାଧମରେ ସହାୟତା ପାଇଁ ଆଗେଇ ଆସି ଛନ୍ତି।



ନିରୁପମା ଜଣେ ବିଧବା ମହିଳା, ଦିନ ମଜୁରିଆ ପରିବାର । ଏହି ସମୟରେ ଜୀବନ ବିତେଇବା କେତେ ଯେ ଯନ୍ତ୍ରଣା ଦାୟକ ତାହା ସହଜ ରେ ଅନୁମେୟ, ତାଙ୍କର ଏପରି ଦୁର୍ଦ୍ଦିନ ପରିସ୍ଥିତି ରେ ସାମାଜିକ ସଙ୍ଗଠନ ମାରୁତି ସେନା ପକ୍ଷରୁ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା ସଙ୍ଗଠନ ସାମର୍ଥ୍ୟ ମୁତାବକ ପ୍ରୟାସ ଜାରି ରଖିବା ସହିତ ପ୍ରଶାସନଙ୍କୁ ଆବଶ୍ୟକୀୟ ସାମଗ୍ରୀ ବନ୍ଦୋବସ୍ତ କରିବାକୁ ଅନୁରୋଧ କରିଛି ମାରୁତି ସେନା କ୍ଷସ୍ଥାନୀୟ ଜନ ପ୍ରତିନିଧି ଓ ବ୍ଲକ୍ ସ୍ତରରେ ଏ ବାବଦ ରେ ଅବଗତ କରାଇବା ପାଇଁ ମଧ୍ୟ ମାରୁତି ସେନା ପକ୍ଷରୁ ପ୍ରୟାସ କରା ଯାଉଛି ବୋଲି କହିଛନ୍ତି ସଙ୍ଗଠନ ଜିଲ୍ଲା ସଭାପତି ବିକାଶ ଚନ୍ଦ୍ର ବେହେରା, ଅନ୍ୟ ମାନଂକ ମଧ୍ୟରେ, ବିରେନ୍ ବେହେରା, ଜିତେନ୍ଦ୍ର ପରିଡା, ମନୋଜ କୁମାର ଜେନା, ସରୋଜ କୁମାର ସାହୁ, ଶୁଭମ୍ ଜେନା, ପ୍ରମୁଖ ପରିସ୍ଥିତି ଉପରେ ନଜର ରଖିଛନ୍ତି।

# ଆଉ ମିଳୁନି ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଚାଉଳ

## ଆଗାମୀ ପିଢ଼ି କେବଳ ଦେଖିବେ ଚିତ୍ର



ଘୁ.ଉଦୟଗିରି : ଭାରତ ବର୍ଷରେ ଗୋଟିଏ ଡାକରା ଥିଲା 'କୁଟି ଖାଅ, କାଟି ପିନ୍ଧ' । ଅର୍ଥାତ ଅରଟରେ ସୂତା କାଟି ତାହାକୁ ବସ୍ତ୍ର ତିଆରି କରି ପିନ୍ଧିବା ଓ ଶସ୍ୟକୁ କୁଟି ତହିଁରୁ ପ୍ରସ୍ତୁତ ଖାଦ୍ୟକୁ ଗ୍ରହଣ କରିବା। କହିବାକୁ ଗଲେ ସମ୍ପୂର୍ଣ୍ଣ ଦେଶୀ। ପଦାର୍ଥକୁ ଗୁରୁତ୍ୱର ସହ ବ୍ୟବହାର କରିବା। ଓଡ଼ିଆରେ ଏକ ପ୍ରବାଦ ରହିଛି ଢ଼ିଙ୍କି ସ୍ୱର୍ଗକୁ ଗଲେ ବି ଧାନ କୁଟିବୟ କିନ୍ତୁ ସେଇ ଢ଼ିଙ୍କି ଆଜି ଦେଖିବା ସ୍ୱପ୍ନ କନ୍ଧମାଳ ଜିଲ୍ଲାରେ ଘରେ ଘରେ ସ୍ଥାନୀୟ ଅଧିବାସୀମାନେ ଢ଼ିଙ୍କିରେ ଧାନ କୁଟି ଚାଉଳ ପ୍ରସ୍ତୁତ କରୁଥିଲେ। ଢ଼ିଙ୍କି କୁଟା ସ୍ୱାଦିଷ୍ଟ ଏବଂ ପୃଷ୍ଟିକର ଚାଉଳ ଘରେ ଘରେ ବ୍ୟବହାର ହେଉଥିଲାୟସ୍ଥାନୀ। ଅଞ୍ଚଳରେ କୁଟା ଚାଉଳ ନାମରେ ବେଶ ପରିଚିତ ଏହି ଚାଉଳର ଚାହିଦା ବେଶ ରହିଥିଲା। ହେଲେ ଏବେ ଆଉ ତାହା ଦେଖିବାକୁ ମିଳୁନି। କୁଟା ଚାଉଳ ପ୍ରସ୍ତୁତ ପାଇଁ ପରିଶ୍ରମ କରୁଥିଲେ ଲୋକ ସୁସ୍ଥ ବି ରହୁଥିଲେ। ବର୍ତ୍ତମାନ ସେ ଯୁଗ ଗଲା କଳ ଯୁଗ ଆସିଲା ତା ସହ କୁଟା ଚାଉଳ ସେଇ ସ୍ୱାଦ ସେଇ ପୃଷ୍ଟିକର ଚାଉଳ ସହ ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ହେଉ ଥିବା ଖାଦ୍ୟ ଆମ ଚତୁଃପାର୍ଶ୍ୱରୁ ଉଭେଇ ଯାଇଛି। ଆଉ ତହିଁରେ ବ୍ୟବହୃତ ସରଞ୍ଜାମ ସଂଗ୍ରହାଳୟରେ ସ୍ଥାନ ନେଲା କିମ୍ବା ଇତିହାସ ପାଲଟିଗଲା। ଆଉ ଆଗାମୀ ପିଢି ପାଇଁ ଏହା କେବଳ ଗୋଟିଏ କାହାଣୀ ହୋଇ ରହିଯାଇଛି ।ଶସ୍ୟ ଜାତୀୟ ଖାଦ୍ୟକୁ ଖାଦ୍ୟପୋଯୋଗୀ କରିବା ପାଇଁ ଆମ ପୂର୍ବ ପିଢି ଯେଉଁ ଦେଶୀ। ପ୍ରଣାଳୀରେ ପ୍ରସ୍ତୁତ କରିଥିଲା ସେହି ଯନ୍ତ୍ରର ନାମ ହେଲା 'ଢ଼ିଙ୍କି'। ଢ଼ିଙ୍କି କୁଟା ଚାଉଳ ଯିଏ ଖାଇଛି ସିଏ ଜାଣିଛି ତାର ସ୍ୱାଦ ଓ ମୂଲ୍ୟ। ସେତେବେଳେ ସେହି ଅକାଣ୍ଡିଆ ଚାଉଳ ଶରୀରକୁ ପ୍ରଚୁର ଶକ୍ତି ଓ ଭିଟାମିନ ଯୋଗାଉଥିଲା। ବଗଡ଼ା ଚାଉଳ ଆଜି ଆଉ ନାହିଁ। ଢ଼ିଙ୍କି କୁଟା ଚାଉଳ ପ୍ରସ୍ତୁତ ସମୟରେ ଚାଉଳ ତାର ମୌଳିକ ସତ୍ତା ବା ପୌଷ୍ଟିକ ତତ୍ତ୍ୱ ହରାଇ ନଥାଏ। ଚାଉଳର ଯେଉଁ ଉପର ସ୍ତରରେ ବାଦାମୀ ରଙ୍ଗର ପରସ୍ତ ରହୁଥିଲା ସାଧାରଣତଃ ଅକ୍ଷତ ଅବସ୍ଥାରେ ରହୁଥିଲା। କିନ୍ତୁ ଧାନ କଳରେ ପେଶିବା ବେଳେ ଚାଉଳ ତାର ମୌଳିକ ତତ୍ତ୍ୱ ହରାଇ ଥାଏ ।ଆଜି ଆମେ ଆଖିକୁ ସୁନ୍ଦର ଦେଖାଯାଉଥିବା ଚିକ୍କଣ ଚାଉଳ ଖାଉଛନ୍ତି, ଯାହାକି ଆମର କେବଳ ଭୋକିଲା ପେଟ ପାଇଁ ଭୋକ ମେଣ୍ଟାଉଛି। ସେଥିରୁ ଶରୀର ପାଇଁ ଉପଯୁକ୍ତ ଶକ୍ତି ମିଳୁଥିବା ନେଇ ମନରେ ବିଶ୍ୱାସ ଆସୁନାହିଁ। ଢ଼ିଙ୍କି ସାହାଯ୍ୟରେ ସମସ୍ତ ଶସ୍ୟଜାତୀୟ ସାମଗ୍ରୀରୁ ଆମେ ଅନେକ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇପାରୁଥିଲା। ଧାନ, ଗହମ, ମାଣ୍ଡିଆ, ମକା, କୁଇରି, ଚୁଡ଼ା ଓ ଡାଲି ଜାତୀୟ ଯଥା କାନ୍ଦୁଲ, କୋଳଥ ଭଳି ମଧ୍ୟ ଅନେକ ଏହା ସାହାଯ୍ୟରେ ପ୍ରସ୍ତୁତ ହେଉଥିଲା। ଢ଼ିଙ୍କି ଦ୍ୱାରା ପ୍ରସ୍ତୁତ ଚାଉଳ ଚୁନାରେ ଯେଉଁ ପିଠା ହେଉ ଥିଲା ତାହା କଳଦ୍ୱାରା ହୋଇ ଥିବା ଚୁନାରେ ଫରକ ଆଣୁଛି। ଯାହାବି ହେଉ ତାହାକୁ ଝୁରିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ। ଢ଼ିଙ୍କି ଆଜି ଆଉ କାଁ ଭାଁ ଦେଖିବାକୁ ମିଳୁଛି। ଢ଼ିଙ୍କି ଗୋଡ଼ ସାହାଯ୍ୟରେ ଓ ଆଉ ଗୋଟିଏ ହାତ ସାହାଯ୍ୟରେ କୁଟାଯାଉଥିଲା। ହାତରେ କୁଟା ଯାଉଥିବା ସରଞ୍ଜାମ 'କଡୁ ବା ପାହୁରାଣି' ନାମରେ ଜଣାଶୁଣା। ପରିବର୍ତ୍ତନଶୀଳ ଦୁନିଆରେ ଆବଶ୍ୟକତା ଅନୁସାରେ ଚାହିଦା ପୂରଣ ନ କରିପାରିବା,ଶ୍ରମ ଦାନର ଅଭାବ ଓ ଅଳସୁଆମି ପଣ ଯୋଗୁଁ ସଂସାରରୁ ଅନେକ ଜିନିଷ ହଜି ଯିବାକୁ ବସିଲାଣି।

## ମାଲକାନଗିରି ଜିଲ୍ଲାରେ ୧୪୩୭ ପରୀକ୍ଷାର୍ଥୀ ଦେଲେ ଓଟିଇଟି



ମାଲକାନଗିରି(ମହାଭାରତ):ମାଧମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି)-୨୦୨୬ ଆଜି ୪ଟି କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ପେପର-୧ ପରୀକ୍ଷା ସକାଳ ୯ ଘଟିକା ରୁ ଆରମ୍ଭ ହୋଇ ମଧ୍ୟାହ୍ନ ୧୧ ଟା ୩୦ ମିନିଟ୍ ପର୍ଯ୍ୟନ୍ତ ଚାଲିବା ସହ ପେପର-୨ ପରୀକ୍ଷା ଅପରାହ୍ନ ୨ଟା ରୁ ୪:୩୦ ପର୍ଯ୍ୟନ୍ତ ଚାଲିଲା ବୋଲି ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି ।ଜିଲ୍ଲା ଶିକ୍ଷା ଅଧିକାରୀ ଚି□ରଞ୍ଜନ ପାଣିଗ୍ରାହୀଙ୍କ ଅନୁସାରେ ପ୍ରଥମ ପେପର ୪୦୦ଜଣ ଓ ଦ୍ୱିତୀୟ ପେପର ୧୦୩୭ଜଣ , ଏ ପ୍ରକାର ମୋଟ ୧୪୩୭ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୧୬୫ଜଣ ଅନୁପସ୍ଥିତ ଥିଲେ ।ବର୍ଷାରେ ବିଜୁଳି କାଟ ହେଲେ ଜେନ୍ରେଟ, ପିଇବା ପାଣି, ସୁରକ୍ଷା ପାଇଁ ପୋଲିସ ମୁତୟନ ଆଦି ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା ଯାହା ଯୋଗୁଁ ସୁରକ୍ଷିତ ପରିବେଶରେ ପରୀକ୍ଷା ଆୟୋଜନ ହୋଇଥିଲା। ପରୀକ୍ଷାରେ ଅନିୟମିତା ରୋକିବା ପାଇଁ ଆନ୍ତରିକ ଓ ବାହ୍ୟ ନିରୀକ୍ଷକ ସହ ପ୍ରତ୍ୟେକ ପରୀକ୍ଷାର୍ଥୀଙ୍କ ଉପରେ ସିସିଟିଭି ନଜରର ବ୍ୟବସ୍ଥା ବୋର୍ଡ କର୍ତ୍ତୃପକ୍ଷଙ୍କ ଦ୍ୱାରା ହୋଇଥିବା ସହ ପରୀକ୍ଷା କେନ୍ଦ୍ର ଭିତରକୁ ମୋବାଇଲ୍ ଆଦି ବର୍ଜିତ ହୋଇଥିଲା । ପରୀକ୍ଷା ସୁପରିଚାଳନା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସମସ୍ତ ଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

# ପରିଚୟ ହରାଇଲାଣି ଭଟ୍ଟିମୁଣ୍ଡାର କଂସା, ପିତ୍ତଳ ଶିଳ୍ପ

## ଦିନେ ଥିଲେ ୫ ହଜାର କାରିଗର, ଏବେ ୧୦୦ରେ ସୀମିତ

କଟକ: ପରିଚୟ ହରାଇବାକୁ ବସିଲାଣି ଟାଙ୍ଗୀ ବ୍ଲକ୍ ଭଟ୍ଟିମୁଣ୍ଡାର ପ୍ରସିଦ୍ଧ କଂସା, ପିତ୍ତଳ ହସ୍ତଶିଳ୍ପ। ସରକାରୀ ପ୍ରୋତ୍ସାହନର ଅଭାବ ସହିତ ଏହି ହସ୍ତଶିଳ୍ପ ପ୍ରତି ଆନ୍ତରିକତାର ଅଭାବ ସ୍ପଷ୍ଟ ଦେଖାଯାଉଛି। ଯେଉଁଥିପାଇଁ ଏକଦା ଏଠାରେ ୫ ହଜାର ଲୋକ ହସ୍ତଶିଳ୍ପରେ ନିୟୋଜିତ ଥିବାବେଳେ ଏବେ ଏହି ସଂଖ୍ୟା ପାଖାପାଖି ୧୦୦କୁ ଖସିଆସିଛି। କେବଳ ସେତିକି ନୁହେଁ, ବଜାରରେ ଫାଇବର୍, ଷ୍ଟିଲ୍, ଆଲୁମିନିୟମ୍, କାଚ ସାମଗ୍ରୀଗୁଡ଼ିକ ଖୁବ୍ କମ୍ ଦରରେ ମିଳିଯାଉଥିବାରୁ କଂସା, ପିତ୍ତଳରେ



ତିଆରି ବାସନକୁସନ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରତି ଗ୍ରାହକଙ୍କ ରୁଚିରେ ପରିବର୍ତ୍ତନ ମଧ୍ୟ ଦେଖିବାକୁ ମିଳିଛି। ତିନୋଟି ରାଜସ୍ୱ ଗ୍ରାମ ଗାଁରବା, ସାରଙ୍ଗା, ଭଟ୍ଟିମୁଣ୍ଡାକୁ ନେଇ ଭଟ୍ଟିମୁଣ୍ଡା ପଞ୍ଚାୟତ ଗଠନ ହୋଇଥିଲା। ଏଠାକାର ୭ ହଜାର ଲୋକଙ୍କ ଭିତରୁ ପାଖାପାଖି ୮୦ ପ୍ରତିଶତ କଂସାରୀ। ସେମାନେ ହାତରେ କଂସାର ବିଭିନ୍ନ ବାସନକୁସନ ଗରା, ହଣ୍ଡା, ତସଲା, ଡାଳ, ଥାଳି ଇତ୍ୟାଦି ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ଭଟ୍ଟିମୁଣ୍ଡାର କଂସାରୀମାନଙ୍କୁ ପୁରୀ ଶ୍ରୀମନ୍ଦିର ପକ୍ଷରୁ ମହାପ୍ରଭୁଙ୍କ ଘଣ୍ଟ ସେବା ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜନ କରାଯାଇଥାଏ। ପୁରୀ ସ୍ୱବଲିପିରେ ମଧ୍ୟ ଏହା ଉଲ୍ଲେଖ ରହିଛି। ସ୍ନାନ ପୂର୍ଣ୍ଣିମାଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ଘଣ୍ଟସେବାରେ ଏମାନେ ନିୟୋଜତ ହୋଇଥାନ୍ତି। ଏସବୁ ସତ୍ତ୍ୱେ ଏହି କଂସାରୀମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ।କଂସା ଓ ପିତ୍ତଳ ସାମଗ୍ରୀ ପାଇଁ ଆବଶ୍ୟକ ହେଉଥିବା କଞ୍ଚାମାଲ ପ୍ରାୟତଃ କୋଲକାତା କିମ୍ବା କଟକରୁ ମିଳିଥାଏ। କିନ୍ତୁ କଞ୍ଚାମାଲ ଅଣାଯିବା ସମୟରେ ସେମାନଙ୍କୁ ବହୁ ଜୁଲୁମ ସହିବାକୁ ପଡୁଥିବା ଅଭିଯୋଗ ହୋଇଛି ।ସେହିପରି କାଠ ଚୁଲିରେ କଞ୍ଚାମାଲ୍ ତରଳାଯାଇ ମିଶ୍ରଣ କରାଯିବା ଓ ପରେ ହାତରେ ବାଡ଼େଇ ବାଡ଼େଇ ବାସନକୁସନର ଆକୃତି ଦିଆଯାଉଥିବାରୁ ସେହି ସାମଗ୍ରୀର ମୂଲ୍ୟ ବହୁତ ଅଧିକ ହୋଇଥାଏ। କଂସା କିଲୋଗ୍ରାମ୍ ପିଛା ପାଖାପାଖି ୨୮୦୦ ଟଙ୍କା ଥିବା ବେଳେ ପିତ୍ତଳ ପାଖାପାଖି ୧୫୦୦ ଟଙ୍କା। ହେଲେ ଏହା ତୁଳନାରେ ଷ୍ଟିଲ୍, ଫାଇବର୍ ବାସନର ଦାମ୍ ଢେର କମ୍। ଏଣୁ ଲୋକମାନେ ଏହାକୁ କିଣିବାକୁ ଆଗ୍ରହ ଦେଖାଉ ନାହାନ୍ତି।

## ମୌଳିକ ସୁବିଧାରୁ ବଞ୍ଚିତ କୋଟଗଡ ବ୍ଲକର ଉପାନ୍ତ ଅଞ୍ଚଳର ଗାଁ

### ବ୍ଲକ ପ୍ରଶାସନକୁ ଗୁହାରୀ କଲେ ମିଳୁନି ସୁଫଳ

କୋଟଗଡ଼,(ମହାଭାରତ):କୋଟଗଡ ବ୍ଲକ ହେଡ଼କ୍ୱାଟର ଅନ୍ତର୍ଗତ ୧୯ ନମ୍ବର ୱାର୍ଡର ଛ ଆଦିବାସୀ ଗାଁ ପକ୍କା ରାସ୍ତା ଅପହଞ୍ଚ କୋଟଗଡ ବ୍ଲକରୁ ମାତ୍ର ଏକ କିଲୋମିଟର ନିକଟରେ ଥିବା ଗାଁ ଗଣ୍ଡା ରେ ପହଞ୍ଚିପାରିନି ପକ୍କା ସଡ଼କ ମୌଳିକ ସମସ୍ୟା ସହ ଯୁଝୁଛନ୍ତି ମଦାଙ୍ଗୀ ୱାର୍ଡର ଶତାଧିକ ଆଦିବାସୀ ପରିବାର କର୍ଣ୍ଣ ନାୟକ, ଅନିଲ ଡଲମ୍ବା, ଷ୍ଟିଫେନ ମାଝୀ, ପୁଲାନ୍ଦ୍ର ମଲିକ, ସମେନ୍ଦ୍ର ପାଟମାଝୀ, ବ୍ରଜେଶ୍ୱର ମୁଠାମାଝୀ, ଚନ୍ଦ୍ରିକା ସାନସେଟ, ଚନ୍ଦ୍ରିକା ବଡ଼ନାୟକ, ରୋଜାଲୀନ ବେହେରାମାଝୀ ଓ ୱାର୍ଡ ସଭ୍ୟ ପ୍ରଶାନ୍ତ ବଳିୟାରସିଂ ସମେତ ଗ୍ରାମବାସୀଙ୍କ କହିବାନୁଯାଇ ଦୀର୍ଘବର୍ଷ ହବ ବିଭିନ୍ନ ରାଜନୈତିକ ଦଳକୁ ନିର୍ବାଚନବେଳେ ଭୋଟ ଦେଇ ଆସୁଥିଲେ ହେଁ, ଅଦ୍ୟାବଧି ପକାରାସ୍ତା,



ବିଶୁଦ୍ଧ ପାନୀୟ ଜଳ, ବିଜୁଳି ପରି ଏକାଧିକ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହୋଇ କାଦୁଅ ପଚ ପଚ ରାସ୍ତା ଯିବାଆସିବା କରିବାକୁ ହୁଏ ଏପରିକି ବିଦ୍ୟାଳୟ ରୁ ଘରକୁ ଯିବାକୁ କୋମଳମତି ଶିଶୁମାନେ ନାନା ଅସୁବିଧା ରେ ପଡ଼ିଥାନ୍ତି, ରୋଗବ୍ୟାଧି,ଗର୍ଭ ଯନ୍ତ୍ରଣା ରେ ଛଟପଟ ମହିଳାଙ୍କୁ କାନ୍ଧରେ, ଖଟିଆ ରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ବୋହିବାକୁ ପଡିଥାଏ, ଦୈନନ୍ଦିନ ବଜାର ସୌଦା କରିବାକୁ କୋଟଗଡ ବ୍ଲକ ହେଡ଼କ୍ୱାଟରକୁ ଆସିବାକୁ ପିଲାଠୁ ଠୁ ବୁଢା ସମସ୍ତେ ଚଲାରାସ୍ତାରେ ବହୁ କଷ୍ଟ ରେ ଯିବାଆସିବା କରିଥାନ୍ତି, ବିଲରୁ ଗର୍ତ୍ତକରି ପିଇବା ପାଣି ସଂଗ୍ରହକରନ୍ତି , ମାସଧିକ ସମୟ ବିଜୁଳି ନ ରହିବା ପରି ଦୁର୍ବିସହ ଦୁଃଖ ସହି ଆସୁଛନ୍ତି ମାକଡାଖାଡ଼ି, ଦହିଭଟା, ଡାବିମାହା, ବେଲାରମାହା, ବାମନତୋଟା, କାକପାଟା ଓ କଲୋନୀ ସାହି ର ଲୋକେ ତେଣେ ଗ୍ରାମବାସୀ ବାରମ୍ବାର ବ୍ଲକ ପ୍ରଶାସନ ର ଦ୍ୱାରସ୍ତ ହୋଇଥିଲେ ମଧ କେହି କର୍ଣ୍ଣପାତ କରୁ ନାହାନ୍ତି, ଏହି ଉକ୍ତ ସମସ୍ୟାକୁ ଗୁରୁତ୍ୱର ସହ ନେଇ ସ୍ଥାନୀୟ ସରପଞ୍ଚ,ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସମାଧାନ କରିବାକୁ ଦାବୀ ହୋଇଛି । ନଚେତ୍‌ବା ବାଧ୍ୟହୋଇ ଆସନ୍ତା ନିର୍ବାଚନବେଳେ ଭୋଟବର୍ଜନ ନିଷ୍ପତି ନେଇଥିବା ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି ଗ୍ରାମବାସୀ ମଦାଙ୍ଗୀ ପ୍ରାଥମିକ ବିଦ୍ୟାଳୟ ଛକ ଠାରୁ ପୂର୍ବ ବିଭାଗ ମୁଖ୍ୟ ରାସ୍ତାରୁ ୫କିଲୋମିଟର ପରିମିତ ଛ ଗୋଟି ଗାଁର ଗ୍ରାମବାସୀ ତେଣୁ ସରକାରଙ୍କ କୋଟି କୋଟି ଟଙ୍କାର ଯୋଜନା କାହା ସ୍ୱାର୍ଥରେ ବିନିଯୋଗ ହେଉଛି ବୋଲି ପ୍ରଶ୍ନ କରିଛନ୍ତି ଗ୍ରାମବାସୀ ।

## ନଦୀରେ ବୁଡି ନିଖୋଜ ହେବାର ଏକ ଘଣ୍ଟା ପରେ ବୃଦ୍ଧ ଉଦ୍ଧାର

ଆଳି, (ମହାଭାରତ)ଶୌଚ ହେବାକୁ ଯାଇ ଖରସ୍ରୋତା ନଦୀରେ ବୁଡି ନିଖୋଜ ହୋଇ ଯାଇଥିଲେ ୮୦ ବର୍ଷର ବୃଦ୍ଧ ।ନିଖୋଜ ହେବାର ଏକଘଣ୍ଟା ପରେ ଗ୍ରାମବାସୀ ଓ ଦମକଳ ବାହିନୀଙ୍କ ମିଳିତ ପ୍ରଚେଷ୍ଟାରେ ବୃଦ୍ଧଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । ଏଭଳି ଏକ ଘଟଣା ଘଟିଯାଇଛି ଆଳି ଥାନା ଅନ୍ତର୍ଗତ ହିଞ୍ଜୋଳ ଗ୍ରାମରେ । ହିଞ୍ଜୋଳନରେନ୍ଦ୍ର ବେହେରା(୮୦)ରବିବାର ଦିନ ପ୍ରାୟ ୧୦ ଟା ସମୟରେ ଘର ନିକଟରେ ପ୍ରବାହିତ ଖରସ୍ରୋତା ନଦୀକୁ ଶୌଚ ନିମନ୍ତେ ଯାଇଥିବା ବେଳେ ଗୋଡ଼ ଖସି ଯିବାରୁ ସେ ନଦୀ ସ୍ରୋତରେ ଭାସି ଯାଇଥିଲେ। ବୃଦ୍ଧ ନଦୀରେ ଭାସିଯିବା ଦେଖି ସ୍ଥାନୀୟ ଲୋକ ଡ଼ଙ୍ଗା ସାହାଯ୍ୟରେ ଖୋଜାଖୋଜି କରିବା ସହ ଅଗ୍ନିଶମ ବାହିନୀଙ୍କୁ ଖବର ଦେଇଥିଲେ। ଖବର ପାଇ ବିଞ୍ଝାରପୁର ଦମକଳ ବାହିନୀ ପହଁଚି ଗ୍ରାମବାସୀ ଙ୍କ ମିଳିତ ଉଦ୍ୟମରେ ନଦୀରେ ଖୋଜାଖୋଜି କରିବା ପରେ ବୃଦ୍ଧଙ୍କୁ ଜୀବିତ ଅବସ୍ଥାରେ ଉଦ୍ଧାର କରିଥିଲେ ।ତାଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ସଙ୍ଗେସଙ୍ଗେ ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ବୃଦ୍ଧଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ଥିବା ଜଣାପଡିଛି ।

## ଡିଏନଏ ଖୋଲିଲା ଜଘନ୍ୟ ହତ୍ୟାକାଣ୍ଡ

କପ୍ତିପଦା(ମହାଭାରତ): ଡିଏନଏ ରିପୋର୍ଟ ମିଶିଲା, ଆଉ ପରଦା ହଟିଲା ଅଢେଇ ବର୍ଷ ତଳେ ହୋଇଥିବା ଲୋମଟାଙ୍କୁରା ହତ୍ୟାକାଣ୍ଡର ରହସ୍ୟ। ଗିରଫ ହେଲେ ୩ ଅଭିଯୁକ୍ତ। ଅଜଣା ମୃତଦେହ କୁ ଧରି ଅଢେଇ ବର୍ଷ ପରିଚୟ ପାଇଁ ଘାଣ୍ଟି ହୋଇ ଶେଷରେ ହତ୍ୟାକାରୀଙ୍କୁ ଗିରଫ କରିଛି ପୋଲିସ। ଗୁଣି ଗାରେଡି ସନ୍ଦେହରୁ ଅତି ବିଭତ୍ସ ଭାବେ ହତ୍ୟା କରାଯିବା ସହିତ ନଷ୍ଟ କରାଯାଇଥିଲା ସବୁ ପ୍ରମାଣୟ ଗତ ୨୦୨୩ ମସିହା ନଭେମ୍ବର ୮ ତାରିଖ ଉଦଳା ଥାନା ବହୁବନ୍ଧ ସୁରେଇସାହି କାଜୁ ଜଙ୍ଗଲର ଏକ ପରିତ୍ୟକ୍ତ କୂଅ ଭିତରୁ ବୋରା ଭିତରେ ପୁରାଇ ପଥର ବନ୍ଧା ଯାଇ ପଡ଼ିଥିବା ମୃତଦେହ କୁ ପୋଲିସ ଉଦ୍ଧାର କରିଥିଲା। ହେଲେ ମୃତକଙ୍କ ପରିଚୟ ପୋଲିସ ପାଇ ନ ଥିଲା। କେବଳ ଅଲଗା ଅଲଗା ଚପଲ ଘଟଣାସ୍ଥଳରୁ ପୋଲିସ ପାଇଥିଲା। ମୃତଦେହ ର ପରିଚୟ ନ ପାଇଥିବା ବେଳେ ଏହା ହତ୍ୟାକାଣ୍ଡ ବୋଲି ସ୍ପଷ୍ଟ ଜଣାପଡିଥିଲା।

## ସୁବଳୟା ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବନ ମହୋତ୍ସବ



ଗଞ୍ଜାମ,:ଗଞ୍ଜାମ ବ୍ଲକ୍ ଅନ୍ତର୍ଗତ ସୁବଳୟା ଠାରେ ଅବସ୍ଥିତ ଗୋପାଳ କୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୭୭ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡ଼ ସି ଏଚ୍ଚ ସୁଧାକର ସଭାପତି କରିଥିଲେ । ସଭା ପ୍ରାରମ୍ଭରେ ଓଡ଼ିଆ ବିଭାଗ ଅଧ୍ୟାପିକା ଜ୍ୟୋସ୍ନା କୁମାରୀ ପ୍ରଧାନ ଅତିଥି ମାନଙ୍କୁ ସ୍ୱାଗତ କରିଥିଲେ । ପ୍ରଭୁ ଶ୍ରୀ ଗୋପାଳ କୃଷ୍ଣଙ୍କ ଫଟୋ ନିକଟରେ ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥି ପ୍ରଦୀପ ପ୍ରଜ୍ଜ୍ୱଳନ କରି ଏହି କାର୍ଯ୍ୟକ୍ରମର ଆନୁଷ୍ଠାନିକ ଉଦଘାଟନ କରିଥିଲେ । ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ଼ ବସନ୍ତ ନାୟକ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସଭାରେ ଖଲ୍ଲିକୋଟ ବନାଞ୍ଚଳ ଭାରପ୍ରାପ୍ତ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକ ଶ୍ରୀ ଦିବ୍ୟ ଶଙ୍କର ବେହେରା ଯୋଗ ଦେଇ ନ ମହୋତ୍ସବର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିବା ସଙ୍ଗେ ସଙ୍ଗେ ସଂପ୍ରତି ଦେଖା ଦେଇଥିବା ପରିବେଶ ଅସନ୍ତୁଳନ ,ଜଳବାୟୁ ପରିବର୍ତ୍ତନ , ବିଶ୍ ତାପନ ,ସବୁଜ ଘର କୁପ୍ରଭାବ ଇତ୍ୟାଦି ଯୋଗୁଁ ସମଗ୍ର ବିଶ୍ୱରୁ ଉଦ୍ଭିଦ ଓ ପ୍ରାଣୀ ଜଗତ ବିଲୋପ ହେଲା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ସୂଚନା ଦେଇଥିଲେ । ଏହାର ପ୍ରତିକାର ସ୍ୱରୂପ ବନ ବିଭାଗ ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ସହଯୋଗ ଓ ସଚେତନ ପୂର୍ବକ ବ୍ୟାପକ ବୃକ୍ଷ ରୋପଣ ପାଇଁ ଆନ ଦେଇଥିଲେ । ଅନ୍ୟାନ୍ୟ ଅତିଥି ମାନଙ୍କ ମଧ୍ୟରେ ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ପ୍ରକୃତି ବନ୍ଧୁ ଅବସର ପ୍ରାପ୍ତ ଶିକ୍ଷକ ଜବାହାରଲାଲ ନାୟକ, ଅବସର ପ୍ରାପ୍ତ ବନ ବିଭାଗ ସେକ୍ସନ ଅଧିକାରୀ ଅଶୋକ କୁମାର ସାହୁ, ଅଧ୍ୟାପିକା ସନ୍ତୋଷୀ ନାହାକ, ଅଧ୍ୟାପିକା ଡ଼ ଅନୀତା ମିଶ୍ର ପ୍ରମୁଖ ଅନୁରୂପ ଭାବେ ଦେଖା ଦେଇଥିବା ପରିବେଶ ଗତ ସମସ୍ୟା ଯଥା ବାୟୁ ପ୍ରଦୂଷଣ, ମୃତ୍ତିକା ପ୍ରଦୂଷଣ, ଜଳ ପ୍ରଦୂଷଣ, ପଲିଥିନ୍ କୁପ୍ରଭାବ ,ଜଙ୍ଗଲ କ୍ଷୟ,ସୌଖୀନ ଜୀବନ ଶୈଳୀ,ବହୁଳ ଯାନ ବାହନ ବ୍ୟବହାର, କଳ କାରଖାନା ନିର୍ମାଣ ,ଜନ ସଂଖ୍ୟା ବୃଦ୍ଧିକୁ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ ସକାଶେ ଛାତ୍ର ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ।

## ଅବସରପ୍ରାପ୍ତ ଯବାନଙ୍କୁ ନିଜ ଗ୍ରାମରେ ସ୍ୱାଗତ ସମ୍ବର୍ଦ୍ଧନା



ପୋଲସରା: ଗଞ୍ଜାମ ଜିଲ୍ଲାର ପୋଲସରା ବ୍ଲକ ଅନ୍ତର୍ଗତ କେନ୍ଦୁବାଡି ଗ୍ରାମର ଗଙ୍ଗାଧର ଭୂୟାଁ ଭାରତୀୟ ସେନାରେ ଦୀର୍ଘ ୨୪ ବର୍ଷ ଧରି ଦେଶ ସେବାରେ ନିଜକୁ ନିୟୋଜିତ କରି ଅବସର ଗ୍ରହଣ କରି ୦୩/୦୭/୨୬ ତାରିଖରେ ନିଜ ଗ୍ରାମ କେନ୍ଦୁବାଡିରେ ପହଞ୍ଚିଥିଲେ। ନିଜ ଗ୍ରାମ ତଥା ଜନ୍ମ ମାଟିରେ ପହଁଞ୍ଚିବା ପରେ ତାଙ୍କୁ ସ୍ୱାଗତ ଜଣାଇବା ପାଇଁ ଏକ ସ୍ୱାଗତ ରଥର ଆୟୋଜନ କରାଯାଇ କେନ୍ଦୁବାଡି ଗ୍ରାମର ପ୍ରତ୍ୟେକ ସାହି ପରିକ୍ରମା କରିଥିଲେ। ଏହାପରେ ଗ୍ରାମର ପାଠାଗାର ଠାରେ ପୂର୍ବତନ ସରପଞ୍ଚ ବିଜୟ କୁମାର ସ୍ୱାଇଁ, ଅନ୍ତର୍ଜାତୀୟ ଚିତ୍ରଶିଳ୍ପୀ ଡକ୍ଟର ସ୍ମିତଧୀ ରଥ, ସିଆରପିଏଫ ଯବାନ କୃଷ୍ଣ ଭୂୟାଁ, ଭାରତୀୟ ସେନାର ଯବାନ ମଞ୍ଜୁ ବିଷୋୟୀ, ସମାଜସେବୀ ଭଗବାନ ମହାନ୍ତି, ମୁନା ଭୂୟାଁ, ପପୁ ବିଷୋୟୀ ପ୍ରମୁଖ ଅବସରପ୍ରାପ୍ତ ଯବାନ ଗଙ୍ଗାଧର ଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ବନ ମହୋତ୍ସବ ପାଇଁ ରବିବାର ଦିନ ଖୋଲିଲା ସ୍କୁଲ

## ବର୍ଷାରେ ଭିଜିଭିଜି ସ୍କୁଲ ପିଲା ଲଗାଇଲେ ଗଛ

ଆଳି,(ମହାଭାରତ): ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ ଆବଶ୍ୟକ । ରାଜନଗର ବନ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ବନ ମହୋତ୍ସବ ପାଳନ କରା ଯାଉଥିବା ବେଳେ ରବିବାର ଦିନ ସ୍କୁଲ ଛୁଟି ଥିବା ବେଳେ ଲଘୁଚାପ ବର୍ଷାରେ ସ୍କୁଲର ଛୋଟ ଛୋଟ ପିଲାଙ୍କୁ ନେଇ ସ୍କୁଲ ପରିସରରେ ବିଭାଗ ପକ୍ଷରୁ ବନ ମହୋତ୍ସବ ପାଳନ କରାଯାଇଛି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖା ଦେଇଥିବା ବେଳେ ଛୁଟିଦିନରେ କାହା ନିର୍ଦ୍ଦେଶରେ ସ୍କୁଲ ପିଲାଙ୍କୁ ସ୍କୁଲକୁ ଡକା ଯାଇଥିଲା ତାହା ଏବେ ବଡ଼ ପ୍ରଶ୍ନାଚି ସୃଷ୍ଟି ହୋଇଛି । କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ବନ ବିଭାଗ ପକ୍ଷରୁ ୭୭ ତମ ବନ ମହୋତ୍ସବ ପାଳନ ହେଉଥିବା ବେଳେ ରବିବାର ଦିନ ଆଳି ବ୍ଲକ ମହୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳନ କରାଯାଇଛି । ଏହି ଉତ୍ସବ ସକାଳ ୧୦ ଟା ରେ ପାଳନ କରାଯିବ ବୋଲି ବନବିଭାଗ ପକ୍ଷରୁ ସ୍କୁଲକୁ ସୂଚନା ଦିଆ ଯାଇଥିବା ବେଳେ ପିଲାମାନେ ରବିବାର ଛୁଟିଥିଲେ ମଧ୍ୟ ସ୍କୁଲ ୟୁନିଫର୍ମ ପିନ୍ଧି ସ୍କୁଲରେ ୧୦ ଟା ବେଳେ ପହଞ୍ଚିଥିଲେ । କିନ୍ତୁ ବନବିଭାଗ ଅଧିକାରୀ ମାନେ ସାଢେ ୧୧ ଟା ସମୟରେ ସ୍କୁଲରେ ପହଞ୍ଚି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ।କ୍ଷ ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପ□, ବନ ବିଭାଗ ଅଧିକାରୀ, ସ୍କୁଲ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ



ମାନେ ସାମିଲ ହୋଇଥିଲେ। ରବିବାର ଦିନ ଲଗାଣ ବର୍ଷା ଜାରି ରହିଥିବା ବେଳେ ସାଧାରଣ ଲୋକ ଘରୁ ବାହାରିବା କଷ୍ଟକର ହୋଇ ପଡିଥିଲାକ୍ଷ କିନ୍ତୁ ଏହି ସମୟରେ ବନ ବିଭାଗ ଅଧିକାରୀ ମାନେ ନିଜ ବିଭାଗର କାର୍ଯ୍ୟକ୍ରମ କରିବା ନିମନ୍ତେ ମହୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଛୋଟ ଛୋଟ ପିଲାଙ୍କୁ ବର୍ଷାରେ ଭିଜାଇ ବୃକ୍ଷ ରୋପଣ କରି କାମ ସାରି ଦେଇଛନ୍ତି । ବନ ବିଭାଗର କିଛି କର୍ମଚାରୀ ରେନକୋଟ ପିନ୍ଧି ଥିବା ବେଳେ ଛୋଟ ଛୋଟ ପିଲା ମାନେ ବର୍ଷାରେ ଭିଜିଥିଲେ । ଏଠାରେ ପ୍ରଶ୍ନ ଉଠୁଛି ଯେ ଛୁଟିଦିନରେ କାହା ନିର୍ଦ୍ଦେଶରେ ଛୋଟଛୋଟ ପିଲାମାନଙ୍କୁ ବର୍ଷାରେ ଭିଜାଇ ସ୍କୁଲକୁ ଡକାଗଲା ଓ ଏହି ଉତ୍ସବ ପାଳନ କରାଗଲା ତାହା କୁ ନେଇ ଏବେ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ବର୍ଷା ସମୟରେ ବିଜୁଳି ଘଡଘଡି ମାରୁଥିବା ବେଳେ ଯଦି କିଛି ଅଘଟଣ ଘଟି ଥାନ୍ତା ତେବେ ଏଥିପାଇଁ କିଏ ଦାୟୀ ହୋଇଥାନ୍ତା । ଏ ନେଇ ବନ ବିଭାଗର କୋଣସି ପ୍ରତିକ୍ରିୟା ମିଳି ପାରିନଥିଲା। ରବିବାର ଥିବାରୁ ଆଳି ବ୍ଲକ ଶିକ୍ଷା ଅଧିକାରୀ ରତିକାନ୍ତ ସେନାପତିଙ୍କୁ ଟେଲିଫୋନରେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଟେଲିଫୋନ ଉଠାଇ ନଥିଲେ।

## ମାଲକାନଗିରି ଜିଲ୍ଲାରେ ଭିତ୍ତିଭୂମିର ବିକାଶ

ମାଲକାନଗିରି(ମହାଭାରତ):ଜିଲ୍ଲାର ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ବିଭନ୍ନ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ ଜିଲ୍ଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ପରିଦର୍ଶନ କରି ସମୀକ୍ଷା କରିଛନ୍ତି। ଜିଲ୍ଲାର ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ବଡ଼ ସଂସ୍କାର ଆଣିବା ଲକ୍ଷ୍ୟରେ ଜିଲ୍ଲାପାଳ ପ୍ରଶାସନିକ ଅଧିକାରୀମାନଙ୍କୁ କେତେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାପାଳ ପ୍ରଥମେ ଜିଲ୍ଲା ଗ୍ରନ୍ଥାଗାର ପରିଦର୍ଶନ କରି ସେଠାକାର ଭିତ୍ତିଭୂମିର ଯାଞ୍ଚ କରିଥିଲେ। ମାଲକାନଗିରିର ଯୁବପିଢ଼ିଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ସେଠାରେ ଏକ ଅତ୍ୟାଧୁନିକ କୋଚିଂ ସେଣ୍ଟର ଖୋଲିବାକୁ ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ଯେଉଁଠାରେ ସ୍ଥାନୀୟ ଛାତ୍ରଛାତ୍ରୀମାନେ ୟୁପିଏସସି, ଓପିଏସସି ଏବଂ ଏସଏସସି ଭଳି ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ଉନ୍ନତମାନର ପ୍ରସ୍ତୁତି କରିପାରିବେ। ଏଥିପାଇଁ ତୁରନ୍ତ ବ୍ଲୁ-ପ୍ରି□ ପ୍ରସ୍ତୁତ କରିବାକୁ ସେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ଏହାପରେ ଜିଲ୍ଲାପାଳ ମାଲକାନଗିରି ମହିଳା ହଷ୍ଟେଲର ଖାଲି ପଡ଼ିଥିବା ଗୃହଗୁଡ଼ିକର ସମୀକ୍ଷା କରିଥିଲେ। ଏହି ଅବ୍ୟବହୃତ ସ୍ଥାନରେ ଏକ ବସ୍ତ୍ର ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବା ପାଇଁ ଯୋଜନା ରହିଛି। ଏହି ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ମହିଳା ଏବଂ ଅନ୍ୟ ଲୋକମାନଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ, ଯାହା ଜିଲ୍ଲାର ଅର୍ଥନୀତିକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ଶିକ୍ଷା ଭିତ୍ତିଭୂମିକୁ ଅଧିକ ବ୍ୟବସ୍ଥିତ କରିବା ପାଇଁ ଜିଲ୍ଲାପାଳ ପୁରୁଣା ବି.ଇଡି କଲେଜ ମଧ୍ୟ ପରିଦର୍ଶନ କରିଥିଲେ। କଲେଜର ପୁରୁଣା କୋଠାର ନବୀକରଣ କରି ଶିକ୍ଷା କ୍ଷେତ୍ରରେ କିପରି ସୁଧାର ଅଣାଯାଇପାରିବ ଏବଂ ଏହାର ସଠିକ୍ ଉପଯୋଗ କରାଯାଇପାରିବ, ସେ ନେଇ ସେ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି।

## ପ୍ରବଳ ବର୍ଷାରେ ବେହାଲ କୋରାପୁଟ

### ଦଶମନ୍ତପୁରରେ ସର୍ବାଧିକ ୮୪ ମି.ମି. ଲକ୍ଷ୍ମୀପୁର ଦ୍ୱିତୀୟ

ଲକ୍ଷ୍ମୀପୁର,(ମହାଭାରତ) : ଲଗାତାର ବର୍ଷାରେ କୋରାପୁଟ ଜିଲ୍ଲା ଭିଜିଛି। ଶନିବାର,ରବିବାର ସକାଳ ୮ଟାରୁ ସନ୍ଧ୍ୟା ୫ଟା ମଧ୍ୟରେ ଜିଲ୍ଲାର ପ୍ରାୟ ସମସ୍ତ ବ୍ଲକରେ ପ୍ରବଳ ବର୍ଷା ହୋଇଥିବାରୁ ଜନଜୀବନ ଆଂଶିକ ପ୍ରଭାବିତ ହୋଇଛି। ଜିଲ୍ଲା ଆପଦ ପରିଚାଳନା ଜରୁରୀ କାର୍ଯ୍ୟକେନ୍ଦ୍ର ପ୍ରକାଶ କରିଥିବା ତଥ୍ୟ ଅନୁସାରେ, ଏହି ସମୟ ମଧ୍ୟରେ ଜିଲ୍ଲାରେ ମୋଟ ୮୪୨.୦ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ହାରାହାରି ବର୍ଷା ପରିମାଣ ୬୦.୧୪ ମିଲିମିଟର ରହିଛି ।ବର୍ଷା ପରିମାଣରେ ଦଶମନ୍ତପୁର ବ୍ଲକ ସର୍ବାଧିକ ୮୪.୦ ମିଲିମିଟର ସହ ଶୀର୍ଷରେ ରହିଥିବା ବେଳେ ଲକ୍ଷ୍ମୀପୁରରେ ୮୩.୪ ମିଲିମିଟର ଏବଂ ଜୟପୁରରେ ୮୦.୮ ମିଲିମିଟର ବର୍ଷା ରେକର୍ଡ ହୋଇଛି। ଏହାଛଡ଼ା ବୋରିଗୁମ୍ମାରେ ୭୩.୬ ମି.ମି., ବୋଇପାରିଗୁଡ଼ାରେ ୭୦.୦ ମି.ମି., କୋରାପୁଟରେ ୬୯.୨ ମି.ମି., କୁନ୍ଦୁରାରେ ୬୯.୦ ମି.ମି., ସେମିଳିଗୁଡ଼ାରେ ୬୩.୯ ମି.ମି. ଏବଂ ନାରାୟଣପାଟଣାରେ ୫୯.୬ ମି.ମି. ବର୍ଷା ରେକର୍ଡ ହୋଇଛି। ସେହିପରି ଲମତାପୁଟରେ ୫୪.୩ ମି.ମି., ନନ୍ଦପୁରରେ ୪୪.୦ ମି.ମି., କୋଟପାଡ଼ରେ ୩୧.୦ ମି.ମି., ବୈପାରୀଗୁଡ଼ାରେ ୩୦.୦ ମି.ମି. ଏବଂ ପଟ୍ଟାଙ୍ଗିରେ ୨୯.୨ ମି.ମି. ବର୍ଷା ହୋଇଥିବା ଜଣାପଡ଼ିଛି। ଲଗାତାର ବର୍ଷା ପ୍ରଭାବରେ ଜିଲ୍ଲାର ବିଭିଭ ନଦୀ, ନାଳ ଓ ଜଳାଶୟରେ ଜଳସ୍ତର ବୃଦ୍ଧି ପାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତା ଜାରି କରାଯାଇଥିବା ବେଳେ ତଳିଆ ଅଞ୍ଚଳର ବାସିନ୍ଦାଙ୍କୁ ସଚେତନ ରହିବା ଏବଂ ଅନାବଶ୍ୟକ ଭାବେ ନଦୀ, ନାଳ ଓ ବନ୍ୟାଜଳ ନିକଟକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ପରିସ୍ଥିତି ଉପରେ କଡ଼ା ନଜର ରଖିଥିବା ସୂଚନା ମିଳିଛି ।

## ଗୋଲାମୁଣ୍ଡା ଗ୍ରାମର ୧୧ ଜଣ ଯୁବକ ବିଜେପିରେ ସାମିଲ:

ଗୋଲାମୁଣ୍ଡା (ମହାଭାରତ) ଗୋଲାମୁଣ୍ଡା ବ୍ଲକ ଅଞ୍ଚଳରେ ବିଜେଡି ଓ କଂଗ୍ରେସ ଗଡ଼ରେ ସେନ୍ଧି ମାରିଛି ଭାରତୀୟ ଜନତା ପାର୍ଟି (ବିଜେପି)। ଆଜି ଗୋଲାମୁଣ୍ଡା ଉପକଣ୍ଠର ପ୍ରାୟ ୧୧ ଜଣ ସକ୍ରିୟ ଯୁବକ ବିଜେଡି ଓ କଂଗ୍ରେସ ଦଳ ପରିତ୍ୟାଗ କରି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକାଶମୂଳକ ନୀତି ଓ ଦଳର ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ଯୁବକମାନେ ପଦ୍ମ ଶିବିରରେ ସାମିଲ ହୋଇଥିବା ପ୍ରକାଶ କରିଛନ୍ତି ।ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ



ଗୋଲାମୁଣ୍ଡା ମଣ୍ଡଳ ସଭାପତି ବୈଶାକୁ କେତକୀ ଓ ସମ୍ପାଦକ ବେଣୁଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ ପଦାଧିକାରୀମାନେ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ଦଳକୁ ସ୍ୱାଗତ କରିଥିଲେ।ବିଜେପିରେ ସାମିଲ ହୋଇଥିବା ଯୁବକମାନେ ହେଲେ ରାଜା ବିହାରୀ,ବିଶାଳ ବିହାରୀ,ପୃଥ୍ୱୀରାଜ ମଙ୍ଗରାଜ,ଫିଲିପ ବିହାରୀ,ମୋହନ ବିହାରୀ,ରୋହନ ମଙ୍ଗରାଜ,ଆମୋସ ସିପକା,ରାହୁଲ ବିହାରୀ,ପ୍ରିନ୍ସ ନାଗ,ଅନନ୍ତ ବିହାରୀ,ଦୀପକ ବିହାରୀ ।ଏହି ଅବସରରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦ କହିଛନ୍ତି ଯେ, ଯୁବକମାନଙ୍କର ଏହି ଯୋଗଦାନ ଫଳରେ ସ୍ଥାନୀୟ ଅଞ୍ଚଳରେ ବିଜେପିର ସଙ୍ଗଠନ ଆହୁରି ସୁଦୃଢ଼ ଓ ଗତିଶୀଳ ହେବ।

## ପୋଲିସ ପକ୍ଷରୁ ରଥଯାତ୍ରା ୨୦୨୬ ଅବସରରେ ସାହି ସମନ୍ୱୟ ବୈଠକ

ପୁରୀ,:ପବିତ୍ର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ୨୦୨୬ ଅବସରରେ ଭକ୍ତମାନଙ୍କ ପାଇଁ ଏକ ସୁରକ୍ଷିତ, ଶୃଙ୍ଖଳିତ ଏବଂ ସୁଚାରୁ ପରିବେଶ ସୁନିଶ୍ଚିତ କରିବା ଲକ୍ଷ୍ୟରେ ପୁରୀ ପୋଲିସ ପକ୍ଷରୁ ଆଜି ଚାରୋଟି ସାହି ଅଞ୍ଚଳର ବିଭିନ୍ନ ସାହିର ମୁରବି ଓ ସେବାୟତମାନଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା। ଏହି ବୈଠକରେ ଆଠସାହି ଅଞ୍ଚଳର ବିଭିଭ ସାହିର ପ୍ରତିନିଧିମାନେ ଯଥା ଧାନକୁଟି ସାହି, ବାଲିସାହି, ହରଚଣ୍ଡୀ ସାହି ଓ ଗୋଡ଼ବାଡ଼ ସାହିର ମୁରବିମାନେ ଉପସ୍ଥିତ ଥିଲେ। ଏହା ସହିତ ଅନେକ ସେବାୟତ, ସ୍ଥାନୀୟ ପ୍ରତିନିଧି ଓ ସମ୍ମାନୀୟ ବ୍ୟକ୍ତିବିଶେଷ ମଧ୍ୟ ଯୋଗଦେଇଥିଲେ। ବୈଠକର ମୂଳ ଉଦ୍ଦେଶ୍ୟ ଥିଲା ରଥଯାତ୍ରା ସମୟରେ ଶ୍ରୀମନ୍ଦିର ପରିସର,




ବଡଦାଣ୍ଡ ଓ ସମଗ୍ର ପୁରୀ ସହରରେ ଭିଡ଼ ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, ଯାତାୟାତ ପରିଚାଳନା, ଭକ୍ତମାନଙ୍କ ସୁବିଧା ଏବଂ ଆପତ୍କାଳୀନ ସହାୟତା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା। ବୈଠକରେ ବିଭନ୍ନ ମୁଖ୍ୟ ବିଷୟ ଉପରେ ଗଭୀର ଆଲୋଚନା ହୋଇଥିଲାୟ ବିଶେଷ କରି ରଥଯାତ୍ରା ସମୟରେ ବହୁ ସଂଖ୍ୟକ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଶୃଙ୍ଖଳିତ ଦର୍ଶନ, ଭିଡ଼ ନିୟନ୍ତ୍ରଣ, ଯାତାୟାତ ସୁଚାରୁ ପରିଚାଳନା ଏବଂ ସମସ୍ତ ବ୍ୟବସ୍ଥାକୁ ଏକ ସମନ୍ୱିତ ପ୍ରୟାସ ମାଧ୍ୟମରେ ସଫଳ କରିବା ନେଇ ଆଲୋଚନା କରାଯାଇଥିଲା। ଏହି ସମନ୍ୱୟ ବୈଠକ ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ସିଟି ଡ଼ିଏସପି ଶ୍ରୀ ରଶ୍ମିରଞ୍ଜନ ମହାପାତ୍ର, ଟାଉନ ଥାନା ଅଧିକାରୀ ଶ୍ରୀ ଗୋକୁଳ ରଞ୍ଜନ ଦାସ ଟ୍ରାଫିକ ଥାନା ଅଧିକାରୀ ଶ୍ରୀମତୀ ସଙ୍ଗୀତା ଦାସ, ସିଂହଦ୍ୱାର ଥାନା ଅଧିକାରୀ ଶ୍ରୀମତୀ ଶ୍ୱେତପଦ୍ମା ଦାସ ଏବଂ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ପୁରୀ ଏସ୍ପି ଶ୍ରୀ ପ୍ରତୀକ ସିଂ ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ରଥଯାତ୍ରା କେବଳ ପୁରୀର ନୁହେଁ, ସମଗ୍ର ବିଶ୍ୱର କୋଟି କୋଟି ଜଗନ୍ନାଥପ୍ରେମୀଙ୍କ ଆସ୍ଥା ଓ ଭକ୍ତିର ମହାପର୍ବ। ଏହି ବିଶାଳ ଆୟୋଜନକୁ ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ କରିବା ପାଇଁ ପୋଲିସ, ପ୍ରଶାସନ, ସେବାୟତ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ସମ୍ମିଳିତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ସେ ଆହୁରି କହିଥିଲେ ଯେ, ପୁରୀ ପୋଲିସ ପକ୍ଷରୁ ରଥଯାତ୍ରା ପାଇଁ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା, ଟ୍ରାଫିକ ମ୍ୟାନେଜମେଣ୍ଟ, ଆପତ୍କାଳୀନ ସହାୟତା ଓ ଭକ୍ତମାନଙ୍କ ସୁବିଧା ପାଇଁ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯାଇଛି। ସମସ୍ତଙ୍କ ସହଯୋଗ ରହିଲେ ଏହି ମହାପର୍ବକୁ ଆହୁରି ସଫଳ ଭାବେ ପରିଚାଳନା କରାଯାଇପାରିବ ।ଉପସ୍ଥିତ ମୁରବି ଓ ସେବାୟତମାନେ ପୁରୀ ପୋଲିସର ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ ଏବଂ ରଥଯାତ୍ରା ସମୟରେ ପୁରୀ ପୋଲିସ ଓ ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ଆଶ୍ୱାସନା ଦେଇଥିଲେ।

# ରାଜକନ୍ୟା ଶାନ୍ତା ଓ ଶୃଙ୍ଗୀ ଋଷିଙ୍କ କଥା



ପୌରାଣିକ କଥାବସ୍ତୁ ଅନୁସାରେ ବାଲ୍ମିକୀ ରାମାୟଣ, ରାମଚରିତ ମାନସ, ଆଧାତ୍ମ ରାମାୟଣ ଏବଂ ଆନନ୍ଦ ରାମାୟଣ ସଂପର୍କରେ ବିଭିନ୍ନ ସମୟରେ ଶ୍ରଦ୍ଧାଳୁମାନେ ଚର୍ଚ୍ଚା କରିଥାନ୍ତି। ଏହିସବୁ ରାମାୟଣକୁ ଅଧ୍ୟୟନ କଲେ ପ୍ରଭୁ ଶ୍ରୀରାମଙ୍କ ସହ ଜଡ଼ିତ ଅନେକ ତଥ୍ୟର ସୂଚନା ମିଳେ। ଦକ୍ଷିଣ ଭାରତର ରାମାୟଣ ଗ୍ରନ୍ଥ ଅନୁସାରେ ପ୍ରଭୁ ଶ୍ରୀରାମଙ୍କ ଭଗ୍ନୀଙ୍କ ନାମା ଥିଲା ଶାନ୍ତା, ଯିଏ ଚାରିଭାଇ ରାମ, ଲକ୍ଷ୍ମଣ, ଭରତ ଏବଂ ଶତ୍ରୁଘ୍ନଙ୍କଠାରୁ ବଡ଼ ଥିଲେ। ରାଜକୁମାରୀ ଶାନ୍ତା ରାଜା ଦଶରଥ ଏବଂ କୌଶଲ୍ୟାଙ୍କ କନ୍ୟା ଥିଲେ। ତେବେ ଶାନ୍ତା ଜନ୍ମ ହେବାର କିଛି ବର୍ଷ ପରେ ଅଙ୍ଗଦେଶର ରାଜା ରୋମାପାଦ ନିଃସନ୍ତାନ ଥିବାରୁ ରାଜା ଦଶରଥଙ୍କଠାରୁ ତାଙ୍କ କନ୍ୟା ଶାନ୍ତାଙ୍କୁ ପାଳିତ କନ୍ୟାଭାବେ ଗ୍ରହଣ କଲେ। ପ୍ରଭୁ ଶ୍ରୀରାମଙ୍କ ଜ୍ୟୋଷ୍ଠା ଭଗ୍ନି ଶାନ୍ତାଙ୍କ ପାଳନ, ପୋଷଣ ରାଜା ରୋମପାଦ ଏବଂ ତାଙ୍କ ପତ୍ନୀ ବର୍ଷିଣୀଙ୍କ ଦ୍ୱାରା ସମାପିତ ହେଉଥିଲା। ରାଣୀ ବର୍ଷିଣୀ ମହାରାଣୀ କୌଶଲ୍ୟାଙ୍କ ଭଗ୍ନୀ ଏବଂ ପ୍ରଭୁ ଶ୍ରୀରାମଙ୍କ ମାଉସୀ ଥିଲେ। ଏ ସଂପର୍କରେ ତିନୋଟି କଥା ଶୁଣିବାକୁ ମିଳେ। ପ୍ରଥମ କଥାଟି ହେଉଛି : ରାଣୀ ବର୍ଷିଣୀ ନିଃସନ୍ତାନ ଥିଲେ ଏବଂ ଥରେ ଅଯୋଧ୍ୟା ଆଗମନ ବେଳେ ଖୁସି ଖୁସିରେ ଶିଶୁ କନ୍ୟା ଶାନ୍ତାଙ୍କୁ ମାଗିଥିଲେ। ରାଜା ଦଶରଥ ଏଥିରେ ସ୍ୱୀକାରୋକ୍ତ ପ୍ରଦାନ କରିଥିଲେ। ତେବେ ରଘୁକୁଳକୁ ଦିଆଯାଇଥିବା ବଚନ ଅନୁସାରେ ଶାନ୍ତା ଅଙ୍ଗଦେଶର ରାଜକୁମାରୀ ହେଲେ। ରାଜକୁମାରୀ ଶାନ୍ତା ବେଦ, କଳା, ଶିଳ୍ପରେ ପାରଙ୍ଗମ ଥିଲେ ଏବଂ ଅତ୍ୟଧିକ ସୁନ୍ଦରୀ ମଧ୍ୟ ଥିଲେ। ଦ୍ୱିତୀୟ ଲୋକକଥା ଅନୁସାରେ ଶାନ୍ତା ଯେତେବେଳେ ଜନ୍ମହେଲେ ଅଯୋଧ୍ୟାରେ ଅକାଳ ପଡ଼ିଲା। ୧୨ ବର୍ଷ ପର୍ଯ୍ୟନ୍ତ ଧରିତ୍ରୀ ଶୁଷ୍କ ରହିଲା। ବୁଦ୍ଧିଜୀବୀମାନେ ରାଜାଙ୍କୁ ପରାମର୍ଶ ଦେଲେ ଯେ, ଶାନ୍ତାଙ୍କ କାରଣରୁ ରାଜ୍ୟରେ ଅକାଳ ସୃଷ୍ଟି ହୋଇଛି। ଏହି ଅକାଳ ଦୂର କରିବା ପାଇଁ ରାଜା ଦଶରଥ ନିଜ ପୁତ୍ରୀ ଶାନ୍ତାଙ୍କୁ ବର୍ଷିଣୀଙ୍କୁ ଦାନ କଲେ। ଏହା ପରଠାରୁ ଶାନ୍ତା କେବେ ଅଯୋଧ୍ୟା ଆସି ନାହାନ୍ତି। କୁହାଯାଏ ଯେ, ଶାନ୍ତାଙ୍କୁ ଅଯୋଧ୍ୟାକୁ ଡ଼ାକିବା ପାଇଁ ରାଜା ଦଶରଥ ଡ଼ରୁଥିଲେ କାରଣ ପୁଣି ରାଜ୍ୟରେ ଯେପରି ଅକାଳ ପଡ଼ି ନ ଯାଏ। ତୃତୀୟ ତଥା ଅନ୍ତିମ ମତାନୁସାରେ କିଛିଲୋକ ସ୍ୱୀକାର କରନ୍ତି ଯେ, ଶାନ୍ତା କନ୍ୟା ହୋଇଥିବାରୁ ତାଙ୍କର ଉତ୍ତରାଧିକାରୀ ହୋଇପାରିବେ ନାହିଁ, ଏହାକୁ ଦୃଷ୍ଟିରେ ରଖି ରାଜା ଦଶରଥ ନିଜ କନ୍ୟା ଶାନ୍ତାଙ୍କୁ ରାଜା ରୋମପାଦଙ୍କ ପୋଷ୍ୟ କନ୍ୟା ଭାବେ ପ୍ରଦାନ କଲେ। ମହର୍ଷି ବିଭାଣ୍ଡକ ଋଷିଙ୍କ ପୁତ୍ର ଶୃଙ୍ଗୀଙ୍କ ସହ ରାଜାକୁମାରୀ ଶାନ୍ତାଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ଦିନେ ଋଷି ବିଭାଣ୍ଡକ ନଦୀରେ ସ୍ନାନ କରୁଥିବା ସମୟରେ ସ୍ୱର୍ଗର ଅପ୍ସରାଙ୍କୁ ଦେଖି ତାଙ୍କର ରେତପାତ ହେଲା। ଏହି ରେତଯୁକ୍ତ ଜଳକୁ ହରିଣ ପିଇଦେଲା। ଯାହାର ଫଳସ୍ୱରୂପ ଶୃଙ୍ଗୀ ଋଷିଙ୍କ ଜନ୍ମ ହେଲା। ଥରେ ଜଣେ ବ୍ରାହ୍ମଣ ନିଜ କ୍ଷେତରେ ଫସଲ ଉତ୍ପାଦନ ପାଇଁ ସାହାଯ୍ୟ ମାଗିବାକୁ ରାଜା ରୋମପାଦଙ୍କ ନିକଟକୁ ଗଲା। ତେବେ ରାଜା ବ୍ରାହ୍ମଣଙ୍କ କଥାକୁ ଧ୍ୟାନ ଦେଲେ ନାହିଁ। ଏପଟେ ନିଜ ଭକ୍ତର ଅପମାନରେ କ୍ରୋଧିତ ହୋଇ ଦେବରାଜ ଇନ୍ଦ୍ର ବର୍ଷା କରାଇଲେ ନାହିଁ। ଫଳରେ ଅଙ୍ଗଦେଶରେ ମରୁଡ଼ି ପଡ଼ିଲା। ଏହାର ପ୍ରତିକାର ପାଇଁ ରାଜା ରୋମପାଦ ଶୃଙ୍ଗି ଋଷିଙ୍କୁ ଡ଼କାଇ ଏକ ଯଜ୍ଞର ଆୟୋଜନ କଲେ। ଯଜ୍ଞ ସମାପ୍ତି ହେବା ପରେ ପ୍ରବଳ ବର୍ଷା ହେଲା ଏବଂ ରାଜ୍ୟବାସୀ ଚାଷବାସ କରି ଖୁସିରେ ରହିଲେ। ଅଙ୍ଗଦେଶରେ ଉତ୍ସବର ବାତାବରଣ ସୃଷ୍ଟି ହେଲା। ତେବେ ଶୃଙ୍ଗି ଋଷିଙ୍କ ଯଜ୍ଞ ସଫଳ ହେବା ପରେ ରାଜା ରୋମପାଦ ଏବଂ ରାଣୀ ବର୍ଷିଣୀ ନିଜର ପାଳିତା କନ୍ୟା ଶାନ୍ତାଙ୍କୁ ଋଷି ଶୃଙ୍ଗିଙ୍କ ସହ ବିବାହ କରିବାର ନିଷ୍ପତ୍ତି ନେଲେ।

## ଘରର ମାର୍ବଲ୍ ଚଟାଣ କଳା ପଡୁଥିଲେ, ଆପଣାନ୍ତୁ ଏସବୁ ଉପାୟ



ଘର ତିଆରି ସମୟରେ ସମସ୍ତେ ମାର୍ବଲ କିମ୍ବା ଟାଇଲ ପକାଇବାକୁ ପସନ୍ଦ କରୁଛନ୍ତି । ଏଥିପାଇଁ ଅନେକ ଟଙ୍କା ଖର୍ଚ୍ଚ ମଧ୍ୟ କରୁଛନ୍ତି। ଚଟାଣରେ ପଡିଥିବା ସୁନ୍ଦର ସୁନ୍ଦରର ମାର୍ବଲ ଘରର ସୌନ୍ଦର୍ଯ୍ୟକୁ ଆହୁରି ବି ବଢାଇଦିଏ । ଏହାସହ ନିୟମିତ ବ୍ୟବଧାନରେ ଏହାକୁ ସଫା ନକଲେ, ଏହା ହଳଦିଆ ଓ କଳା ପଡିଯାଇଥାଏ । ଯାହା କି ଅସୁନ୍ଦର ଦେଖାଦେଇଥାଏ। ତେବେ ଏଥିପାଇଁ ଯଦି ଆପଣ ଚିନ୍ତା କରୁଛନ୍ତି, ତେବେ ଆମେ ଆଜି ଆପଣଙ୍କୁ ମାର୍ବଲ ଚଟାଣ ସଫା କରିବା ପାଇଁ କିଛି ଟିପ୍ସ କହିବୁ । ଯାହାକୁ ପ୍ରୟୋଗ କରିବା ପରେ ଆପଣଙ୍କ ଘରର ମାର୍ବଲ ପୂର୍ବ ପରି ଚକଚକ୍ କରିପାରିବେ।

ଆସନ୍ତୁ ଜାଣିବା ମାର୍ବଲ୍ ସଫା କରିବା ପାଇଁ କିଛି ଘରୋଇ ଟିପ୍ସ ।

ପ୍ରତ୍ୟେକ ଦିନ ଗରମ ପାଣିରେ ମାର୍ବଲ ଚଟାଣକୁ ପୋଛା ଲଗାନ୍ତୁ । ଏହାଦ୍ୱାରା ମାର୍ବଲ ଉପରେ ଜମିଥିବା ମଇଳା ସଫା ହୋଇଯିବ ।

ଡାର୍ବଲ ସଫା କରିବା ସମୟରେ ଯଦି କୌଣସି କ୍ଲିନର ବ୍ୟବହାର କରୁଥିଲେ ଏହାର ପିଏଚ ସାତରୁ ଅଧିକ ରଖନ୍ତୁ ନାହିଁ।

ଭିନେଗାର କିମ୍ବା ଲେମ୍ବୁ ଭଳି ଅମ୍ଳ ଜାତୀୟ ଜିନିଷ ବ୍ୟବହାର କରି ମାର୍ବଲ କେବେ ବି ସଫା କରରନ୍ତୁ ନାହିଁ । ଏହାଦ୍ୱାରା ଚଟାଣରେ ଦାଗ ପଡିଯାଏ ।

ଚଟାଣରେ ଲାଗିଥିବା ଅପରିଷ୍କାର ଜିନିଷକୁ ନରମ କପଡା କିମ୍ବା ସ୍ପଞ୍ଜ ସହାୟତାରେ ସଫା କରନ୍ତୁ । ମାର୍ବଲ ପଥର ବହୁତ ନରମ ହୋଇଥାଏ ।

ରୁହା ବ୍ରସ ସହାୟତାରେ ଏହାକୁ ସଫା କଲେ ମାର୍ବଲ ଉପରେ ଦାଗ ପଡିପାରେ କିମ୍ବା ଆବଡା ଖାବଡା ହୋଇପାରେ ।

ଖାଇବା ସୋଡା ବ୍ୟବହାର କରି ମାର୍ବଲ ଚଟାଣକୁ ସହଜରେ ସଫା କରିପାରିବେ । ଏପରି କଲେ ସହଜରେ ମାର୍ବଲରୁ ଦାଗ ଛାଡିଯାଏ ।

## ରୋଷେଇ ଘରୁ ଦୁର୍ଗନ୍ଧ ଆସୁଛି କି ?

ରୋଷେଇ ଘରକୁ ସବୁବେଳେ ସଫାସୁତୁରା ରଖିବା ଉଚିତ୍ । କାରଣ ରୋଷଇ ଘରେ ଜୀବାଣୁ ବ୍ୟାପିଲେ ଏହା ଆମ ଖାଦ୍ୟରେ ମିଶି ଆମ ପେଟ ଭିତରକୁ ଯାଇଥାଏ । ବେଳେ ବେଳେ ଦେଖାଯାଏ ଯେ ରୋଷେଇ ଘର ଯେତେ ସଫା ରଖିଲେ ବି ସେଠାରୁ ଦୁର୍ଗନ୍ଧ ବାହାରିଥାଏ । ରୋଷେଇ ଘରେ ପଶିବା ମାତ୍ରେ ଏ ଗନ୍ଧ ସିଧା ନାକରେ ଆସି ପଶିଯାଏ । ଏହାର କାରଣ ହେଉଛି ଆପଣଙ୍କ କିଚେନର ବେସିନର ଦୁର୍ଗନ୍ଧ,ଯାହାକୁ ନେଇ ଅଧିକାଂଶ ମହିଳା ବହୁ ଚିନ୍ତିତ ରୁହନ୍ତି । ଯଦି ଆପଣବି ବେସିନରୁ ଆସୁଥିବା ଏହି ଗନ୍ଧକୁ ନେଇ ଚିନ୍ତିତ,ତେବେ ଆଜି ଆମେ ଆପଣଙ୍କୁ ଏହାର ସମାଧାନ ପାଇଁ କିଛି ଘରୋଇ ଟିପ୍ସ ଦେବୁ ।

ଲୁଣ: ରୋଷେଇଘର ବେସିନରେ ଧୋଇବା ଫଳରେ ବାସନରେ ଲାଗି ରହିଥିବାା ଖାଦ୍ୟ ପଡି ବେସିନ୍ ଜାମ୍ ହୋଇଯାଏ । ତେଣୁ ଏଥିରୁ ଦୁର୍ଗନ୍ଧ ବାହାରେ । ଆପଣ ବାସନ ସଫା କରିସାରିଲା ପରେ ବେସିନରେ ଲୁଣ ପକାଇ ବ୍ରଶ୍ ମାଧ୍ୟମରେ ଭଲରେ ସଫା କରନ୍ତୁ । ଏହା କଲେ ଦୁର୍ଗନ୍ଧ ଦୂର ହେବା ସହ ଜୀବାଣୁ ବ୍ୟାପିବା ଆଶଙ୍କା କମ୍ ହୋଇଥାଏ ।

ଲେମ୍ବୁ: ବେସିନର ଗନ୍ଧକୁ ଦୂର କରିବାକୁ ହେଲେ ଆପଣଙ୍କୁ ଲେମ୍ବୁ ଓ ଲୁଣରେ ଏକ ପେଷ୍ଟ ପ୍ରସ୍ତୁତ କରିବାକୁ ପଡିବ । ଏହି ପେଷ୍ଟରେ ବେସିନକୁ ବ୍ରସ୍ ସାହାଯ୍ୟରେ ଭଲ ଭାବେ ସଫା କରନ୍ତୁ । ଏପରି କରିବା ଦ୍ୱାରା ବେସିନ ସଫା ହୋଇ ଚମକିବା ସହ ଗନ୍ଧ ମଧ୍ୟ ଦୂର ହୋଇଯିବ ।

କଳା ଭିନେଗାର: ଯେପରି ବାସନ ଧୋଇବା ଜରୁରୀ ହୋଇଥାଏ, ସେହିପରି ବେସିନ୍ ସଫା କରିବା ମଧ୍ୟ ଜରୁରୀ ହୋଇଥାଏ । ବେସିନ ସଫା କଲା ସମୟରେ ଆପଣ କଳା ଭିନେଗାରର ବ୍ୟବହାର କରିପାରିବେ । ବାସନ ଧୋଇଲା ପରେ ଭିନେଗାର ଦ୍ୱାରା ବେସିନ ଚାରିପାଖ ବ୍ରସ ଦ୍ୱାରା ସଫା କଲେ ବେସିନର ଦୁର୍ଗନ୍ଧ ଦୂର ହେବା ସହ ପରିଷ୍କାର ହୋଇ ଚିକ୍ ଚିକ୍ ଦେଖାଯାଏ ।



ବେକିଂ ସୋଡା: ନିଜ ବେସିନକୁ ଚମକାଇବା ପାଇଁ ଆପଣ ବେକିଂ ସୋଡାର ବ୍ୟବହାର କରିପାରିବେ। ଏଥିପାଇଁ ଆପଣ ବେସିନରେ ବେକିଂ ସୋଡା ପକାଇ ୫ମିନିଟ୍ ଛାଡି ଦେବେ । ଏହାପରେ ସ୍କ୍ରବ ଦ୍ୱାରା ରଗଡିକି ସଫା କରିବା ଉଚିତ୍ । ଏହାଫଳରେ ବେସିନ୍ ପୂରାପୂରି ସଫା ହେବା ସହ ଏଥିରୁ ଆସୁଥିବା ଦୁର୍ଗନ୍ଧ ମଧ୍ୟ ଦୂର ହୋଇଥାଏ ।

# ଦିଲ୍ଲୀର ୬ଟି ଦର୍ଶନୀୟ ସ୍ଥାନ



ବ୍ୟସ୍ତବହୁଳ ଜୀବନ ଭିତରେ ମଣିଷ ନିଜର ଅବସର ସମୟର ସଦୁପଯୋଗ କରିବାକୁ ବିଭିନ୍ନ ପ୍ରକାରର ଯୋଜନା କରିଥାଏ। କିଛି ଲୋକ ବିଭିନ୍ନ ସ୍ଥାନ ପରିଭ୍ରମଣ କରିବା ସହ ସେଠାକାର ସଂସ୍କୃତି ପରମ୍ପରା ଜାଣିବାକୁ ଚେଷ୍ଟା କରିଥାନ୍ତି। ଆଉ କିଛି ଲୋକ ନୂଆ ନୂଆ ଖାଦ୍ୟ ଖାଇବା ସହ ଅନ୍ୟ ସମ୍ପ୍ରଦାୟର ଚଳଣୀ ବିଷୟରେ ଜାଣିବାକୁ ଆଗ୍ରହୀ ରହିଥାନ୍ତି। ତେବେ ଆପଣ ଯଦି ଭାରତର ରାଜଧାନୀ ଦିଲ୍ଲୀ ବୁଲିବାକୁ ଚାହୁଁଛନ୍ତି ତେବେ ଆଜି ଆମେ ଦିଲ୍ଲୀରେ ଥିବା କେତେକ ପର୍ଯ୍ୟଟନ ସ୍ଥଳୀ ସମ୍ପର୍କରେ ତଥ୍ୟ ନିମ୍ନରେ ଦେଉଛୁ। ଦିଲ୍ଲୀ ଏକ ଏପରି ପର୍ଯ୍ୟଟନ ସ୍ଥଳୀ ଯେଉଁଠି କି ଥରେ ଗଲେ ଆସିବାକୁ ଇଚ୍ଛା ହୁଏ ନାହିଁ। ଏହାର କାରଣ ହେଉଛି ଦିଲ୍ଲୀରେ ରାଜାମାନଙ୍କ ଅମଳରୁ ରହିଥିବା ବିଭିନ୍ନ କଳା ସ୍ଥାପତ୍ୟର ଯାଦୁ।

ଦିଲ୍ଲୀରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ମଧ୍ୟରୁ ଇଣ୍ଡିଆ ଗେଟ୍, ଚାନ୍ଦିନ ଚୌକ, ଲାଲକିଲ୍ଲା, ଅକ୍ଷର ଧାମ, ଲୋଦି ଗାର୍ଡ଼େନ, ହୁମାୟନଙ୍କ ମକ୍‌ବରା ଅନ୍ୟତମ।

ଇଣ୍ଡିଆ ଗେଟ: ଏହା ସହିଦମାନଙ୍କର ସମାଧି ପୀଠ ଭାବେ ପରିଚିତ। ଇଣ୍ଡିଆ ଗେଟର ପଥରରେ ଯବାନମାନଙ୍କ ନାମ ଉଲ୍ଲେଖ ରହିଛି। ସବୁଠାରୁ ବଡ଼ ଆକର୍ଷଣ ହେଉଛି ଇଣ୍ଡିଆ ଗେଟ ମଝିରେ ଅମର ଜ୍ୟୋତି ଅହରହ ଜଳୁଥାଏ। ଏହାର ଆଖପାଖରେ ଅନେକ ପାର୍କ ରହିଛି। ସନ୍ଧ୍ୟା ସମୟରେ ଏହାର ଦୃଶ୍ୟ ବେଶ ମନଲୋଭା।

ଚାନ୍ଦିନିଚୌକ: ଏହି ନାମ ଆପଣ ଆଗରୁ ଅନେକ ଥର ସିନେମାରେ ଶୁଣିଥିବେ। ଏହା ଭାରତର ସବୁଠାରୁ ପୁରୁଣା ବ୍ୟବସାୟିକ ବଜାର ରୂପେ ବେଶ ପ୍ରଖ୍ୟାତ । ବିଷେଶ କରି ମହିଳା ମାନଙ୍କ ପ୍ରସାଧନ ସାମଗ୍ରୀ ସୁଲଭ ମୂଲ୍ୟରେ ମିଳେ। ଏହାର ପରିକଳ୍ପନା ସାହାଜାହାନଙ୍କ କନ୍ୟା ଜାହାନଆରା କରିଥିଲେ।

ଲାଲକିଲ୍ଲା: ସାହାଜାହାନଙ୍କ ଦ୍ୱାରା ତିଆରି ହୋଇଥିବା ଲାଲକିଲ୍ଲା ସହର ମଧ୍ୟ ଭାଗରେ ଅବସ୍ଥିତ। ଏଠାରେ ଭାରତର ପ୍ରଧାନମନ୍ତ୍ରୀ ପ୍ରତିବର୍ଷ ୧୫ ଅଗଷ୍ଟରେ ଭାରତବାସୀଙ୍କୁ ସମ୍ବୋଧିତ କରିଥାନ୍ତି। ଏହାର ପ୍ରତ୍ୟେକ କୋଠାକୁ ମେହଲ କୁହାଯାଏ। ପୂର୍ବରୁ ଲାଗିଥିବା ହୀରା ,ମୋତି, ମାଣିକ୍ୟ ସହ ମୂଲ୍ୟବାନ ପଥର ଇଂରେଜମାନେ ଲୁଟି ନେଇଛନ୍ତି।

ଅକ୍ଷର ଧାମ : ଏହାର ଅର୍ଥ ଭଗବାନଙ୍କ ଘର । ଏଠାରେ ଏକ ଫାଉଣ୍ଡେସନ ସୋ ହୋଇଥାଏ । ଯେଉଁଥିରେ ମନୁଷ୍ୟ ଜନ୍ମ ହେବା ଠାରୁ ଆରମ୍ଭ କରି ମୃତ୍ୟୁ ପର୍ଯ୍ୟନ୍ତ ପାଣି ଏବଂ ଲାଇଟରେ ପ୍ରଦର୍ଶିତ ହୋଇଥାଏ।

ଲୋଦି ଗାର୍ଡ଼େନ: ୯୦ ଏକର ଜମିରେ ନିର୍ମିତ ହୋଇଛି ଗାର୍ଡ଼େନ, ଯେଉଁଠି ଲୋଦି ବଂଶର ବିଭିନ୍ନ ସ୍ମାରକୀ ଦେଖିବବାକୁ ମିଳେ।

ହୁମାୟୁନଙ୍କ ମକବରା: ଏଠାରେ ମୋଗଲ ହୁମାୟନଙ୍କ ସହ ଅନ୍ୟ ଶାସକଙ୍କ ସମାଧି ରହିଛି। ମକବରା ଗୋଟିଏ ସ୍ଥାନ ଯେଉଁଠି ନାଲି ପଥରରେ ବିଶାଳକାୟ କାରୁକାର୍ଯ୍ୟ ତିଆରି ହୋଇଥାଏ। ଦିଲ୍ଲୀରେ ବିଭିନ୍ନ ପ୍ରକାର ଖାଦ୍ୟ ମିଳିଥାଏ । ଆପଣ ନିଜ ଅନୁଶାରେ ରୁଚିକର ଖାଦ୍ୟ ଗ୍ରହଣ କରିପାରିବେ।

## ଟ୍ରେଣ୍ଡି ରଫଲ ଲେହେଙ୍ଗା

ସାଧାରଣତଃ ପୋଷାକର କିଛି କିଛି ସ୍ଥାନରେ କପଡ଼ା କୁଞ୍ଚ କୁଞ୍ଚ ହୋଇ ଝୁଲିକି ରହିବାର ଷ୍ଟାଇଲକୁ ରଫଲ କୁହାଯାଇଥାଏ। ଆଉଟଫିଟ୍ ଯେତେ ସିମ୍ପଲ ହେଉନା କାହିଁକି ରଫଲ ଦ୍ୱାରା ସେଥିରେ ଗ୍ଲାମର ଟଚ୍ ଆସିଥାଏ।



ସେଥିପାଇଁ ତ ଏବେ ରଫଲ ଆଉଟଫିଟର ଟ୍ରେଣ୍ଡ ଖୁବ ଚାଲିଛି। ଟପ୍ସଠାରୁ ଆରମ୍ଭ କରି ଶାଢି , ଡ୍ରେସ , ସ୍କର୍ଟ ଏପରି ଏକ ଲେହେଙ୍ଗାରେ ବି ରଫଲ ଷ୍ଟାଇଲକୁ ଅନୁକରଣ କରାଯାଉଥିବା ଦେଖିବାକୁ ମିଳୁଛି। ଏଠାରେ ସେମିତି କିଛି ଟ୍ରେଣ୍ଡି ରଫଲ ଲେହେଙ୍ଗା ସମ୍ପର୍କରେ।

ରଫଲ ଆର୍ଟ ସିଲ୍କ ରେଡ଼ ଲେହେଙ୍ଗା: ଏହାକୁ ଫ୍ୟାଶନ ଏକ୍ସପର୍ଟମାନେ ନ୍ୟୁ ଏଜ ଲେହେଙ୍ଗା ବୋଲି ମଧ୍ୟ କହିଥାନ୍ତି। ଏହି ଲେହେଙ୍ଗାର ଆକର୍ଷଣୀୟ ରଙ୍ଗ ସାଙ୍ଗକୁ ମଲ୍ଟି ଲେୟାର ଡ଼ିଜାଇନ ପାର୍ଟି ଲୁକ ପାଇଁ ପୂରା ପରଫେକ୍ଟ ଲାଗେ। ତେବେ ଏହି ଲେହେଙ୍ଗାର ରଙ୍ଗ ରେଡ଼ ବା ନାଲି ହୋଇଥିବାରୁ ତା' ସହିତ ମ୍ୟାଚିଂ କରି ନାଲି ରଙ୍ଗର ହାଇ ହିଲ ପିନ୍ଧିଲେ ଲୁକ ମଡ଼ର୍ନ ଲାଗିଥାଏ।

ଲେହେଙ୍ଗା ଉଇଥ ରଫଲ ଦୁପଟ୍ଟା: ମିକ୍ସ ଆଣ୍ଡ ମ୍ୟାଚ ପାର୍ଟନ ଆଉଟଫିଟରେ ବି ଚଳଣି ଏବେ ଖୁବ ଚାଲିଛି। ତେଣୁ ଆଜିକାଲି ଦେଖିବାକୁ ମିଳିଛି କେତେକ ଲେହେଙ୍ଗାର କେବଳ ଦୁପଟ୍ଟା ବା ଓଢଣୀରେ ରଫଲ କାମ ହୋଇ ଆସୁଛି , ଯାହାକୁ ପାର୍ଟି , ଫଙ୍କସନ ଏପରି କି ପର୍ବପର୍ବାଣିରେ ମଧ୍ୟ ପିନ୍ଧି ହେବ। ହେହେତୁ ଏହି ଲେହେଙ୍ଗାର କେବଳ ଦୁପଟ୍ଟାରେ ରଫଲ କାମ ହୋଇଥାଏ, ତେଣୁ ଏହାକୁ ମ୍ୟାଚିଂ କରି ରଫଲ ଜୁଏଲେରୀ ପିନ୍ଧିଲେ ଷ୍ଟାଇଲ ବାଲାନ୍ସ ଲାଗିଥାଏ।

ରଫଲ ଏମ୍ବ୍ରୋଡ଼ୋରୀ ଲେହେଙ୍ଗା ଚୋଲି: ଏମ୍ବ୍ରୋଡ଼ୋରୀ କାମ ହୋଇଥିବା ଆଉଟଫିଟ ସବୁବେଳେ ଆକର୍ଷଣୀୟ ଲାଗିଥାଏ। ଆଉ ଯେଉଁ ଲେହେଙ୍ଗାରେ ଏମ୍ବ୍ରୋଡ଼ୋରୀ ସାଙ୍ଗକୁ ରଫଲ ଡ଼ିଜାଇନର ବ୍ୟବହାର ହୋଇଥିବ , ତାହା ଯେ କେତେ ସୁନ୍ଦର ଦେଖାଯାଉ ନଥିବା ଥରେ ଚିନ୍ତା କରନ୍ତୁ ନା। ତା'ହେଲେ ଆଉ ଡ଼େରି କାହିଁକି ଏ ଷ୍ଟାଇଲର ଲେହେଙ୍ଗାକୁ କିଣି ଗ୍ଲାମର୍ସ ଲୁକ ପାଇବାକୁ ପ୍ରସ୍ତୁ ତ ହୋଇ ଯାଆନ୍ତୁ ନା। ତେବେ ଏହି ଲେହେଙ୍ଗା ସହ ହାଲକା ଜୁଏଲାରୀ ପିନ୍ଧିଲେ ସୋବର ଲୁକ ମିଳିଥାଏ।

ଷ୍ଟୋନ ୱାର୍କ ରଫଲ ଲେହେଙ୍ଗା: ଏ ଧରଣର ଲେହେଙ୍ଗାରେ ଯେଉଁ ଯେଉଁ ସ୍ଥାନରେ ରଫଲର ବ୍ୟବହାର କରାଯାଇଥାଏ, ଠିକ ସେହି ସ୍ଥାନରେ ଗୋଟିଏ ଗୋଟିଏ ଷ୍ଟୋନ ଲାଗିବା ସହ ଲେହେଙ୍ଗାରେ ବ୍ଲାଉଜ ଓ ଦୁପଟ୍ଟାରେ ବି ଷ୍ଟୋନ କାମ ହୋଇଥାଏ। ଖାସ କରି ନାଇଟ ପାର୍ଟିର ଏହାକୁ ପିନ୍ଧିଲେ ରଙ୍ଗିନ ଆଲୋକରେ ଏହା ଖୁବ ଗର୍ଜିୟସ ଲାଗିଥାଏ। ତା'ଛଡ଼ା ଏହି ଲେହେଙ୍ଗାରେ ଷ୍ଟୋନ କାମ ହୋଇଥିବାରୁ ଏହା ସହିତ ଷ୍ଟୋନ ଜୁଏଲାରୀ ପିନ୍ଧିଲେ ହିଁ ଭଲ ମାନେ। ରୟାଲ ବ୍ଲୁ ଏମ୍ବ୍ରୋଡ଼ୋରୀ ରଫଲ

# ୪ ମ୍ୟାଚରୁ ୩ ପରାଜୟ : ୨ୟ ଟି-୨୦ରେ ହାରିଲା ଭାରତ

ମ୍ୟାଞ୍ଚେଷ୍ଟର,୫।୭(ଏଜେନ୍ସି): ମ୍ୟାଞ୍ଚେଷ୍ଟରରେ ଖେଳାଯାଇଥିବା ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ଭାରତକୁ ୪ ୱିକେଟ୍‌ରେ ପରାସ୍ତ କରିଛି ଘରୋଇ ଇଂଲଣ୍ଡ ଦଳ। ଷ୍ଟାର୍ ବ୍ୟାଟର ଜ୍ୟାକବ ବେଥେଲଙ୍କ ବିସ୍ଫୋରକ ଅର୍ଦ୍ଧଶତକୀୟ ଇନିଂସ ଆଗରେ ଫିକା ପଡ଼ିଯାଇଛି ଭାରତୀୟ ବୋଲିଂ ବାହିନୀ। ପ୍ରଥମେ ବ୍ୟାଟିଂ କରି ଭାରତ ୧୯୦ ରନ୍‌ର ବଡ଼ ସ୍କର ଛିଡ଼ା କରିଥିଲେ ହେଁ, ଶେଷ ଓଭରରେ ଇଂଲଣ୍ଡ ଏହି ମ୍ୟାଚ୍‌କୁ ନିଜ ସପକ୍ଷରେ କରିନେଇଛି।

ଇଂଲଣ୍ଡର ବ୍ୟାଟିଂ ଆରମ୍ଭରୁ ହିଁ ଟିମ୍ ଇଣ୍ଡିଆର ଷ୍ଟାର୍ ପେସର ଅର୍ଶଦୀପ ସିଂ ପ୍ରଥମ ଓଭରରେ ଜୋସ୍ ବଟଲର ଓ ଫିଲ୍ ସଲ୍ଟଙ୍କୁ ଆଉଟ୍ କରି ଭାରତକୁ ବଡ଼ ସଫଳତା ଦେଇଥିଲେ। ମାତ୍ର ପ୍ରଥମ ଓଭରରୁ କ୍ରିଜ୍‌କୁ ଆସିଥିବା ଜ୍ୟାକବ ବେଥେଲ ଭାରତର ବିଜୟ ଆଶା ଫିକା କରିଥିଲେ। ଗୋଟିଏ ପଟେ ସେ ୩୩ ବଲ୍‌ରେ ୩୭ ରନ୍ କରିଥିବା ବେଳେ, ଶେଷ ୧୩ ବଲ୍‌ରେ ବିସ୍ଫୋରଣ ଘଟାଇ ଆଉ ୩୯ ରନ୍ ସଂଗ୍ରହ କରିଥିଲେ। ସେ ମୋଟ ୪୬ ବଲ୍‌ରୁ ୫ଟି ଚୌକା ଓ ୫ଟି ଛକା ସହାୟତାରେ ୭୬ ରନ୍‌ର ମ୍ୟାଚ୍ ବିଜେତା ଇନିଂସ ଖେଳିଥିଲେ।

ଶେଷ ୫ ଓଭରରେ ଇଂଲଣ୍ଡକୁ ଜିତିବା ପାଇଁ ୪୯ ରନ୍ ଆବଶ୍ୟକ ଥିଲା ଏବଂ ଭାରତୀୟ ଦଳ ମ୍ୟାଚ୍‌ରେ ଭଲ ସ୍ଥିତିରେ ଥିଲା। ମାତ୍ର ପାଳିର ୧୬ତମ ଓଭର ବୋଲିଂ କରିବାକୁ ଆସିଥିବା ସ୍ପିନର ରବି ବିଷ୍ଣୋଇ ସବୁକିଛି ବିଗାଡ଼ି ଦେଇଥିଲେ। ସେ ଏହି ଓଭରରେ ୨ଟି ନୋ-ବଲ୍ ସହ ମୋଟ ୯ଟି ବଲ୍ ପକାଇ ୨୯ ରନ୍ ବ୍ୟୟ କରିଥିଲେ, ଯେଉଁଥିରେ ୩ଟି ଛକା ଓ ଗୋଟିଏ ଚୌକା ସାମିଲ ଥିଲା। ଏହି ଓଭର ହିଁ ଭାରତ ହାତରୁ ମ୍ୟାଚ୍ ଛଡ଼ାଇ ନେଇଥିଲା। ବୋଲିଂରେ ଅର୍ଶଦୀପ ମଧ୍ୟ ଗୋଟିଏ ଓଭରରେ ୨୭ ରନ୍ ଦେଇ ଏକ ଅଲୋଡ଼ା ରେକର୍ଡ ନିଜ ନାମରେ କରିଛନ୍ତି।

ଏହି ମ୍ୟାଚ୍‌ରେ ଭାରତ ପାଇଁ ମାତ୍ର ୧୫ ବର୍ଷ ୯୯ ଦିନ ବୟସରେ ଡେବ୍ୟୁ କରି ଇତିହାସ ରଚିଥିବା ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ବ୍ୟାଟିଂରେ କିଛି ଖାସ୍ କମାଲ କରିପାରି ନାହାନ୍ତି। ସେ ମାତ୍ର ୧୦ ବଲ୍‌ରେ ୧୪ ରନ୍ କରି ଆଉଟ୍ ହୋଇଥିଲେ। ଅନ୍ୟପଟେ ୱିକେଟକିପର ବ୍ୟାଟର ଇଶାନ କିଶନ ୪୯ ରନ୍‌ର ସ୍କର କରିଥିଲେ ମଧ୍ୟ ଏଥିପାଇଁ ସେ ୪୦ଟି ବଲ୍ ଖେଳିଥିଲେ।

କ୍ରିଜ୍‌ରେ ସେଟ୍ ହେବା ପରେ ମଧ୍ୟ ସେ ଦ୍ରୁତ ଗତିରେ ରନ୍ ସଂଗ୍ରହ କରିପାରି ନଥିଲେ, ଯାହା ଯୋଗୁଁ ୧୪ ଓଭର ପରେ ଭାରତର ରନ୍ ଗତି କମିଯାଇଥିଲା ଏବଂ



ଦଳ ପରବର୍ତ୍ତୀ ୪ ଓଭରରେ ମାତ୍ର ୨୪ ରନ୍ ହିଁ କରିପାରିଥିଲା। ଏହି ଧିମା ବ୍ୟାଟିଂ କାରଣରୁ ଭାରତୀୟ ଦଳ ସ୍ପଷ୍ଟ ଭାବେ ୨୦୦ ରନ୍‌ର ସ୍କର ପାର୍ କରିବାରୁ ବଞ୍ଚିତ ହୋଇଥିଲା।

ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଭାରତ ୭ ୱିକେଟ୍ ବିନିମୟରେ ୧୯୦ ରନ ସଂଗ୍ରହ କରିଥିଲା । ଜବାବରେ ଇଂଲଣ୍ଡ ୧୯ ଓଭରରେ ୬ ୱିକେଟ୍ ହରାଇ ଆବଶ୍ୟକ ରନ ସଂଗ୍ରହ କରି ନେଇଥିଲା । ପୂର୍ବରୁ ପ୍ରଥମ ଦିନିକିଆ ବର୍ଷା ଯୋଗୁଁ ବାତିଲ ହୋଇ ଯାଇଥିଲା । ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେବା ଭାରତ ପାଇଁ ମହଙ୍ଗା ପଡିଥିଲା । ସର୍ବକନିଷ୍ଠ ଖେଳାଳି ଭାବେ ବୈଭବ ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ । ହେଲେ ସେ ଆଇପିଏଲ୍ ପ୍ରଦର୍ଶନକୁ ଦୋହରାଇପାରି ନଥିଲେ । ୨ଟି ଛକା ବଳରେ ୧୪ ରନ କରି ସେ ଆଉଟ୍ ହୋଇଥିଲେ । ମାତ୍ର ଅନ୍ୟ ଓପନର ଅଭିଷେକ ଶର୍ମା ଚିରାଚରିତ ବିସ୍ଫୋରକ ବ୍ୟାଟିଂ କରିଥିଲେ । ସେ ୨୪ଟି ବଲ୍‌ରେ ୮ ଚୌକା ଓ ୧ ଛକା ବଳରେ ୪୩ ରନ କରି ପାଭିଲିୟନ ହୋଇଥିଲେ । ଏହାପରେ ଇଶାନ କିଷନ ଓ ଶ୍ରେୟାସ ଆୟରଙ୍କ ମଧ୍ୟରେ ୬୫ ରନ୍‌ର ଭାଗିଦାରୀ ଗଠନ ହୋଇଥିଲା ।

### 'କୌଣସି ଜଣେ ଖେଳାଳି ଦାୟୀ ନୁହନ୍ତୁ'-

ଅଧିନାୟକ ଶ୍ରେୟସ ଆୟର ୧୭ତମ ଓଭର ରବି ବିଷ୍ଣଇଙ୍କୁ ଦେଇଥିଲେ । ଓଭରଟି ଏକ ନୋ-ବଲ୍ ସହିତ ଆରମ୍ଭ ହୋଇଥିଲା, ଯାହା ପରେ ଜ୍ୟାକବ୍ ବେଥେଲ୍ ଏକ ଫ୍ରି ହିଟ୍ ରେ ଛକା ମାରିଥିଲେ। ତା'ପରେ ବିଷ୍ଣଇ ଆଉ ଏକ ନୋ-ବଲ୍ ପକାଇଥିଲେ। ବେଥେଲ୍ ଏହାର ପୂର୍ଣ୍ଣ ଫାଇଦା ଉଠାଇ ଓଭର ସାରା ବଡ଼ ସଟ୍ ମାରିଥିଲେ। ଏହି ଓଭରରେ ଇଂଲଣ୍ଡ ୨୯ ରନ୍ କରିଥିଲା, ଯାହା ମ୍ୟାଚକୁ ସମ୍ପୂର୍ଣ୍ଣ ଭାରତ ନିଜ ସପକ୍ଷରେ କରିଥିଲା । ଶ୍ରେୟସ ଆୟର କହିଛନ୍ତି ଯେ, ସେ ପରାଜୟ ପାଇଁ କୌଣସି ଜଣେ ଖେଳାଳିଙ୍କୁ ଦୋଷ ଦେବାକୁ ଚାହାଁନ୍ତି ନାହିଁ । 'ଆମେ ସମସ୍ତେ ଜାଣୁ ଯେ ମ୍ୟାଚ୍ ଆମ ହାତରୁ କେଉଁଠାରେ ଖସିଗଲା, କିନ୍ତୁ ମୁଁ କୌଣସି ଜଣେ ଖେଳାଳିଙ୍କ ଉପରେ ଆଙ୍ଗୁଠି ଉଠାଇବାକୁ ଚାହୁଁନାହିଁ । ମୁଁ ନିଶ୍ଚିତ ଥିଲି ଯେ ପ୍ରଥମ ନୋ-ବଲ୍ ପରେ ରବି ଏକ ଦୃଢ଼ ପ୍ରତ୍ୟାବର୍ତ୍ତନ କରିବେ। ହଁ, ୧୭ତମ ଓଭର ଆମକୁ କ୍ଷତି ପହଞ୍ଚାଇଥିଲା, କିନ୍ତୁ ଆମେ ଏଥିରୁ ଶିଖିବୁ । ଯୁବ ଇଂଲଣ୍ଡ ବ୍ୟାଟର ଜାକବ ବେଥେଲଙ୍କୁ ପ୍ରଶଂସା କରିଛନ୍ତି ଆୟର । ସେ କହିଥିଲେ ଯେ, ବେଥେଲଙ୍କ ନିର୍ଭୀକ ବ୍ୟାଟିଂ ମ୍ୟାଚ୍ର ଗତିପଥ ବଦଳାଇ ଦେଇଥିଲା ।

## ଆୟୋଜକ କାନାଡା ବିଦା

ହ୍ୟୁଷ୍ଟନ୍: ପ୍ରଥମ ଦଳ ଭାବେ ଉତ୍ତର ଆଫ୍ରିକୀୟ ଦେଶ ମରକ୍କୋ ଚଳିତ ଫିଫା ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛି । ଶନିବାର ରାତିରେ ଖେଳାଯାଇଥିବା ପ୍ରଥମ ପ୍ରିକ୍ୱାର୍ଟରଫାଇନାଲ୍ ମ୍ୟାଚ୍‌ରେ ମରକ୍କୋ ଏକତରଫା ଭାବେ ୩-୦ ଗୋଲ୍‌ରେ ଅନ୍ୟତମ ଆୟୋଜକ ଦେଶ କାନାଡାକୁ ପରାସ୍ତ କରିଛି। ଖେଳାଳିଙ୍କ ଗଣ୍ଡଗୋଳ ଓ ହାତାହାତି ପରିସ୍ଥିତି ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ କାନାଡା ଖେଳାଳି କିନ୍ତୁ ବଲ୍ ନିୟନ୍ତ୍ରଣ, ସମନ୍ୱୟ, ଆକ୍ରମଣ ଆଦିରେ ବହୁ ପଛରେ ପଡିଯାଇଥିଲା। ଆଜେଡିନ୍ ଓନାହିଙ୍କ ଡବଲ୍ ଗୋଲ୍ ଶେଷକୁ ମରକ୍କୋ ପାଇଁ ସ୍ମରଣୀୟ ଅଗ୍ରଗତି ଆଣି ଦେଇଥିଲା।

ବହୁ ବର୍ଷ ପରେ ପ୍ରଥମ ମରକ୍କୋ ଖେଳାଳି ଭାବେ ସେ ଗୋଟିଏ ସଂସ୍କରଣରେ ଦୁଇଟି ଗୋଲ୍ ଦେଇଥିଲେ। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ବିତିବା ପରେ ଉଭୟ ଦଳ ଦ୍ୱିତୀୟାର୍ଦ୍ଧରେ ବିପଜ୍ଜନକ ଖେଳ ଦେଖାଇଥିଲେ। ଫଳରେ ଉଭୟ ଦଳରୁ ୪ ଜଣ ଲେଖାଏଁ ହଳଦିଆ କାର୍ଡ ପାଇଥିଲେ। ତେବେ ଆଜେଡିନ୍ ଓନାହି ୫୦ ଓ ୮୨ ମିନିଟ୍‌ରେ କ୍ରମାଗତ ଗୋଲ୍ ଦେଇ ମରକ୍କୋ ବିଜୟକୁ ନିଶ୍ଚିତ କରିଥିଲେ। ଶେଷକୁ ଷ୍ଟପେଜ୍ ଟାଇମ୍‌ରେ ସେଫିଆନ୍ ରହିମ୍ (୯୦+୮ ମିନିଟ୍)ଙ୍କ ଗୋଲ୍ କାନାଡାର କଟା ଘା'ରେ ଚୂନ ଲେପିବା ଭଳି ହୋଇଥିଲା। ଅନ୍ୟତମ ସହଆୟୋଜକ କାନାଡାକୁ ପ୍ରଥମେ ବିଦାୟ ନେବାକୁ ପଡିଲା। ନିଜ ଇତିହାସରେ ଦ୍ୱିତୀୟ ଥର ପାଇଁ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଯାଇଛି ମରକ୍କୋ।

# ଏମ୍ବାପେଙ୍କ ପେନାଲ୍ଟିରେ ଫ୍ରାନ୍ସ କ୍ୱାର୍ଟରକୁ ଉନ୍ନୀତ



ଫିଲାଡେଲଫିଆ,୫।୭: ଚଳିତଫିଫା ବିଶ୍ୱକପ୍‌ରେ ଗତ ସଂସ୍କରଣର ଉପବିଜେତା ଫ୍ରାନ୍ସ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଯାଇଛି। ତାରକା ଷ୍ଟ୍ରାଇକର୍ ତଥା ଅଧିନାୟକ କିଲିଆନ୍ ଏମ୍ବାପେଙ୍କ ପେନାଲ୍ଟି ଗୋଲ୍ ବଳରେ ଫ୍ରାନ୍ସ ୧-୦ ଗୋଲ୍‌ରେ ପାରାଗୁଏକୁ ପରାସ୍ତ କରିଛି। ଫ୍ରାନ୍ସ ଏବେ ମରକ୍କୋ ସହିତ କ୍ୱାର୍ଟରଫାଇନାଲ୍ ଖେଳିବା ନିଶ୍ଚିତ ହୋଇଛି। ଗତ ରାତିରେ ମରକ୍କୋ ୩-୦ ଗୋଲ୍‌ରେ କାନାଡାକୁ ବିଦାୟ ରାସ୍ତା ଦେଖାଇଥିଲା ୪ ବର୍ଷ ତଳେ କତର ବିଶ୍ୱକପ୍‌ରେ ମରକ୍କୋକୁ ହରାଇ ଫ୍ରାନ୍ସ ଫାଇନାଲ୍‌ରେ ପହଞ୍ଚିଥିଲା। ଏବେ ଏମମାପେଙ୍କ ଦଳ ଏହାକୁ ଦୋହରାଇବା ଆଶାରେ ରହିବ। ରବିବାରର ଗୋଲ୍ ସହ ଏମ୍ବାପେ ମଧ୍ୟ ଗୋଲ୍ଡେନ୍ ବୁଟ୍ ଦେଡରେ ଲିଓନେଲ ମେସିଙ୍କୁ କଡା ଟକ୍କର ଦେଇଛନ୍ତି। ଉଭୟ ଏପର୍ଯ୍ୟନ୍ତ ୭ ଲେଖାଏଁ ଗୋଲ୍ ଦେଇ ଯୁଗ୍ମ ଅଗ୍ରଣୀ ରହିଛନ୍ତି। କିନ୍ତୁ ଅଧିକ ଦୁଇଟି ଗୋଲ୍‌ରେ ଏମ୍ମାପେଙ୍କ ସହଯୋଗ ଥିବାରୁ ସେ ଏହି ଦେଡରେ ଏବେ ଶୀର୍ଷକୁ ଉଠିଯାଇଛନ୍ତି। ଏର୍ଲିଙ୍ଗ୍ ହାଲାଣ୍ଡ୍ ଓ ହ୍ୟାରି କେନ୍ ସମାନ ୫ ଲେଖାଏଁ ଗୋଲ୍ ସହିତ ଯୁଗ୍ମ ଦ୍ୱିତୀୟରେ ରହିଛନ୍ତି ।ଫିଲାଡେଲଫିଆ ଷ୍ଟାଡିୟମ୍‌ରେ ରବିବାର ଭୋରୁ ଖେଳାଯାଇଥିବା ଏହି ମ୍ୟାଚ୍‌ର ଅଧିକାଂଶ ସମୟ ବଲ୍ ଫ୍ରାନ୍ସ ନିୟନ୍ତ୍ରଣରେ ରହିଥିଲା। ବଲ୍ ନିୟନ୍ତ୍ରଣ (୭୬-୨୪) ଓ ସଠିକ୍ ପାସ୍ ପ୍ରତିଶତ (୯୦-୫୭) ଭଳି ଦୁଇଟି ପରିସଂଖ୍ୟାନ ଅନେକ କଥା ଫ୍ରାନ୍ସକୁ ଆଗରେ ରଖିଥିଲା। ଫ୍ରାନ୍ସ ଏକାଧିକ ଗୋଲ୍ ସୁଯୋଗ ସୃଷ୍ଟି କରିଥିଲେ ମଧ୍ୟ ଗୋଲ୍ ଦେବାରେ କିନ୍ତୁ ବିଫଳ ହୋଇଥିଲା। ପାରାଗୁଏ ଗୋଲି ଅର୍ଲାଣ୍ଡୋ ଗିଲ୍‌ଙ୍କ ଚମତ୍କାର ପ୍ରଦର୍ଶନ ବି ଫ୍ରାନ୍ସକୁ ବଞ୍ଚିତ ରଖିଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟରେ ବିତିଥିଲା। ମ୍ୟାଚ୍‌ର ୭୦ତମ ମିନିଟ୍‌ରେ ଡିଜାୟର ଡୋଉଙ୍କ ପ୍ରତିବଂଧକ ସାଜିଥିଲେ ଡିଏଗୋ ଗୋମେଜ। ଭାର ରିଭ୍ୟୁ ପରେ ରେଫରି ଏହାକୁ ପେନାଲ୍ଟି ଦେଇଥିଲେ। ପେନାଲ୍ଟିକୁ ଏମ୍ବାପେ ଗୋଲ୍‌ରେ ପରିଣତ କରିବାରେ କେଣସି ତ୍ରୁଟି କରିନଥିଲେ। ଚତୁର ଏମ୍ମାପେଙ୍କ ଶକ୍ତିଶାଳୀ ସଟ୍ ଆଗରେ ପ୍ରତିପକ୍ଷ ଗୋଲି ଗିଲ୍ ଅପରପାର୍ଶ୍ୱକୁ ପଡି ସମ୍ପୂର୍ଣ୍ଣ ଭାବେ ପରାସ୍ତ ହୋଇଥିଲେ। ଏହା ଏମ୍ବାପେଙ୍କ ୧୯ତମ ବିଶ୍ୱକପ୍ ଗୋଲ୍ ଥିଲା। ଷ୍ଟପେଜ୍ ଟାଇମ୍‌ରେ ଏମ୍ବାପେ ଦୁଇ ଥର ଗୋଲ୍ ମୁହଁରେ ପହଞ୍ଚିଥିଲେ ମଧ୍ୟ ଗିଲ୍ ଏହାକୁ ପଣ୍ଡ କରିଥିଲେ। ଶେଷରେ ଫ୍ରାନ୍ସ କଷ୍ଟକର ବିଜୟ ଅର୍ଜନ କରିଥିଲା।

'ଆମେ ଜାଣିଥିଲୁ କିଭଳି ଖେଳିବାକୁ ଯାଉଛୁ। ଆମେ ସେମାନଙ୍କ ଭଳି ଖରାପ ଫୁଟ୍‌ବଲ୍ ଖେଳିପାରିଥାନ୍ତୁ, କିନ୍ତୁ ତା କରିଲୁ ନାହିଁ। ସେମାନେ ଭାବିଥିଲେ ଆମେ ଭିନ୍ନ ବେଶରେ ଆସି ଖେଳିବୁ, କିନ୍ତୁ ଆମେ ଭଲ ଫୁଟ୍‌ବଲ୍ ଖେଳି ବିଜୟୀ ହେଲୁ। ସେମାନେ ସେଭଳି ଖେଳନ୍ତି, ଏହା ଭୁଲ୍ କି ଠିକ୍ କୁହାଯାଇପାରିବ ନାହିଁ।' ବୋଲି ଏମ୍ମାପେ ମ୍ୟାଚ୍ ପରେ ପ୍ରକାଶ କରିଥିଲେ। ମୋଟାମୋଟି ଭାବେ ପାରାଗୁଏର ଖେଳ ଶୈଳୀକୁ ସେ ପରୋକ୍ଷରେ ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ୨୦୨୨ ସେମିଫାଇନାଲ୍ ଏବଂ ୧୯୯୮ ପ୍ରି-କ୍ୱାର୍ଟରଫାଇନାଲ୍ ପରାଜୟର ପ୍ରତିଶୋଧ ନେବାକୁ ମରକ୍କୋ ରଖିଥିବା ଯୋଜନା ପଣ୍ଡ ହୋଇଯାଇଥିଲା।

## ଅକ୍ଷରଙ୍କ କୀର୍ତ୍ତିମାନ, ବିଷ୍ଣୋଇଙ୍କ ଆଲୋଡା କୀର୍ତ୍ତିମାନ

ଲଣ୍ଡନ୍,୫।୭: ଶନିବାର ରାତିରେ ବିଶ୍ୱ ବିଜେତା ଭାରତୀୟ ଦଳ ଇଂଲଣ୍ଡ ନିକଟରୁ ଦ୍ୱିତୀୟ ଟ୍ୱେଣ୍ଟି-୨୦ରେ ପରାସ୍ତ ହୋଇଛି। ବୈଭବ ସୂର୍ଯ୍ୟବଂଶୀଙ୍କ ପଦାର୍ପଣ ଘଟିଥିବା ଏହି ମ୍ୟାଚ୍ ଅବସରରେ ଦୁଇ ଜଣ ଭାରତୀୟ ଭିନ୍ନ ଭିନ୍ନ ଦୁଇଟି କୀର୍ତିମାନ କରିଛନ୍ତି। ଓଲ୍ଡ ଟ୍ରାଫୋର୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ରବି ବିଷ୍ଣାଇ ଏକ ଅଲୋଡା କୀର୍ତ୍ତିମାନକୁ ନିଜ ନାମକୁ ନେଇଛନ୍ତି। ପୂର୍ଣ୍ଣକାଳୀନ ଆଇସିସି ସଦସ୍ୟ ରାଷ୍ଟ୍ର ମଧ୍ୟରେ ପ୍ରଥମ ସ୍ପିନର୍ ଭାବେ ବିଷ୍ଣାଇ ଏକ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଗୋଟିଏ ଓଭରରେ ୩ଟି ନୋ ବଲ୍ ବୋଲିଂ କରିଥିଲେ। ଫଳରେ ୩ ଛକାର ଶିକାର ହୋଇ ସେ ମୋଟ ୨୯ ରନ୍ ବ୍ୟୟ କରିବାରୁ ଭାରତର ବିଜୟ ସମ୍ଭାବନା ଏହି ଓଭରରେ ଶେଷ ହୋଇଯାଇଥିଲା।



ଅନ୍ୟପକ୍ଷରେ କିନ୍ତୁ ଅକ୍ଷର ପଟେଲ୍ ଏହି ମ୍ୟାଚ୍ ଅବସରରେ ଏକ ବ୍ୟକ୍ତିଗତ ମାଇଲଖୁଣ୍ଟ ଛୁଇଁଥିଲେ। ପ୍ରଥମ ଭାରତୀୟ ସ୍ପିନର୍ ଭାବେ ସେ ଟ୍ୱେଣ୍ଟି-୨୦ ପୁରୁଷ କ୍ରିକେଟ୍‌ରେ ୧୦୦ ୱିକେଟ୍ ପୂର୍ଣ୍ଣ କରିଥିଲେ। ଇଂଲଣ୍ଡ ଅଧିନାୟକ ହ୍ୟାରି ବ୍ରୁକ୍‌ଙ୍କ ବିସ୍ଫାରକ ପାଳିକୁ ଶେଷ କରି ସେ ଏହି ମାଇଲଖୁଣ୍ଟ ଛୁଇଁଥିଲେ। ବ୍ରୁକ୍ (୧୫ ବଲ୍‌ରୁ ୩୯ ରନ୍) ସୁଇପ୍ ସଟ୍ ଖେଳିବାକୁ ଯାଇଥିବାବେଳେ ଈଶାନ କିଶନ୍ ଏକ କ୍ୟାଚ୍ ଆବେଦନ କରିଥିଲେ। ଅମ୍ପାୟାର୍ ମନା କରିଥିଲେ ମଧ୍ୟ ଡିଆର୍‌ଏସ୍ ଜରିଆରେ ଆଉଟ୍ ଘୋଷଣା ହୋଇଥିଲେ। ଅଲ୍‌ଟ୍ରାଏଜ୍‌ରେ ତାଙ୍କ ଗ୍ଲୋଭ୍‌କୁ ବଲ୍ ସ୍ପର୍ଶ କରିଥିବା ପ୍ରମାଣିତ ହୋଇଥିଲା। ୧୦୦ ଟ୍ୱେଣ୍ଟି-୨୦ ୱିକେଟ୍ ନେବାରେ ଅକ୍ଷର ପଟେଲ୍ ଚତୁର୍ଥ ଭାରତୀୟ ହୋଇଥିଲେ। ପୂର୍ବରୁ ଅର୍ଶଦୀପ ସିଂହ (୧୩୪), ଯଶପ୍ରୀତ୍ ବୁମ୍‌ରା (୧୨୧), ହାର୍ଦିକ ପାଣ୍ଡ୍ୟା (୧୧୪) ଏହି କ୍ଲବ୍‌ରେ ଥିଲେ ମଧ୍ୟ ସମସ୍ତଙ୍କ ବୋଲିଂ ଶୈଳୀ ଦ୍ରୁତ ଗତିର ଅନ୍ତର୍ଭୁକ୍ତ। ୨୦୧୫ ମସିହାର ପଦାର୍ପଣ କରିଥିବା ଅକ୍ଷର ପଟେଲ୍ ୯୮ ମ୍ୟାଚ୍‌ରୁ ୨୧.୫୧ ହାରାହାରି ଓ ୭.୩୭ ଇକୋନୋମି ସହ ୧୦୦ ୱିକେଟ୍ ନେଇଛନ୍ତି। ଭାରତର ସବୁଠାରୁ ନିର୍ଭରଯୋଗ୍ୟ ଧଳାବଲ୍ ବୋଲର ଭାବେ ସେ ପରିଚିତ।

## ପଟିଦାରଙ୍କ ପାଇଁ ପାଟି ଖୋଲିଲେ ପଠାନ୍

ନୂଆଦିଲ୍ଲୀ,୫।୭: ୟୁକେ ଗସ୍ତରେ ୪ ମ୍ୟାଚ୍ ଖେଳି ବିଜୟଶୂନ୍ୟ ରହିଥିବା ବିଶ୍ୱବିଜେତା ଭାରତୀୟ ଟ୍ୱେଣ୍ଟି-୨୦ ଦଳର ବ୍ୟାଟିଂ ସମନ୍ୱୟ ନେଇ କିଛି ସୁଚିନ୍ତିତ ସୁପାରିସ କରିଛନ୍ତି ପୂର୍ବତନ ଅଲ୍‌ରାଉଣ୍ଡର୍ ଇର୍ଫାନ୍ ପଠାନ। ଶନିବାର ରାତିରେ ଭାରତୀୟ ଦଳ ଇଂଲଣ୍ଡ ନିକଟରୁ ହାରିଯିବା ପରେ ପଠାନ୍ କହିଛନ୍ତି ଏବେ ଦଳର ବ୍ୟାଟିଂରେ ସନ୍ତୁଳନ ଆଣିବାକୁ ରଜତ ପଟିଦାରଙ୍କ ଉପରେ ନଜର ପକାଇବା ଆବଶ୍ୟକ। ଦଳୀୟ ମ୍ୟାନେଜମେଣ୍ଟ୍ ଏହାକୁ ଗମ୍ଭୀରତାର ସହ ନେବାକୁ ସେ ଅନୁରୋଧ କରିଛନ୍ତି। ଶନିବାର ରାତିରେ ଭାରତୀୟ ଦଳରେ ୭ ଜଣ ବାମହାତୀ ବ୍ୟାଟର୍ ଥିଲେ। ୧୫ ବର୍ଷୀୟ ପଦାର୍ପଣକାରୀ ସୂର୍ଯ୍ୟବଂଶୀ ବି ଏମାନଙ୍କ ତାଲିକାରେ ସଦ୍ୟତମ ବାମହାତୀ ଥିଲେ।



ଏହା ତୁରନ୍ତ କେଣସି ବଡ ସମସ୍ୟା ନଥିଲେ ମଧ୍ୟ ଭବିଷ୍ୟତ ପାଇଁ ଶୁଭଙ୍କର ନୁହେଁ। ପରବର୍ତୀ ଟ୍ୱେଣ୍ଟି-୨୦ ବିଶ୍ୱକପ୍ ପାଇଁ ଢେର ସମୟ ଥିବାରୁ ଡାହାଣହାତୀ ରଜତ ପଟିଦାରଙ୍କ ସମ୍ପର୍କରେ ଚିନ୍ତାର କରିବାର ବେଳ ଆସିଛି ବୋଲି ସେ କହିଛନ୍ତି। କ୍ରମାଗତ ଭାବେ ଆର୍‌ସିବିକୁ ଆଇପିଏଲ୍ ଟ୍ରଫି ବିଜେତା କରିଥିବା ରଜତ ମଧ୍ୟ ବ୍ୟକ୍ତିଗତ ଭାବେ ତାଙ୍କ ବ୍ୟାଟିଂକୁ ପ୍ରଭାବିତ ହେବାକୁ ଦେଇନାହାନ୍ତି। ୨୦୨୬ ଆଇପିଏଲ୍ ଋତୁରେ ସେ ୧୯୨.୬୯ ଷ୍ଟ୍ରାଇକ୍ ରେଟ୍‌ରେ ୧୪ ପାଳିରୁ ୫୦୧ ରନ୍ ସଂଗ୍ରହ କରିଥିଲେ। ଭାରତ ପାଇଁ ୩ ଟେଷ୍ଟ ଏବଂ ଗୋଟିଏ ଦିନିକିଆ ଖେଳିଥିବା ୩୩ ବର୍ଷୀୟ ପଟିଦାର କିନ୍ତୁ ଏ ପର୍ଯ୍ୟନ୍ତ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ପଦାର୍ପଣ କରିନାହାନ୍ତି।

## ବାବର ଆଜମ ପାକିସ୍ତାନ ଅଧିନାୟକ

ନୂଆଦିଲ୍ଲୀ,୫/୭ : ପାକିସ୍ତାନ କ୍ରିକେଟ ବୋର୍ଡ଼ ପୁଣି ଥରେ ଷ୍ଟାର୍ ବ୍ୟାଟର ଆଜମଙ୍କୁ ପାକିସ୍ତାନ ଟେଷ୍ଟ ଟିମର ଅଧିନାୟକ ନିଯୁକ୍ତ କରିଛି । ପିସିବି ୨୦୨୩ରେ ବାବର ଆଜମଙ୍କଠାରୁ ଅଧିନାୟକତ୍ୱ ଛଡ଼ାଇ ଶାନ ମସୁଦଙ୍କୁ ଦେଇଥିଲା । କିନ୍ତୁ ମସୁଦଙ୍କ ନେତୃତ୍ୱରେ ପାକ୍ ଟିମ୍ ବାରମ୍ବାର ଖରାପ ପ୍ରଦର୍ଶନ କରୁଥିଲା । ଏବେ ପୁଣି ଥରେ ବୋର୍ଡ଼ ବାବର ଆଜମଙ୍କୁ ଟେଷ୍ଟ ଅଧିନାୟକ କରି ଦେଇଛି । ପିସିବି ଓ୍ୱେଷ୍ଟଇଣ୍ଡିଜ ଏବଂ ଇଂଲଣ୍ଡ ଟେଷ୍ଟ ସିରିଜ ଲାଗି ପାକିସ୍ତାନ ଟିମର ଘୋଷଣା କରିଛି । ଷ୍ଟାର୍ ଦ୍ରୁତବୋଲର ଶାହୀନ ଅଫରୀଦୀଙ୍କୁ ଟିମରୁ ବାହାର କରି ଦିଆଯାଇଛି । ସେହିଭଳି ହସନ ଅଲୀ ଏବଂ ନେମାନ ଅଲୀଙ୍କୁ ବି ଏହି ଉଭୟ ସିରିଜ ଲାଗି ଟିମରେ ସ୍ଥାନ ମିଳିପାରିନାହିଁ । ଶାନ ମସୁଦଙ୍କ ଅଧିନାୟକତ୍ୱରେ ପାକିସ୍ତାନ ୧୬ଟେଷ୍ଟ ମ୍ୟାଚ୍ ଖେଳିଛି । ଏହି ସମୟରେ ତାକୁ ୧୨ ଟେଷ୍ଟରେ ପରାଜୟର ସାମ୍ନା କରିବାକୁ ପଡ଼ିଛି । ନିକଟରେ ପାକ୍ ଟିମକୁ ବାଂଲାଦେଶ ବିପକ୍ଷରେ ବି ଟେଷ୍ଟ ସିରିଜ ହାରିବାକୁ ପଡ଼ିଥିଲା । ଏହାସହ ସାଉଥ



ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ବିପକ୍ଷରେ ହୋଇଥିବା ଟେଷ୍ଟ ସିରିଜରେ ବି ପାକ୍ ଟିମ୍ ପରାଜୟ ହୋଇଥିଲା । ପିସିବି ଓ୍ୱେଷ୍ଟଇଣ୍ଡିଜ ସିରିଜ ଲାଗି ୧୬ସଦସ୍ୟ ଟିମର ଘୋଷଣା କରିଛି । ମାତ୍ର ଇଂଲଣ୍ଡ ଗସ୍ତ ଲାଗି ସଉଦ ସକିଲଙ୍କୁ ୧୭ତମ ଖେଳାଳୀ ଭାବେ ଟିମରେ ରଖାଯାଇଛି । କିନ୍ତୁ ଶକୀଲଙ୍କୁ ଟିମରେ ସାମିଲ ହେବା ପୂର୍ବରୁ ଫିଟନେସ ଟେଷ୍ଟରେ ସାମିଲ ହେବାକୁ ପଡ଼ିବ । ଚୟନକର୍ତ୍ତା ଟିମରେ ୪ଯୁବ ଖେଳାଳୀଙ୍କୁ ପ୍ରଥମ ଥର ସାମିଲ କରିଛନ୍ତି । ଏହି ୪ ଖେଳାଳୀ ବାମ ହାତୀ ସ୍ପିନର ଅଲୀ ଉସ୍ମାନ, ବ୍ୟାଟର ମୁହମ୍ମଦ ଅବେସ ଜଫର, ଦ୍ରୁତ ବୋଲର ଉବେଦ ଶାହ ଏବଂ ୱିକେଟକିପର- ବ୍ୟାଟର ମୁହମ୍ମଦ ଗାଜୀ ଗୋରୀ ଅଟନ୍ତି । ପାକିସ୍ତାନ ଟିମ୍ ପ୍ରଥମେ ଓ୍ୱେଷ୍ଟଇଣ୍ଡିଜ ଯିବ । ଓ୍ୱେଷ୍ଟଇଣ୍ଡିଜରେ ପାକ୍ ଟିମ୍ ଦୁଇଟି ଟେଷ୍ଟ ମ୍ୟାଚ୍ ଖେଳିବ । ଏହି ସିରିଜର ପ୍ରଥମ ଟେଷ୍ଟ ୨୫ରୁ ୨୯ଜୁଲାଇ ପର୍ଯ୍ୟନ୍ତ ଖେଳାଯିବ । ସେହିଭଳି ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ୨ରୁ ୬ଅଗଷ୍ଟ ପର୍ଯ୍ୟନ୍ତ ପୋର୍ଟ ଅଫ ସ୍ପେନରେ ହେବ । ଏହାପରେ ପାକ୍ ଟିମ୍ ୩ମ୍ୟାଚର ଟେଷ୍ଟ ସରିଜ ଲାଗି ଇଂଲଣ୍ଡ ଯିବ । ଏହି ୩ ଟେଷ୍ଟ ମ୍ୟାଚ୍ ୧୯ଅଗଷ୍ଟରୁ ୧୩ସେପ୍ଟେମ୍ବର ମଧ୍ୟରେ ଲିଡ୍ସ, ଲର୍ଡସ ଏବଂ ବର୍ମିଂହମରେ ଖେଳାଯିବ ।

ଓ୍ୱେଷ୍ଟଇଣ୍ଡିଜ ଏବଂ ଇଂଲଣ୍ଡ ଗସ୍ତ ଲାଗି ପାକିସ୍ତାନର ଟେଷ୍ଟ ଟିମ୍ – ବାବର ଆଜମ( ଅଧିନାୟକ), ଅମୀର ଜମାଲ, ଅବ୍ଦୁଲ୍ଲା ଫଜଲ, ଅଲୀ ଉସ୍ମାନ, ଅଜାନ ଅବେସ, ଇମାମ ଉଲ ହକ, ଖୁରମ ଶାହଜାଦ, ମହମ୍ମଦ ଅବ୍ବାସ, ମହମ୍ମଦ ଅଲୀ, ମହମ୍ମଦ ରିଜ୍ୱାନ(ୱିକେଟକିପର), ମହମ୍ମଦ ଅବେସ ଜାଫର, ମହମ୍ମଦ ଗାଜୀ ଗୋରୀ(ୱିକେଟକିପର), ସାଜିଦ ଖାନ, ସଲମାନ ଅଲୀ ଆଗ, ଶାନ ମସୁଦ ଏବଂ ଉବେଦ ଶାହ(ଫିଟନେସ ଟେଷ୍ଟ ପାସ୍ କରିବା ପରେ ସଉଦ ଶକୀଲ ଇଂଲଣ୍ଡ ଗସ୍ତ ଲାଗି ଟିମର ଭାଗିଦାରୀ ହେବେ) ।

## ବେଲ୍‌ଜିୟମ୍ ଗସ୍ତରେ ଅନମୋଲଙ୍କ ଦଳ

ଭୁବନେଶ୍ୱର୫।୭:: ଆଗାମୀ କନିଷ୍ଠ ଏସିଆ କପ୍ ଏବଂ ଅନ୍ୟ ଅନ୍ତର୍ଜାତୀୟ ସୂଚୀ ପୂର୍ବରୁ ଭାରତୀୟ ଯୁବ ହକି ଦଳ ଏବେ ୧୦ ଦିନିଆ ବେଲ୍‌ଜିୟମ ଗସ୍ତରେ ରହିଛି। ପ୍ରସ୍ତୁତିର ଅଂଶବିଶେଷ ଭାବେ ଏହି ଏକ୍ସପୋଜର ଗସ୍ତ ରଖିଛି ହକି ଇଣ୍ଡିଆ। ଘୋଷିତ ୨୪ ଜଣିଆ ଦଳରେ ଓଡିଶାରୁ ୯ ଜଣ ସ୍ଥାନ ପାଇବା ଏବଂ ଅନମୋଲ୍ ଏକ୍କା ଅଧିନାୟକ ନିଯୁକ୍ତ ହେବା ସବୁଠାରୁ ବଡ କଥା। ଏହି ଗସ୍ତରେ ଭାରତୀୟ ଯୁବ ଦଳ ଜୁଲାଇ ୭ରୁ ୧୭ ମଧ୍ୟରେ ମୋଟ ୬ ମ୍ୟାଚ୍ ଖେଳିବ।

ଦଳ ଭଲ କରିବ: ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜ

ଅଷ୍ଟ୍ରିଆ, ବେଲ୍‌ଜିୟମ୍, ଜର୍ମାନୀ ଓ ନେଦରଲାଣ୍ଡ୍‌ସ ବିପକ୍ଷରେ ଏହି ମ୍ୟାଚଗୁଡିକ ଖେଳିବ। ଦଳ ଭଲ କରିବ ବୋଲି ନୂଆ ପ୍ରଶିକ୍ଷକ ଫ୍ରେଡେରିକ୍ ସୋୟେଜ ଆଶା ପ୍ରକଟ କରିଛନ୍ତି। ଶନିବାର ରାତିରେ ଭାରତୀୟ ଦଳ ବେଙ୍ଗାଲୁରୁର କେମ୍‌ପେଗେଡା ଅନ୍ତର୍ଜାତୀୟ ବିମାନବନ୍ଦରରୁ ବେଲଜିୟମ୍ ଗସ୍ତ କରିଛି ।ଭାରତୀୟ କନିଷ୍ଠ ପୁରୁଷ ହକି ଦଳ: ଗୋଲରକ୍ଷକ-ବିବେକ ଲାକ୍ରା,



କୁନାଲ ତିୱାରିଆ। ଡିଫେଣ୍ଡର୍ସ-ଅନମୋଲ୍ ଏକ୍କା, ରୋହିତ କୁଲ୍ଲୁ, ଚିରାଗ, ରବିନ୍ଦର, ପ୍ରଶାନ୍ତ ବାର୍ଲା, ସଂଜିତ ତିର୍କି, ଭି ମଣିମାରାନ, ମିଡ୍‌ଫିଲ୍ଡର୍ସ: ଆଦ୍‌ରୋହିତ ଏକ୍କା, ହରପାଲ୍, ଜିତପାଲ୍, ମୁକେଶ ଟୋପ୍ପୋ, ମନୁ ମଲ୍ଲିକ, ରିତିକ ଲାକ୍ରା। ଫରୱାର୍ଡସ-ଅଜିତ ଯାଦବ, ପ୍ରଭଦୀପ ସିଂହ, ଅର୍ଜୁନ ହରଗୁଡ, ଆର୍ଯ୍ୟନ ଖେସ୍, ଲଭେନୁର୍ ସିଂହ, ମହମ୍ମଦ କୋନାଇଁ ଡାଡ, ଗୁରୁସେବକ ସିଂହ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ